
ଉଦିତାଙ୍କୁ ଜୀବନସାଥୀ କଲେ ମନଦୀପ
ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 33 | ISSUE 1 | ଭାଗ ୩୩ | ସଂଖ୍ୟା ୧ | Bhubaneswar | Sunday 23 March 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୨୩ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଖୁବଶୀଘ୍ର ଆସିବ ନୂଆ ଜଳ ନୀତି

# ମହାନଦୀ ଜଳ ବିବାଦର ହେବ ଆପୋଷ ସମାଧାନ

**ଭୁବନେଶ୍ୱର,୨୨।୩(ସଂଚାର ବ୍ୟୁରୋ):** ଜଳ ସଂରକ୍ଷଣ, ଜଳ ପରିଚାଳନାରେ ସରକାରଙ୍କର ସବୁଠାରୁ ବଡ଼ ଭୂମିକା ରହିଛି।କିନ୍ତୁ ଏଥିରେ ବ୍ୟକ୍ତିଗତ ସ୍ତରରେ ତଥା ଗୋଷ୍ଠୀଗତ ସ୍ତରରେ ସମସ୍ତେ ନିଜ ନିଜ ଯୋଗଦାନ ରଖିବା ନିତାନ୍ତ ଆବଶ୍ୟକ। ଓଡ଼ିଶା ସହ ଜଳକୁ ନେଇ ଯେଉଁଠି ବି

- ବିଶ୍ୱ ଜଳ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ୧୨୨୭ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ
- ଶହେ ଚେକ୍ ଡ୍ୟାମ ଓ ୪ ଭୂତଳ ପାଇପ୍‌ଲାଇନ୍ ଲୋକାର୍ପିତ
- ୨୦୨୯ ସୁଦ୍ଧା ଆହୁରି ୧୫ ଲକ୍ଷ ହେକ୍ଟର ଜମି ଜଳସେଚିତ ହେବ

ବିବାଦ ଅଛି, ତାକୁ ଆମ ସରକାର ଗୁରୁତର ସହ ନେଇଛି। ସେସବୁ ସମସ୍ୟାର ତୁରନ୍ତ ସମାଧାନ ହେବ। ବିଶେଷକରି ଛତିଶଗଡ଼ ସହ ରହିଥିବା ମହାନଦୀ ବିବାଦର ତ୍ୱରିତ ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭରସା ଦେଇଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଶ୍ୱ ଜଳ ଦିବସ ଅବସରରେ ସ୍ଥାନୀୟ ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରଠାରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ସମାରୋହରେ ଯୋଗଦେଇ କହିଛନ୍ତି ଯେ କେନ୍ଦ୍ର ସହ ଛତିଶଗଡ଼ ଓ ଓଡ଼ିଶାରେ ଏବେ ଟ୍ରିପଲ୍ ଇଞ୍ଜିନ୍ ସରକାର କ୍ଷମତାରେ ରହିଛି। ତେଣୁ ମହାନଦୀ ଜଳ ବିବାଦର ସମାଧାନ ଆପୋଷ ବୁଝାମଣା ମାଧମରେ ଖୁବ୍ ଶୀଘ୍ର ହେବ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବ୍ୟବହାରଯୋଗ୍ୟ ଜଳର ଉପଲବ୍ଧତା ନେଇ ବିଶ୍ୱ ପାଣିପାଗ ସଂଘ ଆଶଙ୍କା ପ୍ରକାଶ କରିଛି। ଗତ ୨୦ ବର୍ଷ ଧରି ମାଟିର ଆର୍ଦ୍ରତା ଓ ଗ୍ଲାସିଆରରେ ଗଚ୍ଛିତ ଜଳର ପରିମାଣ କମୁଥିବା ଲକ୍ଷ୍ୟ କରାଯାଇଛି। ଏସବୁ ଦୃଷ୍ଟିକୋଣରୁ ଆଗାମୀ ଦିନରେ ଜଳ ସଂରକ୍ଷଣ ଓ ଜଳକୁ ପ୍ରଦୂଷଣ ମୁକ୍ତ ରଖିବା ଅପରିହାର୍ଯ୍ୟ। ୨୦୨୧ ମସିହା ତଥ୍ୟ ଅନୁଯାୟୀ, ୨୨୦ କୋଟିରୁ ଊର୍ଦ୍ଧ୍ୱ ଲୋକ ଜଳସଙ୍କଟର ସମ୍ମୁଖୀନ ହେଉଛନ୍ତି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିଶୁଦ୍ଧ ଜଳ ଯୋଗାଇଦେବା ସହିତ ଏହାର ଉପଯୋଗିତା ବିଷୟରେ ଜନସଚେତନତା ସୃଷ୍ଟି ପାଇଁ ବିଶ୍ୱ ଜଳ ଦିବସ ପାଳନ କରାଯାଉଛି। ଆଗାମୀ ଦିନରେ କିଭଳି ଜଳ ସଂରକ୍ଷଣ ଓ ଜଳ ପରିଚାଳନାର ସୁବନ୍ଦୋବସ୍ତ ହୋଇପାରିବ, ସେଦିଗରେ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ଆଗାମୀ ୨୦୨୯ ସୁଦ୍ଧା ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦେବାର ଲକ୍ଷ୍ୟ ରହିଛି। ଜଳସମ୍ପଦର ସୁରକ୍ଷା ଓ ଏହାର ସୁପରିଚାଳନା ପାଇଁ ଚଳିତ ବର୍ଷ ବଜେଟରେ ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ନୂତନ ଜଳ ନୀତି କାର୍ଯ୍ୟକାରୀ ହେବ। ଏଥିସହିତ ପଟୁ ଜମିଯାଇଥିବା ଓ ପ୍ରଦୂଷିତ ନଦୀ ନାଳର ପୁନରୁଦ୍ଧାର କରାଯିବ। ଜଳ ସଂରକ୍ଷଣ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୯ଟି ବୃହତ, ୪୮ଟି ମଧ୍ୟମ ଓ ୩୮୫୩ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ଆପାତତଃ ୨୪.୬୫ ବିଲିୟନ୍ କ୍ୟୁବିକ୍ ମିଟର ଜଳ ସଂରକ୍ଷଣ କରାଯାଇଛି।

ରାଜ୍ୟରେ ୧୬୭୦୪ଟି ଆଡି ବନ୍ଧ (ଚେକ ଡ୍ୟାମ) ନିର୍ମାଣ କରାଯାଇଥିବା ବେଳେ ବିଭିନ୍ନ ନଦୀରେ ୭୨ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଦ୍ୱାରା ୬୫୭୯୨ ହେକ୍ଟର ମିଟର ଜଳ ସଂରକ୍ଷଣ ଯୋଜନା କରାଯାଇଛି। ସେଥିରୁ ୨୨ଟି ନିର୍ମାଣାଧୀନ ଥିବା ବେଳେ ୬ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏହା ଜଳବାୟୁ ପରିବର୍ତ୍ତନଜନିତ କୁପ୍ରଭାବ ରୋକିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୮୦ କୋଟି ଟଙ୍କା ବ୍ୟୟରେ ୨୦ଟି ଜିଲ୍ଲା ପାଇଁ କରାଯାଇଥିବା ୧୦୦ ଟି ଚେକ୍ ଡ୍ୟାମ୍‌ର ଲୋକାର୍ପଣ କରିବା ସହ ୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କେନ୍ଦୁଝର ଜିଲ୍ଲାର ଘାସିଡ଼ିହି ଏମ୍‌ଆଇପି, ଗଞ୍ଜାମ ଜିଲ୍ଲାର ବିଲୁଆମରା ଏମ୍‌ଆଇପି, ଗଜପତି ଜିଲ୍ଲାର କୁରଲଣ୍ଡା ଏମ୍‌ଆଇପି ଓ ମୟୂରଭଞ୍ଜ ଜିଲ୍ଲାର ବାଘିଆ ଏମ୍‌ଆଇପିର ୬୧.୫୩ କୋଟି ବ୍ୟୟରେ ହୋଇଥିବା ଭୂତଳ ପାଇପ୍‌ଲାଇନ୍ ନେଟ୍‌ୱାର୍କର ଲୋକାର୍ପଣ କରିଛନ୍ତିତ କରିଛନ୍ତି। ଏହାଛଡ଼ା ଅନୁଗୁଳ, କେନ୍ଦୁଝର, ଢେଙ୍କାନାଳ, ମୟୂରଭଞ୍ଜ ଜିଲ୍ଲାର ୨୭,୩୩୭ ହେକ୍ଟର ଉଚ୍ଚ ଚାଷଜମିକୁ ଜଳସେଚନ ସୁବିଧା ପାଇଁ ➪ପୃଷ୍ଠା-୬



### ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

ସମ୍ପ୍ରତି ଓଡ଼ିଶା ଗସ୍ତରେ ଥିବା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗ ସହ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମହାନଦୀ ଜଳ ବିବାଦ ସମ୍ପର୍କରେ ବି ଆଲୋଚନା ହୋଇଛି। ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏହି ବିବାଦର ଆପୋଷ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି। ଦୁଇ ରାଜ୍ୟ ପରସ୍ପରର ➪ପୃଷ୍ଠା-୬

---




**ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିସଭା**

# ସମ୍ବଳ ଅଭାବ ସତ୍ତ୍ୱେ ସଂଗଠନ ସଜାଡ଼ିଥିଲେ

**ଭୁବନେଶ୍ୱର,୨୨।୩(ସଂଚାର ବ୍ୟୁରୋ):** ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହୋଇଛି। ସ୍ମୃତି ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ମଧ୍ୟପ୍ରଦେଶ ଉପମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଲା, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ, ବିଜେପି, ବିଜେଡି, କଂଗ୍ରେସ ଓ ଆପ୍‌ର ବହୁ ବରିଷ୍ଠ ନେତା ଯୋଗଦେଇ ଡାକ୍ତର ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ।

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ, ଡା. ପ୍ରଧାନ କେନ୍ଦ୍ରମନ୍ତ୍ରୀ ଥିବା ସମୟରେ ଅନେକ ଥର ଛତିଶଗଡ଼ ଗସ୍ତ କରିଥିଲେ । ସେ ସମୟରେ ମୁଁ ବିଧାୟକ ଥିଲି। ଦଳର ଅନେକ କାର୍ଯ୍ୟକ୍ରମରେ ତାଙ୍କର ମାର୍ଗଦର୍ଶନ ପାଇଛି। ମୁଁ ଯେତେବେଳେ ପ୍ରଥମ ଥର ପାଇଁ ୧୯୯୦ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲି, ସେ ସମୟରେ ରାୟଗଡ଼ାରେ ଆୟୋଜିତ ଏକ ସମାବେଶରେ ମୁଖ୍ୟ ଅତିଥି ସ୍ୱର୍ଗତଃ ଡା. ପ୍ରଧାନ। ସେହି ସମୟରେ ତାଙ୍କ ସହ ପ୍ରଥମ ଥର ଭେଟ ହୋଇଥିଲା। ତାଙ୍କ ସୁପୁତ୍ର ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଛତିଶଗଡ଼ର ସଂଗଠନର ଲମ୍ବା ସମୟ ପର୍ଯ୍ୟନ୍ତ ପ୍ରଭାରୀ ଦାୟିତ୍ୱରେ ରହିଥିଲେ। ସେହିପରି ମଧ୍ୟପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଶ୍ରୀ ଶୁକ୍ଲା କହିଥିଲେ ଯେ ଡା. ପ୍ରଧାନଙ୍କ ଯୋଗଦାନକୁ ବିଜେପି କେବେ ଭୁଲିପାରିବ ନାହିଁ। ଓଡ଼ିଶା ରାଜ୍ୟ ବିଜେପି ସଭାପତି ଓ କେନ୍ଦ୍ରମନ୍ତ୍ରୀ ଭାବେ ସେ ଅନେକ ବିକାଶମୂଳକ କାମ କରିଛନ୍ତି।

କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଥିଲେ ଯେ ବିଜେପିରେ ୧୯୮୦ରୁ କାମ କରୁଛି। ବିଜେପି ଯୁବ ମୋର୍ଚ୍ଚାର ରାଷ୍ଟ୍ରୀୟ ସ୍ତରର ଦାୟିତ୍ୱ ନେବା ସମୟରେ ଓଡ଼ିଶା ଗସ୍ତରେ ଆସିବା ବେଳେ ଡା. ପ୍ରଧାନଙ୍କ ସହ ଅନେକ ଥର ଭେଟ ହୋଇଛି। ତାଙ୍କ ପାଖରୁ ଅନେକ କଥା ଶିଖିବାର ସୁଯୋଗ ମିଳିଛି। ସେ ଜଣେ ସରଳ ଓ ସ୍ୱଚ୍ଛ ହୃଦୟର ବ୍ୟକ୍ତି ➪ପୃଷ୍ଠା-୬



**ସିଏମ୍‌ସିରେ ଦୁର୍ନୀତି ଅଭିଯୋଗ**

## ଜିମ୍ ଯନ୍ତ୍ରାଂଶ କିଣାରେ ଜାଲିଆତି ଗନ୍ଧ

**କଟକ,୨୨।୩ (ସଂଚାର ବ୍ୟୁରୋ):** କଟକ ମ୍ୟୁନିସିପାଲଟି କର୍ପୋରେସନ (ସିଏମ୍‌ସି) ରେ ଜିମ୍ ଯନ୍ତ୍ରାଂଶ କିଣାରେ ବଡ଼ ଘୋଟଲା ଅଭିଯୋଗ ହୋଇଛି। ସବୁ ନିୟମକୁ ମୋଡ଼ିମକଚି ସିଏମସି ସିଟି ଇଞ୍ଜିନିୟର ୫ କୋଟି ଟଙ୍କାର ଜିମ ଯନ୍ତ୍ରାଂଶ କିଣିବା ପାଇଁ କାର୍ଯ୍ୟାଦେଶ ଦେବାକୁ ନେଇ ଦେଖାଦେଇଛି ବିବାଦ। ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ଏଥିରେ ଦୁର୍ନୀତିର ଗନ୍ଧ ବାରିଛନ୍ତି ବିରୋଧୀ କର୍ପୋରେଟର୍।ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଥିବା ବେଳେ ସିଟି ଇଞ୍ଜିନିୟର ଓ ତତ୍କାଳୀନ କମିଶନରଙ୍କ ଭୂମିକାକୁ ନେଇ ସନ୍ଦେହ ଉପୁଜିଛି ।

ସିଏମ୍‌ସି ସିଟି ଇଞ୍ଜିନିୟରଙ୍କ ଚିଠିକୁ ନେଇ ଏହି ସନ୍ଦେହ ସୃଷ୍ଟି ହୋଇଛି। ଗତ ବର୍ଷ ଫେବୃଆରୀ ୧୬ ତାରିଖରେ ହୋଇଥିବା ଏହି ଚିଠିରେ ଉଲ୍ଲେଖ ରହିଛି ରାଜ୍ୟ ବାହାରର ଏକ ଘରୋଇ ସଂସ୍ଥାକୁ ୫ କୋଟି ଟଙ୍କାର ଜିମ ଯନ୍ତ୍ରାଂଶ କିଣିବା ପାଇଁ କାର୍ଯ୍ୟାଦେଶ ମିଳିଛି। ➪ପୃଷ୍ଠା-୬

## ବାଲି ଉଠାଣ ପାଇଁ ଜାରି ହେଲା ଏସ୍‌ଓପି

- ପଞ୍ଚାୟତକୁ ଦିଆଗଲା ପରିଚାଳନା ଦାୟିତ୍ୱ
- ବାଲି ଖାଦାନରେ ଲାଗିବ ସିସିଟିଭି

**ଭୁବନେଶ୍ୱର,୨୨।୩(ସଂଚାର ବ୍ୟୁରୋ):** ଗ୍ରାମୀଣ ଘର ନିର୍ମାଣ ପାଇଁ ବାଲି ଯୋଗାଣ ନେଇ ଆସିଲା ଏସ୍‌ଓପି। ଆଜି ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଏହା ଜାରି ହୋଇଛି। ବାଲି ଖାଦାନ ପରିଚାଳନା କରିବ ପଞ୍ଚାୟତ ସମିତି। କେତେ ବାଲି ଦରକାର ତାହା ଆକଳନ କରିବେ ବିଡିଓ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ କମିଟି ଗଠନ ହେବ। ଏଥିରେ ୧୨ ଜଣ ସଦସ୍ୟ ରହିବେ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲାସ୍ତରୀୟ କମିଟିରେ ଏସପି, ଡିଏଫଓ, ଏଡିଏମ, ଜିଲ୍ଲା ଖଣି ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ଦୁଇ ଜଣ ବିଡିଓ ଓ ଦୁଇ ଜଣ ତହସିଲଦାର ସଦସ୍ୟ ଭାବେ ରହିବେ। ଏହି କମିଟିର ଆବାହକ ରହିବେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ। ବ୍ୟକ୍ତିଗତ ଗ୍ରାମୀଣ ଘର ନିର୍ମାଣ ପାଇଁ ଆବଶ୍ୟକ ବାଲି ଆକଳନ କରି ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରିବେ। ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତାହାକୁ ଜିଲ୍ଲାସ୍ତରୀୟ କମିଟି ଆଗରେ ଉପସ୍ଥାପନା କରିବେ। ଜିଲ୍ଲାସ୍ତରୀୟ କମିଟି ବାଲି ଉତ୍ସ ଚିହ୍ନଟ କରିବେ। ପରେ ବିଡିଓଙ୍କୁ ୫ ବର୍ଷ ପାଇଁ ସେହି ସୋର୍ସର ଦାୟିତ୍ୱ ଦିଆଯିବ। ହିତାଧିକାରୀଙ୍କୁ ରିଲିଜ ଅର୍ଡର ଦେବେ ବିଡିଓ। ପରିଚାଳନା ପାଇଁ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଏକ କମିଟି ରହିବ। ଜିଲ୍ଲା ଖଣି ଅଧିକାରୀ ବାଲି ଉଠାଣ ପାଇଁ ଖନନ ପ୍ଲାନ ପ୍ରସ୍ତୁତ କରିବେ। ➪ପୃଷ୍ଠା-୬

---



**କାନ ଡେରିଥା**

ପିଡିଏସ୍ ଚାଉଳ ଖାଇଗଲେ
ନେତ୍ରୀ
ଏବେ ଯେ ଧରା ପଡିଲେ
ନିଅଣ୍ଟିଆ ଭାବ ଜାଗ୍ରତ ହୋଇଲା
ନିଜେ ଗରୀବ ହୋଇଲେ
ଯଦି ଚାଉଳ ଖାଇଲେ...
ପିସି କାରବାର କେତେ କରିଥିବେ
ତଦନ୍ତ ହେବ ହାଉଲେ

■ ଦେବାଶିଷ

## ୨୦୨୬-୨୭ରେ ନୂଆ ସିଲାବସ୍

**ଏନଇପି ଅନୁସାରେ ନୂତନ ପାଠ୍ୟକ୍ରମ ଢାଞ୍ଚା**

**ଭୁବନେଶ୍ୱର,୨୨।୩(ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସିଲାବସ୍ ବଦଳିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପାଠ୍ୟକ୍ରମ ଆସିବ। ଏହା ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ ଲାଗୁ ହେବ ବୋଲି ଆଜି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ରାଜ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦ (ଏନ୍‌ଇପି) ଲାଗୁ ହୋଇଥିବା ବେଳେ ଏହି ଅନୁସାରେ ନୂତନ ପାଠ୍ୟକ୍ରମର ଢାଞ୍ଚା ପ୍ରସ୍ତୁତ ହେବ। ନୂଆ ସିଲାବସ୍‌ରେ ଭାଷା, ସଂସ୍କୃତି, ଐତିହ୍ୟକୁ ଅଧିକ ଗୁରୁତ୍ୱ ମିଳିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ଏଥିସହ ରାଜ୍ୟର ବିଭିନ୍ନ ସ୍କୁଲରେ ପିଲାଙ୍କ ଆଡମିଶନକୁ ନେଇ ରହିଥିବା ଦ୍ୱନ୍ଦ୍ୱକୁ ମଧ୍ୟ ମନ୍ତ୍ରୀ ଶ୍ରୀ ଗଣ୍ଡ ଦୂର କରିଛନ୍ତି। ଆସନ୍ତା ୩୧ ନୁହେଁ, ବରଂ ସେପ୍ଟେମ୍ବର ପହିଲା ସୁଦ୍ଧା ପିଲାଙ୍କୁ ୬ ବର୍ଷ ପୂରିଥିଲେ, ସେମାନେ ଆଡମିଶନ୍ କରିପାରିବେ। ସେ କହିଛନ୍ତି ଯେ କେନ୍ଦ୍ରର ନିୟମ ଅନୁସାରେ ୩୧ ମାର୍ଚ୍ଚ ସୁଦ୍ଧା ପିଲାଙ୍କୁ ୬ ବର୍ଷ ହେଲେ ଆଡମିଶନ୍ ନେଇପାରିବେ। କିନ୍ତୁ ଓଡ଼ିଶାରେ ଏହି ନିୟମକୁ କୋହଳ କରାଯାଇଛି। ୩୧ ମାର୍ଚ୍ଚ ନୁହେଁ ୧ ସେପ୍ଟମ୍ବର ସୁଦ୍ଧା ୬ ବର୍ଷ ହେଲେ ସ୍କୁଲରେ ନାମ ଲେଖାଇପାରିବେ। ଯେପରି କେହି ବି ପିଲା ବାଦ୍ ନ ପଡ଼ିବେ, ସେନେଇ ବ୍ୟବସ୍ଥା କରାଯାଉଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ଦୋହରାଇଛନ୍ତି।

## ଆହୁରି ୨୪ ଘଣ୍ଟା ପ୍ରବଳ ବର୍ଷିବ

**ଭୁବନେଶ୍ୱର,୨୨।୩(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଲାଗି ରହିଛି ପ୍ରବଳ ବର୍ଷା । ଉପକୂଳରୁ ଆଭ୍ୟନ୍ତରୀଣ ସବୁଠି ବର୍ଷା ହେଉଛି । ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ଘଣ୍ଟାପ୍ରତି ୫୦-୬୦ କିମି ବେଗରେ ବହୁଛି । ସେହିପରି ଅନେକ ସ୍ଥାନରେ କୁଆପଥର ବର୍ଷା ମଧ ହେଉଛି । ଆହୁରି ୨୪ ଘଣ୍ଟା ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା । ସେହିପରି ୨୪ ତାରିଖ ଯାଏଁ ବର୍ଷା ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ରହିବ । ସେହିପରି ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ ଓ ସୁନ୍ଦରଗଡ଼ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ କୁଆପଥର ବର୍ଷା ହେବ । ଏହା ସହ ➪ପୃଷ୍ଠା-୬

**● ୧୦ ମାସ ପରେ ବାରବାଟୀକୁ ଫେରିବ ଅନ୍ତର୍ଜାତୀୟ ମ୍ୟାଚ୍ ।**

## ଡିସେମ୍ବରରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦!

**ଭୁବନେଶ୍ୱର,୨୨।୩(ସଂଚାର ବ୍ୟୁରୋ):** ଗତ ଫେବୃଆରୀ ୯ ତାରିଖରେ ରାଜ୍ୟର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଦର୍ଶକମାନେ ଭାରତୀୟ କ୍ରିକେଟର୍‌ଙ୍କୁ ଆକ୍ସନ୍‌ରେ ଦେଖିବାକୁ ପାଇଥିଲେ। ଉକ୍ତ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏକ ଦିନିକିଆ ମ୍ୟାଚ୍‌ରେ ଇଂଲଣ୍ଡକୁ ବେଶ୍ ସହଜରେ ପରାସ୍ତ କରିଥିଲା। ତେବେ ଓଡ଼ିଆ ଦର୍ଶକମାନେ ଏହି ମ୍ୟାଚ୍‌ର ଠିକ୍ ୧୦ ମାସ ପରେ ପୁଣି ଥରେ ସେମାନଙ୍କ ପ୍ରିୟ ଖେଳାଳିଙ୍କୁ ଏଠାରେ ଖେଳୁଥିବାର ଦେଖିବାକୁ ପାଇବେ। ଚଳିତ ବର୍ଷ ➪ପୃଷ୍ଠା-୬



**ସୀମା ପୁନଃନିର୍ଦ୍ଧାରଣରେ ଜନସଂଖ୍ୟା ଏକକ ମାନଦଣ୍ଡ ନହେଉ: ଜେଏସି**

## ୨୫ ବର୍ଷ ପାଇଁ ସ୍ଥଗିତ ରହୁ ପ୍ରକ୍ରିୟା



**ଚେନ୍ନାଇ,୨୨।୩(ସଂଚାର ବ୍ୟୁରୋ):** ସୀମା ପୁନଃନିର୍ଦ୍ଧାରଣକୁ ନେଇ ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଜଏଣ୍ଟ ଆକ୍ସନ୍ କମିଟି (ଜେଏସି) ବୈଠକରେ ଆସନ୍ତା ୨୫ ବର୍ଷ ପର୍ଯ୍ୟନ୍ତ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ବନ୍ଦ ରଖିବାକୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ଏହି ବୈଠକରେ ତାମିଲନାଡୁ, କର୍ଣ୍ଣାଟକ, ପଞ୍ଜାବ, କେରଳ, ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିବା ବେଳେ ଓଡ଼ିଶାରୁ ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଭାବେ ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଯୋଗଦେଇଥିଲେ।

**ଜାତୀୟ ଏଜେଣ୍ଡା ସହ ଥିବା ରାଜ୍ୟ ପ୍ରତି ଅନ୍ୟାୟ ନହେଉ: ନବୀନ**

କେନ୍ଦ୍ର ସରକାରଙ୍କ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାରେ ଦକ୍ଷୀଣ ଭାରତ ପ୍ରାୟ ୧୦୦ ଆସନ ହରାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏହି ବୈଠକର ଆୟୋଜନ କରିଥିଲେ। କେବଳ ଜନସଂଖ୍ୟା ଆଧାରରେ କରାଯାଉଥିବା ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆସନ୍ତା ୨୦୨୬ ବିଧାନସଭା ଓ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ବଡ ରାଜନୈତିକ ପ୍ରସଙ୍ଗ ହୋଇଛି। ଏହି ବୈଠକରେ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଏସଆର କଂଗ୍ରେସ ମୁଖ୍ୟ ଜଗନ ମୋହନ ରେଡ୍ଡୀ ଏହି ବୈଠକରେ ଯୋଗ ଦେଇନଥିଲେ ମଧ ସେ ଜେଏସି ➪ପୃଷ୍ଠା-୬

---

**ନବ ଦାସ ହତ୍ୟା ମାମଲା**

# ଆପୋଲୋ ଖର୍ଚ୍ଚର ତଥ୍ୟ ପାଉନାହାନ୍ତି ସରକାର

**ଭୁବନେଶ୍ୱର,୨୨।୩(ସଂଚାର ବ୍ୟୁରୋ):** ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ଘଟଣାର ସିବିଆଇ ତଦନ୍ତ ପାଇଁ ଚାପ ବଢୁଥିବା ବେଳେ ଗୁଳିମାଡ଼ ପରେ ନବଙ୍କ ଚିକିତ୍ସା କେଉଁ ତାରିଖରେ ଆଉ କେତେ ସମୟ ଧରି ଆପୋଲୋ ହସ୍ପିଟାଲରେ ଚାଲିଥିଲା ଏବଂ ଏହି ଚିକିତ୍ସା ଖର୍ଚ୍ଚ ବାବଦ ରାଜ୍ୟ ସରକାର କେତେ ଅର୍ଥ ବହନ କରିଥିଲେ, ଏହାର ତଥ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିକଟରେ ନାହିଁ। ଏ ସଂକ୍ରାନ୍ତ ତଥ୍ୟ ପ୍ରଦାନ ସକାଶେ ଗତ ଜାନୁଆରୀ ୨୪ ତାରିଖରେ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ବିଭାଗଠାରୁ ମଗାଯାଇଥିଲା। ବିଭାଗ ମଧ ଉକ୍ତ ତଥ୍ୟ ନଥିବା ଦର୍ଶାଇ ଦରଖାସ୍ତଟିକୁ ଗତ ଫେବୃଆରୀ ୭ ତାରିଖରେ ସଂସଦୀୟ ବ୍ୟାପାର ବିଭାଗ ଓ ପରିବହନ ବିଭାଗକୁ ପଠାଇଥିଲା। ତେବେ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଉକ୍ତ ଦୁଇ ବିଭାଗ ଏ ସଂକ୍ରାନ୍ତରେ ସୂଚନା ପାଇବାକୁ ଇତିମଧ୍ୟରେ ମାସାଧିକ କାଳ ବିତିଯାଇଥିଲେ ମଧ ଅଦ୍ୟାବଧି କୌଣସି ତଥ୍ୟ ଦିଆଯାଇନାହିଁ। ଅଧିକନ୍ତୁ ଏ ସଂକ୍ରାନ୍ତରେ ବିଭାଗ ନିକଟରେ ତଥ୍ୟ ଉପଲବ୍ଧ ଅଛି କି ନାହିଁ, ସେ ସଂକ୍ରାନ୍ତରେ ମଧ ଆର୍‌ଟିଆଇ କର୍ମୀ ପ୍ରତାପ ମହାନ୍ତିଙ୍କୁ କୌଣସି ସୂଚନା ଦିଆଯାଇନାହିଁ।।

- ମିଛ ଚିକିତ୍ସା ହୋଇଥିବା ନେଇ ସନ୍ଦେହ
- ଅର୍ଥ ପ୍ରଦାନରେ ବି ଜାଲିଆତି!




ସେହିପରି ସ୍ୱାସ୍ଥ୍ୟ ଓ ପରିବାର ବିଭାଗ ପୁଣିଥରେ ଗତ ଫେବୃଆରୀ ୧୩ ତାରିଖରେ ଡିଏମଇଟି ଓ ଆପୋଲୋ ହସ୍ପିଟାଲକୁ ତଥ୍ୟ ଦେବାକୁ ଜଣାଇଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଡିଏମଇଟିର ସୂଚନା ଅଧିକାରୀ ମଧ ଏପର୍ଯ୍ୟନ୍ତ ତଥ୍ୟ ଦେଇନାହାନ୍ତି କି ଚିଠିର କୌଣସି ଉତ୍ତର ବି ଦେଇନାହାନ୍ତି। ଅଧିକନ୍ତୁ ଅତ୍ୟନ୍ତ ଅନାବଶ୍ୟକ ଭାବେ ତଥ୍ୟ ନ ଦେବା ସକାଶେ ଗୋଟିଏ ଫନ୍ଦି କରି ଆପୋଲୋ ହସ୍ପିଟାଲକୁ ତଥ୍ୟ ଦେବା ସକାଶେ କୁହାଯାଇଥିଲା। କାରଣ ସରକାରୀ ଅଧିକାରୀମାନେ ବେଶ୍ ଭଲ ଭାବେ ଜାଣିଛନ୍ତି ➪ପୃଷ୍ଠା-୬

# ଜବରଦଖଲରେ ନିଶ୍ଚିନ୍ତକୋଇଲି ମୁଖ୍ୟବଜାର



**ନିଶ୍ଚିନ୍ତକୋଇଲି,୨୨।୩ (ସଂଚାର ବ୍ୟୁରୋ):** ରାଜ୍ୟ ରାଜପଥ କଟକ- ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ ଅଧୀନସ୍ଥ ତହସିଲ ଛକ ଠାରୁ କଟରପଡା ପର୍ଯ୍ୟନ୍ତ ଏବେ ବ୍ୟବସାୟ ପେଣ୍ଠସ୍ଥଳୀରେ ପରିଣତ ହୋଇଯାଇଛି। ତେବେ ରାସ୍ତାର ଉଭୟ ପାର୍ଶ୍ୱରେ ନୂତନ ଗୃହ ନିର୍ମାଣ ନିମନ୍ତେ ଅନେକ ବ୍ୟକ୍ତି ଗୃହ ନିର୍ମାଣରେ ବ୍ୟବହୃତ ହେବାକୁ ଥିବା ସେମାନଙ୍କର ବାଲି, ଗୋଡି ଆଦିକୁ ରାସ୍ତା ପାର୍ଶ୍ୱରେ ଗଦା କରି ରଖୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏପରିକି ନିଶ୍ଚିନ୍ତକୋଇଲି ମୁଖ୍ୟ ବଜାର ମାନଙ୍କରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ରାସ୍ତାକୁ ମଡାଇ ସେମାନଙ୍କ ପ୍ରତିଷ୍ଠାନର ସୂଚନା ଫଳକ ଲଗାଇବା ସହିତ ଅନେକ ଦୋକାନୀ ତାଙ୍କ ବ୍ୟବସାୟିକ ସାମଗ୍ରୀ ରାସ୍ତା ଉପରେ ମଡେଇକି ରଖୁଥିବା ବେଳେ ବ୍ୟବସାୟ ପ୍ରତିଷ୍ଠାନକୁ ଆସୁଥିବା ଗ୍ରହକମାନେ ସେମାନଙ୍କର ଦୁଇ ଚକିଆ ଓ ଚାରିଚକିଆ ଯାନକୁ ରାସ୍ତା ଉପରେ ଦୀର୍ଘ ସମୟ ଛିଡା କରୁଥିବା ଏବଂ ଅନେକ ସ୍ଥାନରେ ବଡ ବଡ ବ୍ୟବସାୟ ପ୍ରତିଷ୍ଠାନମାନ ସେମାନଙ୍କର ଜିନିଷପତ୍ରକୁ ନେବା ଆଣିବା କରିବା ପାଇଁ ରାସ୍ତା ପାର୍ଶ୍ୱରେ ଭାରୀଯାନ ରଖି ସେଥିରୁ ଜିନିଷ ଗୁଡିକୁ ଲଦିବା ଓ ଓହ୍ଲାଇବା କାର୍ଯ୍ୟ କରିଥାଆନ୍ତି। ଆହୁରି ମଧ୍ୟ ଅନେକ ସ୍ଥାନରେ କିଛି ପୁରୁଣା ଚାରିଚକିଆ ଯାନ ବ୍ୟବସାୟୀ ବ୍ୟବସାୟିକ ଭିତ୍ତିରେ ସେମାନଙ୍କର ଚାରି ଚକିଆଯାନ ଗୁଡିକୁ ରାସ୍ତା ପାର୍ଶ୍ୱରେ ଗ୍ରାହକମାନଙ୍କ ଉଦ୍ଦେଶ୍ୟରେ ରଖି ପ୍ରଦର୍ଶିତ କରୁଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ କୁଳିଆଠାରୁ କଟରପଡା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଛେଳି ଓ କୁକୁଡା କଟାଯାଉଥିବାରୁ କଟା ସେହି ସ୍ଥାନ ମାନଙ୍କରେ ରାସ୍ତାକୁ ଲାଗି ଗ୍ରାହକମାନେ ସେମାନଙ୍କର ବ୍ୟବହୃତ ଯାନକୁ ଦୀର୍ଘ ସମୟ ରଖିଥାଆନ୍ତି। ଫଳରେ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ । ଏହି କଟକ-ଚାନ୍ଦବାଲି ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ଯାତ୍ରୀବାହୀ ଯାନ, ମାଲବାହୀ ଭାରୀଯାନ, ଚାରିଚକିଆ ଯାନ ଓ ଦୁଇ ଚକିଆ ଯାନରେ ଅନେକ ଲୋକ ଯାଆସ୍ କରିଥାଆନ୍ତି । ସାଧାରଣ ଲୋକମାନେ ଏଭଳି ରାସ୍ତା ଉପରେ ଗାଡି ରଖୁଥିବାରୁ ରାସ୍ତାରେ ଯାତାୟାତ ଉପରେ ନିର୍ଭର କରୁଥିବା ଗାଡି ଗୁଡିକ ଅନେକ ସମୟରେ ଟ୍ରାଫିକ୍ ସମସ୍ୟାରେ ପଡି ନଯାଇ ପାରି ଦୀର୍ଘ ସମୟ ଧରି ରାସ୍ତା ଉପରେ ଛିଡା ହୋଇ ରହିଥାଆନ୍ତି । ଏପରିକି ଅଗ୍ନିଶମ ବାହିନୀ ଗାଡି ଏବଂ ଆମ୍ବୁଲାନ୍ସ ମଧ୍ୟ ଟ୍ରାଫିକ୍ ଜାମ୍ ପାଇଁ ବହୁ ସମୟ ଅଟକି ରହିଥିବାର ଦୃଶ୍ୟ ପୂର୍ବରୁ ଦେଖିବାର ନଜିର ମଧ୍ୟ ରହିଛି । ସମୟ ସମୟରେ ରାସ୍ତା ଅବରୋଧକାରୀଙ୍କ ପାଇଁ ଅନେକ ସଡକ ଦୁର୍ଘଟଣାମାନ ଘଟୁଛି ।

ଏ ସବୁକୁ ସ୍ଥାନୀୟ ତହସିଲ ପ୍ରଶାସନ ଓ ପୋଲିସ ପ୍ରଶାସନ ଦେଖୁଥିଲେ ମଧ୍ୟ ଦେଖୁ ନଦେଖିଲାର ଅଭିନୟ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସାଧାରଣ ଲୋକଙ୍କ ସୁବିଧାରେ ଗମନାଗମନ ଓ ସଡକ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ କଟକ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

## ୧ରୁ ଲାଗୁହେବ ଆୟୁଷ୍ମାନ ଭାରତ ଆରୋଗ୍ୟ ଯୋଜନା



**କେନ୍ଦ୍ରାପଡ଼ା,୨୨।୩ (ସଂଚାର ବ୍ୟୁରୋ):** ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆସନ୍ତା ଏପ୍ରିଲ ୧ ତାରିଖ ଠାରୁ ଲାଗୁ ହେବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲପାଳ ନିଲୁ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରମେଦ କୁମାର ପ୍ରହରାଜ ଓ ଅନ୍ୟ ବରିଷ୍ଠ ଡାକ୍ତର ମାନେ ଉପସ୍ଥିତ ଥିଲେ। ଆସନ୍ତା ୧ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀ ଏହା ଉଦ୍‌ଘାଟନ କରିବାର କର୍ଯ୍ୟକ୍ରମ ଥିବାରୁ ଜିଲ୍ଲାର ୪୮ଟି ସିଏଚ୍‌ସି ଓ ପିଏଚ୍‌ସି କେନ୍ଦ୍ରରେ ଏହା ସିଧା ପ୍ରସାରଣ କରିବାକୁ ନିଷ୍ପତି ନିଆଯାଇଛି । ରାଜ୍ୟ ସରକାରଙ୍କର ବିଏସକେୱାଇ ସ୍ୱାସ୍ଥ୍ୟକାର୍ଡ କୁ ପରିବର୍ତନ କରାଯାଇ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ନାମରେ ସ୍ୱାସ୍ଥ୍ୟକାର୍ଡ ପ୍ରଚଳନ କରାଯିବ । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏନେଇ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ଏକ ସଚେତନତା ରଥ ଜିଲ୍ଲା ସାରା ପରିକ୍ରମା କରି ଜନ ସାଧାରଣଙ୍କୁ ଆୟୁଷ୍ମାନ ଭାରତ ଆରୋଗ୍ୟ ଯୋଜନା ସଂପର୍କରେ ସଚେତନ କରିବ ବୋଲି ଜଣାପଡିଛି।

## ଲକ୍ଷ୍ମୀଧର ବାରିକଙ୍କୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ବନପାଳ ପୁରସ୍କାର



**ରାଜନଗର,୨୨।୩ (ସଂଚାର ବ୍ୟୁରୋ):** ବିଶ୍ୱ ବନଦିବସ ପାଳନ ଅବସରରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ରାଜନଗର ଲୁଣା ଜଙ୍ଗଲ ବନ୍ୟପ୍ରାଣୀ ଡିଭିଜନର ଫରେଷ୍ଟର ଲକ୍ଷ୍ମୀଧର ବାରିକଙ୍କୁ ରାଜ୍ୟ ସ୍ତରୀୟ ଶ୍ରେଷ୍ଠ ବନପାଳ ପୁରସ୍କାର ପ୍ରଦାନ କରାଯାଇଛି। ଲୁଣାଜଙ୍ଗଲ ବନଖଣ୍ଡ ରାଜନଗର ରେ ଜଙ୍ଗଲ ସୁରକ୍ଷା ଏବଂ ଲୁଣା ଜଙ୍ଗଲ ବନୀକରଣରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ରାଜ୍ୟ ସ୍ତରୀୟ ଶ୍ରେଷ୍ଠ ବନପାଳ ସମ୍ମାନ ଦିଆଯିବା ସହିତ ୧୦, ୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଜଙ୍ଗଲ ପରିବେଶ ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶ ରାମ ଖୁଣ୍ଟିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ପ୍ରଧାନ ବନସଂରକ୍ଷକ ( ବନ୍ୟଜୀବ)ଶ୍ରୀ ପ୍ରେମ କୁମାର ଝା ଏବଂ ପ୍ରଧାନ ବନସଂରକ୍ଷକ ଶ୍ରୀ ସୁରେଶ କୁମାର ପନ୍ଥ ପ୍ରମୁଖ ମାନପତ୍ର ପ୍ରଦାନ କରିଥିଲେ।

## ରକ୍ତ ଅଭାବ ଦୂର କରିବାକୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ପ୍ରୟାସ




**କେନ୍ଦ୍ରାପଡ଼ା,୨୨।୩ (ସଂଚାର ବ୍ୟୁରୋ):** ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟକୁ ଦୂର କରିବା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଛୋଟ ପ୍ରୟାସ ଆରମ୍ଭ କରାଯାଇଛି। ଏକ ଜରୁରୀ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଏବି ପଜିଟିଭ ରକ୍ତ ନ ଥିବାରୁ କିଛି ବ୍ୟକ୍ତି ଟ୍ରଷ୍ଟ ର ସଭାପତି ଦମନ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ଦମନ ଏ ସମ୍ପର୍କରେ ପଦ୍ମ ଲୋଚନ ବରାଳଙ୍କ ସହିତ ଆଲୋଚନା କରିଥିଲେ। ପଦ୍ମଲୋଚନ ଜଣେ ନିୟମିତ ରକ୍ତଦାତା। ରକ୍ତ ଆବଶ୍ୟକ ହେଲେ ସେ ଦାନ କରିବା ପାଇଁ ଦମନଙ୍କୁ କହିଥିଲେ। ରକ୍ତର ଆବଶ୍ୟକତା ଥିବାରୁ ସଙ୍ଗ୍ରାମ ସୁଦୂର ଢେଙ୍କାନାଳ ରୁ ଆସି ରକ୍ତଦାନ କରିଥିଲେ। ସଙ୍ଗ୍ରାମ ଟ୍ରଷ୍ଟ ର ଜଣେ ସକ୍ରିୟ ସଦସ୍ୟ ଅଟନ୍ତି। ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟକ୍ରମ ପାଇଁ ସେ ବେଶ୍ ପରିଚିତ। ସେହିଭଳି ଅନ୍ୟ ଜଣେ ଆଲୋକ କୁମାର ଜେନାଙ୍କୁ ରକ୍ତଦାନ ପାଇଁ ସଚେତନତା ବାର୍ତ୍ତା ଦିଆଯିବା ପରେ ସେ ଜୀବନର ପ୍ରଥମ ରକ୍ତଦାନ କରିଥିଲେ। ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଏହି ପ୍ରୟାସ ରକ୍ତର ଅଭାବକୁ କିଛି ମାତ୍ରାରେ ହ୍ରାସ କରୁଛି। ସମସ୍ତେ ରକ୍ତ ଆବଶ୍ୟକ କରୁଛନ୍ତି ହେଲେ ରକ୍ତଦାନ ପାଇଁ ସଚେତନତା ଜରୁରୀ। ସମସ୍ତେ ରକ୍ତ ଦାନ ପାଇଁ ଆଗେଇ ଆସିବାକୁ ସେ କହିଛନ୍ତି।

## ପଞ୍ଚଭୂତରେ ଲୀନ ହେଲେ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା



**ଆଳି,୨୨।୩ (ସଂଚାର ବ୍ୟୁରୋ):** ଗୋଟିଏ ଯୁଗର ଅନ୍ତ ଘଟିଥିବା ବେଳେ ଆଳିର ଟାଣୁଆ କଂଗ୍ରେସ ନେତା ଦେବେନ୍ଦ୍ର ନାଥ ଶର୍ମାଙ୍କୁ ହରାଇଛନ୍ତି ଆଳି ଓ ରାଜ କନିକା ବାସୀ। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିବା ବେଳେ ତାଙ୍କର ଦେହାନ୍ତ ଘଟି ଥିଲା। ପରଦିନ ତାଙ୍କ ମରଶରୀର ନିଜ ଜନ୍ମ ମାଟିରେ ପହଞ୍ଚି ଥିବା ବେଳେ ପତ୍ରପୁର ସେତୁ ପାଖରୁ ହଜାର ହଜାର ସମର୍ଥକମାନେ ଶେଷ ଯାତ୍ରାରେ ସାମିଲ ହୋଇଥିଲେ। ପରେ ଏହି ଶୋଭାଯାତ୍ରା ପତ୍ରପୁର ବାହାରି ରାଜକନିକା ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭା ଯାତ୍ରାରେ ଛକ ଛକରେ ମହିଳା ଓ ପୁରୁଷମାନେ ନିଜ ନେତାଙ୍କୁ ଶେଷ ଦର୍ଶନ କରି ଥିଲେ। ପରେ ନିଜ ବାସଭବନ ନିଆଳ ଠାରେ ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା। ତାଙ୍କ ଝିଅ ଡକ୍ଟର ଦେବସ୍ମିତା ଶର୍ମା ମୁଖା ଅଗ୍ନି ଦେଇଥିଲେ। ପରେ ପାଞ୍ଚ ଭୂତରେ ଲୀନ ହୋଇଥିଲେ ଦେବେନ୍ଦ୍ର ନାଥ ଶର୍ମା।

୧୯୫୯ ମାର୍ଚ୍ଚ ୧୮ ତାରିଖରେ କଟକରେ ଜନ୍ମ ଗ୍ରହଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ବୟସ ୬୬ ହୋଇଥିଲା। କଟକ ରେଭେନ୍ସା କଲେଜିଏଟରେ ସ୍କୁଲ ଶିକ୍ଷା ଦାନ କରିଥିଲେ । ପରେ ମୟୁରଭଞ୍ଜ ଲ କଲେଜ୍ ରୁ ଓକିଲାତି ପାଠ ପଢ଼ି ୧୯୮୨ ମସିହା ରୁ ସ୍ନାତକ ଶିକ୍ଷା ଶେଷ କରିଥିଲେ।ପରେ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ସେ ଦୁଇ ଥର ୧୯୫୮ରୁ ୧୯୯୦ ଓ ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ରହିଥିଲେ । ପରେ ତିନି ଥର କଂଗ୍ରେସର ଜିଲ୍ଲା ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଆଳି ନିର୍ବାଚନ ମଣ୍ଡଳୀରୁ ତିନି ଥର ନିର୍ବାଚନ ଲଢ଼ି ୨୦୧୪ ମସିହାରେ ଆଳିରୁ ବିଧାୟକ ହୋଇଥିଲେ । ସେ ପ୍ରତାପ ଦେବଙ୍କୁ ମାତ ଦେଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ରେ ଅସୁସ୍ଥତା କାରଣରୁ ନିର୍ବାଚନ ଲଢ଼ି ନ ଥିଲେ। ତାଙ୍କ ଜାଗାରେ ତାଙ୍କ ଝିଅ ଦେବସ୍ମିତାକୁ ଟିକେଟ ଦେଇଥିଲା କଂଗ୍ରେସ । ସେ ଆଳିର ମହିଳା ଫୁଟବଲର ଏକ୍ସୁଡ଼ିସାଳ କରିବାରେ ଜନକ ଥିଲେ। ସେପଟେ ଆଜି ଜନନାୟକଙ୍କୁ ହରାଇ ଆଳି ଓ ରାଜକନିକାରେ ଶୋକାକୂଳ ପରିବେଶରେ ଶେଷକୃତ୍ୟ ସଂପନ୍ନ ହୋଇଛି।

## ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ମରଶରୀର ପ୍ରତି ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୨୨।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସଭାପତି, ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଅକାଳ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲାରେ ଗଭୀର ଶୋକ ପ୍ରକାଶ ପାଇଛି । ଶନିବାର ପୂର୍ବାହ୍ନରେ ସ୍ୱର୍ଗତ ଶର୍ମାଙ୍କର ମରଶରୀର କେନ୍ଦ୍ରାପଡା କଂଗ୍ରେସ ଭବନରେ ପହଁଚିବା ପରେ ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକ,ଫକୀର ଖଟୁଆ, ବିଧୁ ଭୂଷଣ ମହାପାତ୍ର, ହରିଶ ପଟ୍ଟନାୟକ, ସତ୍ୟପ୍ରିୟ ସାମଲ, ଆଶିଷ ଲେଙ୍କା, ସିଦ୍ଧାର୍ଥ ଶଙ୍କର ଦାସ, ମିର ମୁରସିଦ, ସଂଜୟ ରାଉତ ପ୍ରମୁଖ ପ୍ରିୟ ନେତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସେଠାରୁ ଶବାଧାର ତିନିମୁହାଣୀ, ପୁରୁଣାବସ୍‌ଷ୍ଟାଣ୍ଡ, ଗରାପୁର କୋଠି ଛକ, ଗରାପୁର ବିଜେଡି କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା । ଏହା ପରେ ତାଙ୍କ ମରଶରୀରକୁ ଆଳି ନିର୍ବାଚନ ମଣ୍ଡଳୀକୁ ନିଆଯାଇଥିଲା । ଗରାପୁର ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବିଜେଡି କାର୍ଯ୍ୟାଳୟ ପରିସରରେ ବିଧାୟକ ଗଣେଶ୍ୱର ବେହେରା, ରଞ୍ଜିତ କୁମାର ସାହୁ, ପୌର ପରିଷଦ ଉପାଧ୍ୟକ୍ଷା ଆକବରୀ ଖାତୁନ୍, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, କାଳୀପ୍ରସାଦ ମିଶ୍ର, ଧିରେନ୍ କୁମାର ସାହୁ, ଯଯାତି କେଶରୀ ମହନ୍ତି, ରତିକାନ୍ତ ସାମଲ, ଆଲୋକ ସାହୁ, ରାଜେଶ ପଣ୍ଡା, ସମ୍ବିତ୍ ଶ୍ରୀଚନ୍ଦନ, ପ୍ରମୁଖ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, କିଶୋର ପଣ୍ଡା, କୃଷ୍ଣ ପଣ୍ଡା, ଉପୀନ ରାଉତ, ନେହେରୁ ସାହୁ, ଅମିତାଭ ସୁଆର ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେଠାରୁ ମରଶରୀର ଆଳିରେ ପହଞ୍ଚିବା ପରେ ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସ୍ୱର୍ଗତ ଶ୍ରୀ ଶର୍ମା କେନ୍ଦ୍ରାପଡା କଂଗ୍ରେସ ଦଳର ଜଣେ ଟାଣୁଆ ନେତା ଥିଲେ ତାଙ୍କର ଅକାଳ ବିୟୋଗ ପରେ ଆଳି ଅଞ୍ଚଳ ସହ ପୁରା କେନ୍ଦ୍ରାପଡା ଜିଲ୍ଲାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।




## କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ୟୁଥ୍ ପାର୍ଲାମେଣ୍ଟ ଉଦ୍‌ଯାପିତ




**ଡେରାବିଶ,୨୨।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆଜି ୟୁଥ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଆଜିର ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଶିଶିରକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଅତିଥିଭାବରେ ଏସ୍‌ଏନ୍‌ଓ ଡେପୁଟି ସେକ୍ରେଟାରୀ ଏନଏସ୍‌ଏସ୍ ରମେଶ ଚନ୍ଦ୍ର ବେହେରା, ଜଗତସିଂହପୁର ଡିପିଓ ବିଜୟିନୀ ପଢ଼ିହାରୀ, ଏନ୍‌ୱାଇକେର ଯୁବ ଅଧିକାରୀ ନିଖିଲ କୋକଲା, ଗୋଲି ତିରୁପତି ରେଡ୍ଡି, କେନ୍ଦ୍ରାପଡ଼ା ଏନଏସ୍‌ଏସ୍ ଜିଲ୍ଲା ଅଧିକାରିଣୀ ପଦ୍ମଜା କବି ଶତପଥି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପାର୍ଲ୍ୟାମେଣ୍ଟରେ ମତ ଉପସ୍ଥାପନା ଶୈଳୀକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାର ୩୦ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପାଚଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟସ୍ତରକୁ ମନୋନିତ ହୋଇଥିବା କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ଏନ୍‌ଏସ୍‌ଏସ୍ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ମହାନ୍ତି ସଂଯୋଜନା କରିଥିବା ବେଳେ ନେହେରୁ ଯୁବକେନ୍ଦ୍ରର କର୍ମକର୍ତା ଓ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ, ଏନଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

## ବର୍ଷା ଖୋଲିଦେଲା ବାଇପାସ୍ ଗୁମର



**ମହାକାଳପଡ଼ା,୨୨।୩ (ସଂଚାର ବ୍ୟୁରୋ):** ଅଦିନିଆ ବର୍ଷା ଓଳିହା ବାଇପାସ୍ ରୋଡ୍ ଚଞ୍ଚକତାର ଅନ୍ୟ ଏକ ଫର୍ଦ୍ଦକୁ ଲେଉଟାଇଛି। ଆଜି ହୋଇଥିବା ବର୍ଷାରେ ମାଟି ରାସ୍ତାରେ ସୃଷ୍ଟି ହୋଇଛି ବିରାଟ ଗାତ। ଯାହା ରାସ୍ତାର ଭିତିରି ଗୁମରକୁ ପଦାକୁ ଆଣିଛି।

ମହାକାଳପଡ଼ା ବ୍ଲକ ଦେଉଳ ପଡା ପଞ୍ଚାୟତ ଓଳିହା ବାଇପାସ୍ ରୋଡ୍ ରେ ଏମିତି ଦୃଶ୍ୟ ଦେଖିବା ପରେ ରାସ୍ତାର ବ୍ୟାପକ ଅନିୟମିତତା ହୋଇଥିବା ଅନୁମାନ କରୁଛନ୍ତି ଲୋକେ। ପୂର୍ବରୁ ମଧ୍ୟ ଛଡ଼ା ଛଡ଼ା ସୋଟ ବସାଇଥିବାରୁ ମାଟି ଅତଡ଼ା ଧସିଥିବା ଖବର ଦେଖିବାକୁ ମିଳିଛି। ପୂର୍ତ୍ତବିଭାଗ ତରଫରୁ ଆରମ୍ଭ ହୋଇଥିବା ଏହି କାମରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତି ରହିବାରୁ କାମରେ ଅନେକ ମନମାନି କରାଯାଇଥିବା ଅଭିଯୋଗ ହେଉଛି। ଯଦି ଏମିତି କାର୍ଯ୍ୟ ଜାରି ରୁହେ ତେବେ ଅଞ୍ଚଳବାସୀଙ୍କ ବାଇପାସ୍ ରୋଡ୍ ରାସ୍ତା ସ୍ୱପ୍ନରେ ହିଁ ରହିଯିବ।

## ନଇଁଗୁଆଁ ଯାଦବ ସମାଜ ପକ୍ଷରୁ ରାଧା କୃଷ୍ଣଙ୍କ ପୂଜା ସହ ଲଉଡି ଖେଳ



**ନିଶ୍ଚିନ୍ତକୋଇଲି,୨୨।୩ (ସଂଚାର ବ୍ୟୁରୋ):** ପବିତ୍ର ଦୋଳ ପୂର୍ଣ୍ଣିମା ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବେଶ୍ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଥିବା ବେଳେ ମନ୍ଦିର ମାନଙ୍କରେ ପୂଜା ପାଉଥିବା ଶ୍ରୀ ଜିୟୁ ମାନଙ୍କ ପ୍ରତିମୂର୍ତ୍ତି ବିମାନ ଯୋଗେ ଘର ଘର ବୁଲି ଲୀଳା ଖେଳା କରିବା ସହିତ ପ୍ରଭୁଙ୍କ ନିକଟରେ ନାନା ଭୋଗ ଲାଗି ହୋଇଥାଏ କାହିଁ କେଉଁ କାଳରୁ ଏହି ଦୋଳ ଉତ୍ସବକୁ ଯାଦବ ସମାଜ ପକ୍ଷରୁ ଆଡମ୍ବର ସହକାରେ ପାଳନ କରାଯାଉଥିବା ବେଳେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ଗ୍ରାମପଞ୍ଚାୟତ ନଇଁଗୁଆଁ ଗ୍ରାମରେ ବସବାସ କରୁଥିବା ଗୋପାଳ ସମ୍ପ୍ରଦାୟର ଭାଇମାନେ କାରିଗରୀ ମାଧ୍ୟମରେ ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସ୍ଥାପନା କରି ରୀତିନୀତି ଅନୁଯାୟୀ ପଣ୍ଡିତ ମାନଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରି ଆସୁଥିବା ବେଳେ ଏହାର ଶେଷ ଦିବସ ଅର୍ଥାତ ପୂର୍ଣ୍ଣାହୁତି ଦିବସରେ ଗୋପାଳ ଭାଇ ମାନଙ୍କ ଦ୍ୱାରା ଲଉଡି ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ଶତାଧିକ ଗ୍ରାମବାସୀ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ।

## କାଳବୈଶାଖୀରେ ଦିନତମାମ ବର୍ଷା

# ଆଖୁ ଓ ମୁଗ ଚାଷୀ ଆଶଙ୍କିତ



**କେନ୍ଦ୍ରାପଡ଼ା,୨୨।୩ (ସଂଚାର ବ୍ୟୁରୋ):** ଶନିବାର କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ଦିନ ସାରା ବର୍ଷା ଲାଗି ରହିଛି । ସକାଳୁ ସକାଳୁ ଆକାଶ ସମ୍ପୂର୍ଣ୍ଣ ମେଘୁଆ ରହିବା ସହିତ ଝିପି ଝିପି ବର୍ଷା ଆରମ୍ଭ ହୋଇଯାଇଥିଲା । ଦିନ ଦଶଟା ପରଠାରୁ ରାତି ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା । ଏହି ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଞ୍ଚଳର ଆଖୁ ଚାଷୀ ଏବଂ ମୁଗ ଚାଷୀ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଆଖୁ କ୍ଷେତ ପର୍ଯ୍ୟନ୍ତ ଗାଡ଼ି ଯିବାପାଇଁ ରାସ୍ତା ମାଟି କାଦୁଆ ହୋଇଯାଇଥିବାରୁ କଟା ହୋଇ ପଡ଼ିଥିବା ଆଖୁ ରପ୍ତାନି ନେଇ ସମସ୍ୟା ସୃଷ୍ଟି ହୋଇଛି । ଏପଟେ ମାର୍ଚ୍ଚମାସ ପରେ ଚିନି କଳକୁ ଯୋଗାଉଥିବା କମ୍ପାନୀ ଚାଷୀଙ୍କ ଠାରୁ ଆଖୁ ନେବା ବନ୍ଦ କରିଦେବ । ମାର୍ଚ୍ଚ ମାସ ସାରିବାକୁ ୮ ଦିନ ବାକି ଥିବା ବେଳେ ଆଖୁ କ୍ଷେତ ପର୍ଯ୍ୟନ୍ତ ମାଟିରାସ୍ତା ଶୁଖିବା ପାଇଁ ୮ ଦିନ ବି ଲାଗିପାରେ, ତେଣୁ ଆଖୁ ବିକ୍ରି କରିବା ପାଇଁ ଅପେକ୍ଷାରେ ଥିବା ଚାଷୀର କ୍ଷେତ ପର୍ଯ୍ୟନ୍ତ ଗାଡ଼ି ଯାଇ ନ ପାରିଲେ ଆଖୁ ବିକ୍ରି ନେଇ ଏବେ ଆଶଙ୍କିତ ହୋଇ ପଡିଛନ୍ତି ବୋଲି ମାର୍ଶାଘାଇ,ଗରଦପୁର,ଡେରାବିଶ ଅଞ୍ଚଳର ଆଖୁ ଚାଷୀ କହିଛନ୍ତି । ତେଣୁ ଆଖୁ ସଂଗ୍ରହକାରୀ ସଂସ୍ଥା ଏଥିପ୍ରତି ଧ୍ୟାନଦେଇ ଚାଷୀଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି ।

ସେହିପରି ବର୍ଷା ଯୋଗୁଁ ମୁଗ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏବେ ମୁଗ ଫସଲରେ ଫୁଲ ଧରା ସମୟ ହୋଇଥିବାରୁ ବର୍ଷା ଯୋଗୁଁ ଫୁଲ ପାଇଁ ଉଷୁମ ଭାଙ୍ଗିଯିବାର ସମ୍ଭାବନା ରହିଛି । ଉଷୁମ ଭାଙ୍ଗିଗଲେ ଗଛ ଗୁଡ଼ିକରୁ ଫୁଲ ଝଡ଼ି ଯିବାର ଆଶଙ୍କା ଦେଖା ଦେଇଛି ବୋଲି ଚାଷୀ ମାର୍ଶାଘାଇ ଅଞ୍ଚଳର ଚାଷୀ ଗୁରୁଚରଣ ସ୍ୱାଇଁ କହିଛନ୍ତି । ଫୁଲ ଦୃଢ଼ ହୋଇ ଫଳ ଧରିଥିବା ଗଛରେ ବର୍ଷା ହୋଇ ଜମି ଓଦା ହୋଇଯିବାରୁ କାଳମୁଣ୍ଡି ପୋକ ଫଳନ୍ତି ଗଛ ଏବଂ ମୁଗଫଳକୁ ଆକ୍ରମଣ କରିବାର ଆଶଙ୍କା ଦେଖାଦେଇଛି ବୋଲି ଚାଷୀମାନେ କହିଛନ୍ତି ।

## ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଗ୍ଲୋରି ଫେଷ୍ଟ-୨୫



**ପଟ୍ଟାମୁଣ୍ଡାଇ,୨୨।୩ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ବାର୍ଷିକ ଉତ୍ସବ ଗ୍ଲୋରୀ ଫେଷ୍ଟ -୨୫ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅଧକ୍ଷ ଡ଼ ଅଭୟ କୁମାର ସାହୁଙ୍କ ପୌରହିତ୍ୟ ଓ ଇତିଶ୍ରୀ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପି ଡି ଜି ଅଶୋକ ବିହାରୀ ମହାପାତ୍ର ମୁଖ୍ୟଅତିଥି, ଡ଼ ସୁରେଶ ଚନ୍ଦ୍ର ଖଟୋଇ ମୁଖ୍ୟବକ୍ତା, ସ୍କୁଲ ନିର୍ଦ୍ଦେଶକ ଇଂ ଦେବବ୍ରତ ସ୍ୱାଇଁ ସମ୍ମାନିତଅତିଥି ଭାବେ ଯୋଗ ଦେଇ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଉତ୍ତମ ଛାତ୍ରଛାତ୍ରୀ ସୃଷ୍ଟି କରିବାରେ ସଫଳ ହେବା ସହିତ ପଟ୍ଟାମୁଣ୍ଡାଇ ଅଂଚଳର ଗୌରବ ବୃଦ୍ଧି କରିଛି ବୋଲି ପ୍ରକାଶ କରିଥିଲେ । ପ୍ରଭାସିନୀ ମହାରଣା ସ୍ୱାଗତଭାଷଣ ଓ ଆକାଂକ୍ଷା ବେହେରା ଅତିଥିପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସ୍କୁଲ ଚେୟାରମ୍ୟାନ ରାଜଲକ୍ଷ୍ମୀ ସ୍ୱାଇଁ, ମ୍ୟାନେଜିଙ୍ଗ ଟ୍ରଷ୍ଟି ଡା ଗୋଲକ ବିହାରୀ ସ୍ୱାଇଁ, ପ୍ରାକ୍ତନ ପ୍ରଶାସକ ବ୍ରଜବନ୍ଧୁ ଧଳ, ଉପଦେଷ୍ଟା ରମେଶ ଚନ୍ଦ୍ର ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏଇ ଅବସରରେ ୭ମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ମାନସ ରଞ୍ଜନ ଧଳ ଓ ସମର୍ପିତା ମାହୁନ୍ତଙ୍କୁ ସାଇକେଲ ପ୍ରଦାନ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।


## AFFIDAVIT

By this deed, I the Undersigned Swapnarani Lenka if etc., formerly called Swapna Rani Lenka Son/Daughter/Wife of Chandan Kumar Lenka permanent resident of Plot No-692. Behera Sahi, Bhubaneswar. VTC: Nayapalli, Po- Nayapalli. Sub District Bhubaneswar. Dist- Khordha. State: Odisha. Pin-751012 currently residing at do hereby solemnly affirm and state as follows:

1. That, for and on behalf of myself I wholly renounce, relinquish and abandon the use of my former name of Swapna Rani Lenka and in place thereof do assume from the date hereof the name of Swapnarani Lenka and as that I may thereafter be called, known and distinguished not by my former name of Swapna Rani Lenka but by my assumed name of Swapnarani Lenka
2. That, for the purpose of evidencing such my determination I hereby declare that I shall at all times hereafter in all records, deeds and writings and in all proceeding, dealing and transaction private as well as public and upon all occasions whatsoever use and sign the name of Swapnarani Lenka as my name in place of and in substitution of my former name of Swapna Rani Lenka
3. That, I expressly authorise and request all persons at all times to designate and address me and my wife/husband and children and remoter issue by such assumed name of Swapnarani Lenka accordingly.
4. That, I am the deponent of this affidavit.
5. That, all the facts stated above are true to the best of my knowledge and belief.

In executing this declaration, I have hereunto subscribed my former and adopted Names of Swapna Rani Lenka and Swapnarani Lenka and affixed my signature on this 20.03.2025 signed, sealed and delivered by the above name.

Signed, sealed and delivered by the above

(Signature as per old name)
**Swapna Rani Lenka**

(Signature as per new name)
**Swapnarani Lenka**

## AFFIDAVIT

By this deed, I the Undersigned Suryakanta Lenka Son/Daughter/Wife of Chandan Kumar Lenka permanent resident of Plot No-692. Behera Sahi. Bhubaneswar. VTC: Nayapalli. Po-Nayapalli. Sub District- Bhubaneswar. District: Khordha. State: Odisha, Pin-751012 do hereby solemnly affirm and state as follows:

1. That, I am the father/mother/guardian of the minor Surya Kanta Lenka.
2. That, for and on behalf of my minor Son/Daughter/Ward, I wholly renounce, relinquish and abandon the use of the former name of my minor son/daughter/ward Surya Kanta Lenka,and in place thereof do assume from the date hereof the name of such minor as Suryakanta Lenka and as that he/she may thereafter be called, known and distinguished not by his/her former name of Surya Kanta Lenka but by his/her assumed name of Suryakanta Lenka.
3. That, for the purpose of evidencing such his/her determination I hereby declare that he/she shall, at all times hereafter in all records, deeds and writings and in all proceeding, dealing and transaction private as well as public and upon all occasions whatsoever, use and sign his/her name of Suryakanta Lenka as his/her name In place of and in substitution of his/her former name of Surya Kanta Lenka.
4. That, I expressly authorise and request all persons at all times to designate and address him/her and his/her future wife/husband and children, by such assumed name of Suryakanta Lenka accordingly.
5. That, I am the deponent of this affidavit.
6. That, all the facts stated above are true to the best of my knowledge and belief and for the benefit of the minor.

In executing this declaration, I have hereunto subscribed his/her former and adopted Names of Surya Kanta Lenka and Suryakanta Lenka and affixed my signature on this 20.03.2025 signed, sealed and delivered.

Signed, sealed and delivered by the above applicant on behalf of Minor Son/Daughter/Ward.
Old name of minor: **Surya Kanta Lenka**
New name of minor: **Suryakanta Lenka**

## ଜଙ୍ଗଲରୁ ମଣିଷ କଙ୍କାଳ ଠାବ: ହତ୍ୟା ପରେ ପୋଡ଼ି ଦିଆଯାଇଥିବା ସନ୍ଦେହ

**ସୋରଡ଼ା,୨୨।୩ (ସଂଚାର ବ୍ୟୁରୋ):**ଗଞ୍ଜାମ ଜିଲା ସୋରଡ଼ା ଗାଜଲବାଡ଼ି ଜଙ୍ଗଲରୁ ଶନିବାର ମଣିଷ କଙ୍କାଳ ଓ ହାଡ଼ ଠାବ ହୋଇଛି। ହତ୍ୟା ପରେ ମୃତଦେହ ପୋଡି ଦିଆଯାଇଥିବା ସନ୍ଦେହ କରାଯାଉଛି। ଖବର ପାଇ ସୋରଡ଼ା ଥାନା ଅଧିକାରୀ ସୁଧୀର ସାହୁ ଓ ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମିଳିଥିବା ସୂଚନା ମୁତାବକ, ସୋରଡ଼ା ଥାନା ଅଧୀନ ଗାଜଲବାଡି ପଞ୍ଚାୟତର ଖଜୁରୀପଲି ଗ୍ରାମ ନିକଟସ୍ଥ କୋଟାମଣି ପାହାଡ ଅଞ୍ଚଳରେ ଶନିବାର କେତେଜଣ ଗ୍ରାମବାସ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ଏହି ସମୟରେ ଗ୍ରାମବାସୀ ଜଙ୍ଗଲ ଭିତରେ ମଣିଷ କଙ୍କାଳ ଓ ପଞ୍ଜରା ହାଡ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ଭୟଭୀତ ହୋଇ ଚାଲିଆସି ଗାଜଲବାଡି ସରପଞ୍ଚଙ୍କୁ ଜଣାଇଥିଲେ। ଏହି ସମ୍ପର୍କରେ ସରପଞ୍ଚ ସୋରଡ଼ା ଥାନାକୁ ଖବର ଦେଇଥିଲେ। ପରେ ଘଟଣାସ୍ଥଳରେ ସୋରଡ଼ା ଥାନା ଅଧିକାରୀ ସାହୁ ଓ ଏସ୍‌ଡିପିଓ ଜେନା ଘଟଣା ସ୍ଥଳରେ ପହଞ୍ଚି ଜଙ୍ଗଲରୁ ଗୋଟିଏ ମଣିଷ ଖପୁରି ଓ ପଞ୍ଜରା ହାଡ ଠାବ କରି ତଦନ୍ତ କରିଛନ୍ତି। ଏଥିସହ ଆଖପାଖ ସ୍ଥାନରେ ଖୋଜାଖୋଜି କରି ପୋଲିସ ମୋବାଇଲ ଫୋନ, ପ୍ୟାଣ୍ଟଶାର୍ଟ, ବେକର ମାଳି ଓ ଗୋଟିଏ ବ୍ରେସଲେଟ୍ ମଧ ପାଇଛି। ମିଳିଥିବା ଜିନିଷକୁ ଦେଖିଲେ ଏଠାରେ ଦୁଇଜଣଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ହତ୍ୟା ପରେ ମୃତଦେହ ପୋଡି ଦେଇଥିବା ପୋଲିସ ସନ୍ଦେହ କରୁଛି। ତେବେ ଘଟଣା ସମ୍ପର୍କରେ ପ୍ରକୃତ ତଥ୍ୟ ମିଳିବା କଷ୍ଟକର ହୋଇପଡିଛି। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସାଇଣ୍ଟିଫିକ ଟିମ୍‌କୁ ଅବଗତ କରାଯାଇଛି। ମିଳିଥିବା ସାମଗ୍ରୀରୁ ମୃତକଙ୍କ ବୟସ ୨୦ରୁ ୨୫ ମଧରେ ହୋଇଥିବା ଅନୁମାନ କରାଯାଉଛି।

## ମଧ୍ୟାହ୍ନଭୋଜନ ଚାଉଳ, ଡାଲି ଖାଇଗଲେ ହାତୀପଲ



**କେଉଁଝର,୨୨।୩ (ସଂଚାର ବ୍ୟୁରୋ):** ମଧ୍ୟାହ୍ନଭୋଜନ ଚାଉଳ, ଡାଲି ଖାଇଗଲେ ହାତୀପଲ । ସ୍କୁଲ କାଛ ଭାଙ୍ଗି ଚାଉଳ,ଡାଲି ଖାଇଯିବା ସହ ଅଣ୍ଡା, ତେଲ ଓ ରୋଷେଇ ସାମଗ୍ରୀ ନଷ୍ଟ କଲେ ହାତୀ । କେନ୍ଦୁଝର ସଦର ବନଖଣ୍ଡ ଆମ୍ବଡହରା ଗାଁ ସ୍କୁଲରେ ବ୍ୟାପକ କ୍ଷୟକ୍ଷତି କରିଛନ୍ତି ହାତୀ ୨୪ ଟିକିଆ ହାତୀ ପଲ । ଗତକାଲି ରାତିରେ ସ୍କୁଲ ପରିସରରେ ପଶି ଝରକା ଓ କାନ୍ଥ ଭାଙ୍ଗି ଭିତରେ ମଧ୍ୟାହ୍ନ ଭୋଜନ ପାଇଁ ରଖାଯାଉଥିବା ଚାଉଳ, ଡାଲି ବସ୍ତା ଆଦି ବାହାରକୁ ଟେକି ନେଇଥିଲେ। ତେବେ ଯେତିକି ଖାଇଲେ, ସେତିକି ନଷ୍ଟ କଲେ। ଏହା ସହ ଭିତରେ ଥିବା ଅଣ୍ଡା, ତେଲ ସହ ରୋଷେଇ ସାମଗ୍ରୀ ସବୁକୁ ମଧ୍ୟ ନଷ୍ଟ କରି ଦେଇଛନ୍ତି । ଆଜି ସକାଳୁ ସକାଳୁ ହାତୀପଲ ଗାଁ ନିକଟ ଜଙ୍ଗଲରେ ରହିଥିବାରୁ ଗାଁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ହାତୀପଲଙ୍କ ଉପରେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଛି।

## ଲାଇସେନ୍ସ ନବୀକରଣ ପାଇଁ ଲାଞ୍ଚମାଗି ଚାକିରିରୁ ନିଲମ୍ବିତ

**ବ୍ରହ୍ମପୁର,୨୨।୩ (ସଂଚାର ବ୍ୟୁରୋ):** ଲାଇସେନ୍ସ ନବୀକରଣ କରିବାକୁ ଟଙ୍କା ମାଗୁଥିବା ଯୋଗାଣ ନିରୀକ୍ଷକଙ୍କୁ ଚାକିରିରୁ ନିଲମ୍ବନ। ନିଲମ୍ବିତ ହୋଇଥିବା ବଳରାମ ଜେନା ପାତ୍ରପୁର ବ୍ଲକ୍‌ର ଯୋଗାଣ ନିରୀକ୍ଷକ। ଅଭିଯୋଗ ହୋଇଥିଲା ସେ ଏକ ଲାଇସେନ୍ସ ରିନ୍ୟୁ କରିବାକୁ ଜଣକ ଠାରୁ ଲାଞ୍ଚ ନେଉଥିଲେ। ତାହାବି ପୁଣି କାର୍ଯ୍ୟାଳୟ ଭିତରେ । ଯାହାର ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ଯାହା ପରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ବ୍ରହ୍ମପୁର ଉପଜିଲ୍ଲାପାଳ ଏକ ୫ ଜଣିଆ କମିଟି ଗଠନ କରିଥିଲେ। କମିଟିର ରିପୋର୍ଟକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ ଉପଜିଲ୍ଲାପାଳ। ଯାହାପରେ ଏହି କାର୍ଯ୍ୟାନୁଷ୍ଠାନ ନଆଯାଇଛି। ତେବେ ଚାକିରିରୁ ନିଲମ୍ବନ ସହ ତାଙ୍କୁ ଜିଲ୍ଲା ସଦର ମହକୁମା ବିଭାଗୀୟ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳଙ୍କ ବିନା ଅନୁମତିରେ ଜିଲ୍ଲା ସଦର ମହକୁମା ଛାଡିଯାଇ ପାରିବେ ନାହିଁ ବୋଲି ମଧ ନିର୍ଦ୍ଦେଶ ରହିଥିବା ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### କାଳବୈଶାଖୀ

## ଗଛପଡ଼ି ଗର୍ଭବତୀଙ୍କ ଚାଲିଗଲା ଜୀବନ

**ଭବାନୀପାଟଣା,୭।୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ସହ ପବନ ହୋଇଥିଲା। ପବନ ଯୋଗୁ ଅନେକ ସ୍ଥାନରେ ବଡ ବଡ ଗଛଗୁଡିକ ଉପୁଡିପଡିଛି। ସହରର ଲକ୍ଷ୍ମୀସାଗରପଡାର କୌଶଲା ବେହେରା(୨୬) ନାମକ ଜଣେ ଗର୍ଭବତୀଙ୍କ ଉପରେ ଗଛ ପଡିଯିବାରୁ ଚାପି ହୋଇ ତାଙ୍କର ମୃତ୍ୟୁ ଘଟିଛି। ବଡ ଅଘଟଣରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିପରି କାଳବୈଶାଖୀ ଯୋଗୁ ଦୀର୍ଘ ସମୟ ଧରି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା।

### ସରକାରୀ ମେଡିକାଲରେ ଚାଲିଛି ରୋଗୀ ଶୋଷଣ

# ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ମାଗୁଛନ୍ତି ଲାଞ୍ଚ

**ସମ୍ବଲପୁର,୨୨।୩ (ସଂଚାର ବ୍ୟୁରୋ):** ମୋତିଆବିନ୍ଦୁ ଅପରେସନ ପାଇଁ ଲାଞ୍ଚ କାରବାର ଅଭିଯୋଗ । ସମ୍ବଲପୁର ଜିଲ୍ଲା ସରକାରୀ ମୁଖ୍ୟ ଚିକିତ୍ସାଳୟରେ ଏପରି ଅଭିଯୋଗ ଆସିଛି। ସରକାରଙ୍କ ପକ୍ଷରୁ ରୋଗୀ ସେବା ପାଇଁ ସବୁ ଜିନିଷ ମାଗଣା ଥିବା ବେଳେ କିନ୍ତୁ ଏଠାରେ ରୋଗୀଙ୍କଠାରୁ ଟଙ୍କା ନିଆ ଯାଉଥିବା ଅଭିଯୋଗ ହୋଇଛି। ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଜଣେ ବ୍ୟକ୍ତି ଯାଇଥିବା ବେଳେ ତାଙ୍କୁ ବାହାରୁ ଲେନ୍ସ ମଗାଇ ଲଗେଇବାକୁ ପଡିବ ବୋଲି କହି ୫ ହଜାର ଟଙ୍କା ମାଗିଥିଲେ ଡାକ୍ତର। ସେପଟେ ସମ୍ବଲପୁର ସିଡିଏମ୍‌ପିଏଚ୍‌ଓ ଓ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ ହେବା ପରେ ସିଡିଏମ୍‌ପିଏଚ୍‌ଓ ସୁଜାତାରାଣୀ ମିଶ୍ର ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ଆଣିଥିବା ଯୁବକ ହେଲେ ମୁଦିପଡାର ସୁଦୀପ୍ତ କୁମାର ପଣ୍ଡା। ସେ ନିଜ ଶ୍ୱଶୁର ଧନୁପାଲି ଅଞ୍ଚଳର ସତ୍ୟନାରାୟଣ ମିଶ୍ର (୫୯)ଙ୍କୁ କିଛି ଦିନ ତଳେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଆଣିଥିବା ସମୟରେ



ଏମିତି ଘଟଣା ଘଟିଛି। ଏନେଇ ସେ କହିଛନ୍ତି ଯେ ଗତ ୧୪ ତାରିଖରେ ମୁଁ ମୋର ଶ୍ୱଶୁରଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲି। ଡା କଲ୍ୟାଣୀ ପାତ୍ର ତାଙ୍କର ଅସ୍ତ୍ରୋପଚାର କରିବାର ଥିଲା। ତେବେ ଅସ୍ତ୍ରୋପଚାର ପୂର୍ବରୁ ଯେତେବେଳେ ମୋ ଶ୍ୱଶୁରଙ୍କୁ ଅପରେସନ ଥିଏଟର ନିଆଗଲା, ସେତେବେଳେ ଆସିଷ୍ଟାଣ୍ଟ ଆମକୁ ଆପଣଙ୍କ ଶ୍ୱଶୁରଙ୍କ ସରକାରୀ ଲେନ୍ସ ଲାଗିବନି, ପ୍ରାଇଭେଟ ଲେନ୍ସ ବାହାରୁ ମଗେଇବାକୁ ପଡିବ। ଏଥିପାଇଁ ଆପଣଙ୍କୁ ୫ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାପରେ ତାଙ୍କୁ ନଗଦ ୫ ହଜାର ଟଙ୍କା ଦିଆଗଲା। ତା’ପରେ ଯେତେବେଳେ ଅସ୍ତ୍ରୋପଚାର ସରିଗଲା, ସେତେବେଳେ ଏକ ସଚେତନ ନାଗରିକ ଭାବେ ଆମେ ରସିଦ ମାଗିଥିଲେ ହେଁ ସରକାରୀ ହସ୍ପିଟାଲରେ ବିଲ ଦେବାର କୌଣସି ପ୍ରାବଧାନ ନାହିଁ ବୋଲି ସେମାନେ କହିଥିବା ଶ୍ରୀ ପଣ୍ଡା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମୁଁ ସେମାନଙ୍କୁ ବିଲ ଦେବା ପାଇଁ ଯୁକ୍ତି କରିଥିଲି। କାରଣ ମୋତେ ଇନ୍‌ସ୍ୟୁରାନ୍ସ କ୍ଲେମ୍ କରିବାର ଥିଲା। ଏହାପରେ ମୋତେ ସେମାନେ ୫ ହଜାର ଟଙ୍କା ଫେରେଇ ଦେଇଥିଲେ। ତେବେ ମୋର ଆଶଙ୍କା ହେଉଛି ଯେ ଏଠାରେ କେତେ ଯେ ନିରୀହ ରୋଗୀଙ୍କଠାରୁ ଏମିତି ବେଆଇନ ଟଙ୍କା ନିଆଯାଉଥିବ। ଏଥିପାଇଁ ମୁ ଜିଲ୍ଲାପାଳ ଓ ସିଡିଏମ୍‌ପିଏଚ୍‌ଓଙ୍କଠାରେ ଲିଖିତ ଅଭିଯୋଗ କରିଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ସମ୍ବଲପୁର ସିଡିଏମ୍‌ପିଏଚ୍‌ଓ ଡା ସୁଜାତା ରାଣୀ ମିଶ୍ର କହିଛନ୍ତି ଯେ ଏନେଇ ସେ ଅବଗତ ଅଛନ୍ତି। ଚକ୍ଷୁ ବିଭାଗରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଜଣେ ରୋଗୀ ଆସିଥିଲେ। ତାଙ୍କୁ ଭଲ ଲେନ୍ସ ଦେବେ ବୋଲି କହି ୫ ହଜାର ଟଙ୍କା ମାଗିଛନ୍ତି। ତା’ପରେ ସେ ରୋଗୀଙ୍କ ସମ୍ପର୍କୀୟ ଅସ୍ତ୍ରୋପଚାର ସରିବା ପରେ ବିଲ୍ ମାଗିବାରୁ ସେମାନେ ବିଲ ଦେବାକୁ ସେମାନେ ମନା କରିଛନ୍ତି। ତେବେ ହସ୍ପିଟାଲରେ ସବୁ ଲେନ୍ସ ମାଗଣାରେ ମିଳୁଛି । ତେଣୁ ପଇସା ମାଗିବାର କୌଣସି ଆବଶ୍ୟକତା ନଥିଲା। ଯଦି ବି ସେମାନେ ପଇସା ଦେଲେ, ସେମାନଙ୍କୁ ବିଲ ଦେଇ ଦେବାର ଥିଲା। କିନ୍ତୁ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇସାରିଛି। ସପ୍ତାହକ ଭିତରେ ରିପୋର୍ଟ ଆସିଯିବ। ରିପୋର୍ଟ ଆସିବା ପରେ ଜିଲ୍ଲାପାଳଙ୍କ ଏହି ବିଷୟରେ ଜଣାଇ ତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଡା. ମିଶ୍ର କହିଛନ୍ତି।

# ଖୋର୍ଦ୍ଧା ଓ ବାଘମାରୀ ବାଇପାସ୍ କାମ ଶୀଘ୍ର ସାରିବାକୁ ସାଂସଦଙ୍କ ନିର୍ଦ୍ଦେଶ

**ଖୋର୍ଦ୍ଧା,୨୨।୩(ସଂଚାର ବ୍ୟୁରୋ):** ବଲାଙ୍ଗୀରରୁ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ଜାତୀୟ ରାଜପଥ (ଏନ୍‌ଏଚ୍‌ଏଆଇ)- ୫୭ରେ ନିର୍ମାଣାଧୀନ ଖୋର୍ଦ୍ଧା ଟାଉନ୍ ବାଇପାସ୍ କାମ ଆସନ୍ତା ଅଗଷ୍ଟ ୩୧ ସୁଦ୍ଧା ଏବଂ ବାଘମାରୀସ୍ଥିତ ବାଇପାସ୍ କାମ ୨୦୨୬ ଏପ୍ରିଲ ୧ ପୂର୍ବରୁ ସାରିବାକୁ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘଦିନ ଧରି ଉଭୟ ପ୍ରକଳ୍ପ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସୁଥିଲେ। ଲୋକଙ୍କ ସମସ୍ୟାକୁ ଆଖିଆଗରେ ରଖି ସାଂସଦ ଶ୍ରୀମତୀ ଷଡଙ୍ଗୀ ଏହି ପ୍ରକଳ୍ପ ଲାଗି ଉଦ୍ୟମ କରିଥିଲେ। ୨୧୫.୪୯ କୋଟି ଟଙ୍କା ବ୍ୟୟରେ ଏସବୁ ପ୍ରକଳ୍ପ ନିର୍ମାଣ କରାଯାଉଛି।

ଶନିବାର ସାଂସଦ ଶ୍ରୀମତୀ ଷଡଙ୍ଗୀ ଖୋର୍ଦ୍ଧା ଟାଉନ୍ ବାଇପାସ ଓ ବାଘମାରୀ ବାଇପାସ କାମ ସମୀକ୍ଷା କରି କହିଛନ୍ତି ଯେ ଭୁବନେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀର ବିକାଶକୁ ସେ ସବୁବେଳେ ପ୍ରାଥମିକତା ଦେଇଆସିଛନ୍ତି। ଖୋର୍ଦ୍ଧା ଟାଉନ୍ ବାଇପାସ୍ ପ୍ରକଳ୍ପ ୨୦୨୨ରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ହାସଲ କରିଥିଲା। ବାରମ୍ବାର ଉଦ୍ୟମ ପରେ ଜାତୀୟ ରାଜପଥ ବିକାଶ ମନ୍ତ୍ରୀ ନୀତିନ ଗଡକରୀ ୧୫୭.୪୯ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି କାମ ଗତ ୨୦୨୩ରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ଅଗଷ୍ଟ ୩୧ ସୁଦ୍ଧା ଏହା ଉଦ୍‌ଘାଟିତ ହେବ। ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ସାରିବା ଲାଗି ଠିକା ସଂସ୍ଥା ଏସ୍‌ଏସ୍ ଇନଫ୍ରାକୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁଲାଇ




୨୦ରେ ଉକ୍ତ ପ୍ରକଳ୍ପର ଅଗ୍ରଗତି ନେଇ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଆଉଥରେ ସମୀକ୍ଷା କରିବେ। ଏହି ବାଇପାସ୍ ଦ୍ୱାରା ଖୋର୍ଦ୍ଧା ଟାଉନରେ ଭିଡ଼ ହ୍ରାସ ପାଇବ। ଆମ୍ବୁଲାନ୍ସ ଓ ଦମକଳ ଭଳି ଜରୁରୀକାଳୀନ ଯାନବାହନ ମଧ୍ୟ ନିର୍ବିଘ୍ନରେ ଯାତାୟାତ କରିପାରିବେ। ସ୍ଥାନୀୟ ଜନସାଧାରଣ ମଧ୍ୟ ଉପକୃତ ହୋଇପାରିବେ । ସେହିପରି ୫୮ କୋଟି ଟଙ୍କା ବ୍ୟୟରେ ବୋଲଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଘମାରୀ ବାଇପାସ୍ ନିର୍ମାଣ କରାଯିବ। ଏହି ବାଇପାସ୍ ୨୦୨୬ ଏପ୍ରିଲ୍ ୧ରେ ଉଦ୍‌ଘାଟନ ହେବ। ଏହା ପୂର୍ବରୁ କାମ ସାରିବାକୁ ସାଂସଦ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବାଇପାସ୍ ଦ୍ୱାରା ନୟାଗଡ଼, ବଲାଙ୍ଗୀର, ଫୁଲବାଣୀ ଜିଲ୍ଲାବାସୀ ସୁରୁଖୁରୁରେ ଭୁବନେଶ୍ୱରକୁ ଯାତାୟାତ କରିପାରିବେ। ଏହାଛଡ଼ା ବାଘମାରୀ ଅଣ୍ଡର ପାସ୍ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର କରାଯିବ ବୋଲି ସାଂସଦ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ସମୀକ୍ଷା ବୈଠକରେ ଉପସ୍ଥିତ ଓପିଟିସିଏଲ୍ ଅଧିକାରୀଙ୍କୁ ସେମାନଙ୍କ କ୍ଷେତ୍ର ମଧ୍ୟରେ ଥିବା ସମସ୍ୟାର ତୁରନ୍ତ ସମାଧାନ କରିବାକୁ ମଧ୍ୟ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ବୋଲଗଡ଼ର ବିଜେପି ନେତା ପ୍ରତାପ ବିଜୁଳି, ଇଞ୍ଜିନିୟର ତଥା ସ୍ୱତନ୍ତ୍ର ସଚିବ ଏଲ୍ ପାଢୀ, ଏନ୍‌ଏଚ୍‌ଏଆଇ ରିଜିଓନାଲ୍ ଅଫିସର୍ ଇଂ. ସୁନୀଲ୍ କୁମାର, ଏନ୍‌ଏଚ୍‌ଏଆଇ ସର୍କଲ ହେଡ୍ ପ୍ରଭାତ କୁମାର ମାଝୀଙ୍କ ସମେତ ଖୋର୍ଦ୍ଧା ଓ ବାଘମାରୀ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଟାଟା ହଟାଅ ବିଦ୍ୟୁତ୍ ବଞ୍ଚାଅ ଓଡ଼ିଶା ବଞ୍ଚାଅ: ସିପିଏମ୍

**ଭୁବନେଶ୍ୱର,୨୨।୩ (ସଂଚାର ବ୍ୟୁରୋ):** ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର କର, ଜନବିରୋଧୀ ପ୍ରି-ପେଡ୍ ସ୍ମାର୍ଟମିଟର ସଂଯୋଗ ବର୍ଜନ କର, ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ଉପଭୋକ୍ତାଙ୍କୁ ମାସରେ ୩୦୦ ୟୁନିଟ୍ ବିଦ୍ୟୁତ୍ ମାଗଣାରେ ଯୋଗାଅ, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରକୁ ମାଗଣାରେ ବିଦ୍ୟୁତ୍ ଯୋଗାଅ, ଓ.ଇ.ଆର.ସି. ଏବଂ ଟାଟା କମ୍ପାନୀର ଶୋଷଣ ଏବଂ ଜୁଲମ ବନ୍ଦ କର ଏବଂ ବିଦ୍ୟୁତର ଘରୋଇକରଣ ବନ୍ଦ କର ଆଦି ଦାବିରେ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରିବା ପାଇଁ ସି.ପି.ଆଇ.(ଏମ୍) ଆହ୍ୱାନ କରିଛି। ସଙ୍ଗଠିତ ପ୍ରତିବାଦ/ପ୍ରତିରୋଧ ଆନ୍ଦୋଳନ ଜରିଆରେ ହିଁ ସାଧାରଣ ଜନତା ଏହି ଶୋଷଣ ଏବଂ ଜୁଲମରୁ ନିସ୍ତାର ପାଇବେ ବୋଲି ସି.ପି. ଆଇ.(ଏମ୍) କହିଛି। ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ନୀତି ପ୍ରଣୟନ କରିବା ତତ୍କାଳୀନ ସରକାରଙ୍କ ଏକ ଦୁରଦୃଷ୍ଟି ହୀନ ଜନବିରୋଧୀ ଏବଂ କର୍ପୋରେଟ୍ ସମର୍ପିତ ଐତିହାସିକ ଭୁଲ ଥିଲା। ପରବର୍ତ୍ତୀ ସମୟରେ ଯେଉଁ ସରକାରମାନେ




ଏହି ଜନବିରୋଧୀ ଏବଂ ଐତିହାସିକ ଭୁଲ ନୀତିକୁ କାର୍ଯ୍ୟକାରୀ କରିଛନ୍ତି, ସେମାନେ ଆଜିର ବିପର୍ଯ୍ୟୟ ପାଇଁ ଦାୟୀ। ସୁତରାଂ ଟାଟା ହଟାଅ-ବିଦ୍ୟୁତ୍ ବଞ୍ଚାଅ-ଓଡ଼ିଶା ବଞ୍ଚାଅ ଏବଂ ଉପଭୋକ୍ତାମାନଙ୍କୁ ସୁରକ୍ଷିତ କରିବା ଆଜିର ଆହ୍ୱାନ ବୋଲି ସି.ପି.ଆଇ.(ଏମ୍) କହିଛି । କିଟ୍ ଡ଼ିମ୍‌ଡ଼ ବିଶ୍ୱବିଦ୍ୟାଳୟର ଜନୈକା ଛାତ୍ରୀଙ୍କୁ ବ୍ୟବସ୍ଥାଗତ ହତ୍ୟା, ଜମି କେଲେଙ୍କାରୀ ଏବଂ ଅନ୍ୟାନ୍ୟ ସମସ୍ତ ସଙ୍ଗୀନ ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ କମିଶନ ଦ୍ୱାରା ତଦନ୍ତ କରିବା ଦାବିକୁ ସି.ପି.ଆଇ.(ଏମ୍) ପୁନର୍ବାର ଦୃଢ ଭାବେ ଉପସ୍ଥାପନ କରିଛି।

ସେହିଭଳି ପୂର୍ବତଟ ରେଳପଥକୁ ବିକଳାଙ୍ଗ କରି ବିଶାଖାପାଟଣା ଏବଂ ବିଜୟୱାଡ଼ା ଡ଼ିଭିଜନକୁ ଗୁଣ୍ଟୁର ଓ ଗୁଣ୍ଟକଲ ଡ଼ିଭିଜନ ସହ ଦକ୍ଷିଣତଟ ରେଳବାଇ ଜୋନ୍‌ରେ ରଖାଯାଇଛି। ଏହାଦ୍ୱାରା ପୂର୍ବତଟ ରେଳପଥ ବାର୍ଷିକ ୧୦,୦୦୦ କୋଟି ଟଙ୍କା ରାଜସ୍ୱ କ୍ଷତି ସହିବା ସହିତ ୭୫% କର୍ମଚାରୀ ମଧ ଦକ୍ଷିଣତଟ ରେଳବାଇ ଜୋନକୁ ଚାଲିଯିବେ। ଯଦି କେନ୍ଦ୍ର ସରକାର ଓ ରେଳବାଇ ବିଭାଗ ଆନ୍ଧ୍ରପ୍ରଦେଶର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟଭିତ୍ତିକ ରେଳବାଇ ଜୋନକୁ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି କରିଛନ୍ତି ତେବେ ଓଡ଼ିଶାର ଯେଉଁ ସମସ୍ତ ଅଞ୍ଚଳ ଓ ରେଳପଥ ଦକ୍ଷିଣପୂର୍ବ, ଦକ୍ଷିଣପୂର୍ବ କେନ୍ଦ୍ରୀୟ ରେଳପଥ ମଧରେ ଏପର୍ଯ୍ୟନ୍ତ ରହିଛି, ଅର୍ଥାତ୍ ରାଉରକେଲା, ବନ୍ଧମୁଣ୍ଡା, ରାଜଗାଙ୍ଗପୁର ଠାରୁ ଝାରସୁଗୁଡ଼ା, ଇବ୍, ବେଲପାହାଡ଼, ବ୍ରଜରାଜନଗର, ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାକୁ ଓଡ଼ିଶାର ସ୍ୱାର୍ଥ ପାଇଁ ପୂର୍ବତଟ ରେଳବାଇ ଜୋନକୁ ଆଣିବା ନିମନ୍ତେ ସି.ପି. ଆଇ.(ଏମ୍) ଦାବି କରିଛି।

## ଆର୍ଥ ଆୱାର: ଘଣ୍ଟାଏ ପାଇଁ ଚାରିଆଡ ଅନ୍ଧାର



**ଭୁବନେଶ୍ୱର,୨୨।୩ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମାର୍ଚ୍ଚ ମାସ ଶେଷ ଶନିବାର ଆର୍ଥ ଆୱାର ଭାବେ ପାଳନ କରାଯାଏ। ଏବର୍ଷର ବିଷୟବସ୍ତୁ ରହିଛି ‘ୟୁନାଇଟେଡ୍ ଫର୍ ଆୱାର ୱାନ୍ ଶେୟାରଡ୍ ହୋମ୍’। ବିଶ୍ୱବାସୀ ରାତି ୮ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ୧ ଘଣ୍ଟା ବିଦ୍ୟୁତ୍ ଆଲୁଅ ବନ୍ଦ କରି ଏହି ଆର୍ଥ ଆୱାର ପାଳନ କରିବେ। ୨୦୦୮ରୁ ଏଯାଏ ଏହି ଦିବସକୁ ସାରା ବିଶ୍ୱର ୧୯୦ଟି ଦେଶରେ ପାଳନ କରାଯାଉଛି। ଏହି ଦିନ ଆଲୋକ ସହ ସମସ୍ତ ଅନାବଶ୍ୟକ ବିଦ୍ୟୁତ୍ ଉପକରଣକୁ ବନ୍ଦ ରଖିବା ଦ୍ୱାରା ଯେତିକି ପରିମାଣର ବିଦ୍ୟୁତ୍ ସଞ୍ଚୟ ହେବ, ତାହା ସମଗ୍ର ବିଶ୍ୱର ଭବିଷ୍ୟତ ଆଲୋକିତ କରିବା ଦିଗରେ ସହାୟକ ହେବ ବୋଲି ବାର୍ତ୍ତା ରହିଛି।

## କଳାଭୂମି ଉତ୍ସବ ଉଦ୍‌ଘାଟିତ

### ୫ ଦିନ ଧରି ଚାଲିବ



**ଭୁବନେଶ୍ୱର,୨୨।୩(ସଂଚାର ବ୍ୟୁରୋ):** ସ୍ଥାନୀୟ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟଠାରେ ଆଜି ସପ୍ତମ କଳାଭୂମି ଉତ୍ସବ ଉଦ୍‌ଘାଟିତ ହୋଇଛି। ଏହି ୫ଦିନିଆ ଉତ୍ସବକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଉପସ୍ଥିତ ଥିଲେ। ଏହି ଉଦଘାଟନୀ ଉତ୍ସବରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଏକ ପଥର ଖୋଦେଇ କର୍ମଶାଳା ‘ସ୍ଥାପତ୍ୟ: ଇଚିଙ୍ଗ୍ ଲାଇଭଲିହୁଡ୍ ଅନ୍ ଷ୍ଟୋନ୍’ ଆୟୋଜିତ ହୋଇଥିଲା। ଖୋଦେଇ ଶିଳ୍ପକଳା ସମ୍ପର୍କିତ ପ୍ୟାନେଲ୍ ଆଲୋଚନାରେ ଜାତୀୟ ପୁରସ୍କାରପ୍ରାପ୍ତ ଉଦୟ ମହାନ୍ତି, ପଦ୍ମ ଚରଣ ଓଝା, ଇନ୍ଦ୍ରମଣି ମହାରଣା, ମହେଶ୍ୱର ଓଝା, ରାଜେନ୍ଦ୍ର ମିଶ୍ର, ବିନୟ ଭୂଷଣ ଜେନା, ଗୋଲକ ପାତ୍ର ଓ ଭାରତୀୟ ରପ୍ତାନି ସଂଗଠନ ମହାସଂଘ ପକ୍ଷରୁ କମଳକାନ୍ତ ସାହୁ ଅଂଶଗ୍ରହଣ କରିଥିଲେ। ବିଭାଗ ପକ୍ଷରୁ ଦେବୀ ପ୍ରସନ୍ନ ନନ୍ଦ ଆଲୋଚନାକୁ ପରିଚାଳନା କରିଥିଲେ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ ଆସନ୍ତାକାଲି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହେବ। ସେହିପରି ୨୪ରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରୀଷ୍ମ ଶିବିରର ଆୟୋଜନ ହେବ। ୨୩ ଓ ୨୪ରେ ଏହି ଉତ୍ସବର ମଜା ନେବା ସକାଶେ ମାଗଣା ପ୍ରବେଶ ସୁବିଧା ଉପଲବ୍ଧ ହେବ। ସେହିପରି ୨୫ ଓ ୨୬ ତାରିଖରେ କୋଲକାତାସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପ୍ୟାକେଜିଙ୍ଗ ସହ ଏକ କର୍ମଶାଳା ଆୟୋଜିତ ହେବ। ଏହି ଉତ୍ସବର ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ରହିଛି।

# ୨୦୫୦ ସୁଦ୍ଧା ମଧୁର ଜଳ ବ୍ୟବହାର ୩% କମାଇବ ବେଦାନ୍ତ

**ଭୁବନେଶ୍ୱର,୨୨।୩ (ସଂଚାର ବ୍ୟୁରୋ):** ସାରା ଦୁନିଆରେ ବିଶ୍ୱ ଜଳ ଦିବସ ପାଳନ କରିବା ଲାଗି ପ୍ରସ୍ତୁତି ଚାଲିଥିବା ବେଳେ ବେଦାନ୍ତ ଲିମିଟେଡ ଜଳ ସଂରକ୍ଷଣ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇ ୨୦୩୦ ସୁଦ୍ଧା ନେଟ ୱାଟର ପଜିଟିଭ ଲକ୍ଷ୍ୟ ହାସଲ କରିବା ଲକ୍ଷ୍ୟ ଧାର୍ଯ୍ୟ କରିଛି। ସ୍ଥାୟୀ ଜଳ ପରିଚାଳନାରେ ନେତୃତ୍ୱ ପ୍ରଦର୍ଶନ କରି ଏହାର ବିଭିନ୍ନ ସଂସ୍ଥା କେର୍ଣ୍ଣ ଅଏଲ ଆଣ୍ଡ ଗ୍ୟାସ, ହିନ୍ଦୁସ୍ତାନ ଜିଙ୍କ ଲିମିଟେଡ, ସେସା ଗୋଆ, ବ୍ଲାକ ମାଉଂଟେନ ମାଇନସ ଓ ଫାକର ମାଇନ୍ସକୁ ୱାଟର ପଜିଟିଭ ସାର୍ଟିଫିକେଟ ମିଳିଛି। ଦାୟିତ୍ୱବାନ ସମ୍ବଳ ସୁରକ୍ଷା ପ୍ରତି ବେଦାନ୍ତ ଯାତ୍ରାରେ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ।

ବେଦାନ୍ତ ରଣନୀତିର ମୂଳରେ ରହିଛି ମଧୁର ଜଳ ଉପରେ ନିର୍ଭରଶୀଳତା କମ କରିବା ଏବଂ ସର୍ବାଧିକ ଜଳ ସଂରକ୍ଷଣ କରିବା। କମ୍ପାନି ଏହାର ସମସ୍ତ ବ୍ୟବସାୟରେ ଆଭ୍ୟନ୍ତରୀଣ ପାଣି ମୂଲ୍ୟାଙ୍କନ ବ୍ୟବସ୍ଥା ଲାଗୁ କରିଛି। ୨୦୨୦-୨୧ ଆର୍ଥିକ ବର୍ଷଠାରୁ ବେଦାନ୍ତ

vedanta
transforming for good

ସତେଜ ଜଳ ବ୍ୟବହାରରେ ୩ ପ୍ରତିଶତ ହ୍ରାସ ହାସଲ କରିଛି, ଯେଉଁଥିରେ ଜେଡଏଚଏଲ ଏହାର ଜିରୋ ଡିସଚାର୍ଜ ନୀତି ଜରିଆରେ ଆଗରେ ରହିଛି ଏବଂ ୨୦୨୫ ସୁଦ୍ଧା ସତେଜ ଜଳ ବ୍ୟବହାର ୨୫% କମ କରିବାକୁ ଲକ୍ଷ୍ୟ ରଖିଛି। ଏଥି ସହିତ କମ୍ପାନିର ଉଦୟପୁରରେ ଥିବା ୬୦ ଏମଏଲଡି ସ୍ୱରେଜ ଟ୍ରିଟମେଂଟ ପ୍ଲାଂଟ ଟ୍ରିଟେଡ ଜଳକୁ ଶିଳ୍ପ ବ୍ୟବହାର ପାଇଁ ରିସାଇକଲ କରୁଛି, ଯାହା ଫଳରେ ସତେଜ ଜଳ ଉପରେ ନିର୍ଭରଶୀଳତା କମ ହୋଇପାରିଛି। ପରିଚାଳନା ଦକ୍ଷତା ବ୍ୟତୀତ ହିନ୍ଦୁସ୍ତାନ ଜିଙ୍କର ପାନୀୟ ଜଳ ଓ ଜଳ ଉନ୍ନତି ପ୍ରକଳ୍ପ ଜରିଆରେ ବେଦାନ୍ତ ଜୀବନରେ ପରିବର୍ତ୍ତନ ଆଣୁଛି। ଏହା ଭାରତର ଅନ୍ୟତମ ଜଳାଭାବ ଅଂଚଳ ରାଜସ୍ଥାନରେ ପୋର୍ଟେବଲ ପାନୀୟ ଜଳ ପ୍ରଦାନ କରୁଛି। ନୀର ଅମୃତ ଏଲଏଲପି ସହିତ ମିଶି ଏହା ପାଂଚଟି ସ୍ଥାନ ଓ ଛଅଟି ଜିଲ୍ଲାରେ ଗୋଷ୍ଠୀ ପାଇଁ ଆରଓ/ଏଟିଏମ ୱାଟର ଷ୍ଟେସନ ଓ ପାଣି ଟାଙ୍କି ମୁତୟନ କରିଛି। କେର୍ଣ୍ଣ ଅଏଲ ଆଣ୍ଡ ଗ୍ୟାସର ଜୀବନ ଅମୃତ ପ୍ରକଳ୍ପ ଅଧୀନରେ ୧୨୪ ଆରଓ ପ୍ଲାଂଟ ମୁତୟନ କରାଯାଇଛି ଯାହା ୬.୯ ନିୟୁତ ଲିଟର ସୁରକ୍ଷିତ ପାନୀୟ ଜଳ ଯୋଗାଣ କରିଛି ଯାହା ୨୦୨୩-୨୪ରେ ୧୧,୪୨୯ ପରିବାରକୁ ଉପକୃତ କରିଛି।

ବେଦାନ୍ତ ରିସୋର୍ସେସର ସିଇଓ ଦେଶନି ନାଇଡୁ କହିଛନ୍ତି ଯେ, “ବେଦାନ୍ତରେ ଆମେ ସ୍ୱୀକାର କରୁଛୁ ଯେ ଜଳର ପ୍ରତ୍ୟେକ ବୁନ୍ଦ କେବଳ ଆମର କାର୍ଯ୍ୟ ପାଇଁ ନୁହେଁ, ବରଂ ଆମେ ଯେଉଁ ଗୋଷ୍ଠୀ ଏବଂ ବ୍ୟବସ୍ଥାରେ କାର୍ଯ୍ୟ କରୁଛନ୍ତି, ତାହା ପାଇଁ ଅମୂଲ୍ୟ। ୨୦୩୦ ସୁଦ୍ଧା ନିଟ ଜଳ ସକାରାତ୍ମକତା ହାସଲ କରିବା ପାଇଁ ଆମର ପ୍ରତିବଦ୍ଧତା ଦାୟିତ୍ୱବାନ ସମ୍ବଳ ପରିଚାଳନା ଏବଂ ପରିବେଶ ପରିଚାଳନା ପ୍ରତି ଆମର ସମର୍ପଣର ପ୍ରମାଣ ।

# ଅଦାଲତରେ ଗଡୁଛି ୪୩ ହଜାର ମାମଲା

**ଝାରସୁଗୁଡ଼ା,୨୨।୩:** ତ୍ୱରିତ ନ୍ୟାୟ ପ୍ରଦାନ ଲାଗି ନ୍ୟାୟିକ ବ୍ୟବସ୍ଥାରେ ଲୋକ ଅଦାଲତ ଏବଂ ଫାଷ୍ଟଟ୍ରାକ କୋର୍ଟର ବ୍ୟବସ୍ଥା ରହିଛି । ମାତ୍ର ଏସବୁ ସତ୍ତ୍ୱେ ମାମଲା ଗୁଡ଼ିକର ଫଇସଲା ହୋଇ ନ ପାରି ଦଶନ୍ଧି ଦଶନ୍ଧି ଧରି ପଡ଼ି ରହୁଛି । ଫଳସ୍ୱରୂପ ନ୍ୟାୟ ପ୍ରଦାନ ବିଳମ୍ବିତ ହେଉଛି ।

ଝାରସୁଗୁଡ଼ା ଜିଲ୍ଲାରେ ଥିବା କୋର୍ଟ ଗୁଡ଼ିକରେ ଗତ ଫେବୃଆରୀ ଶେଷ ସୁଦ୍ଧା ୪୩ ହଜାର ୫୮୮ ଗୋଟି ମାମଲାର ବିଚାର ହୋଇ ନ ପାରି ଗଡୁଛି । ଯେଉଁଥିରେ ଦୁଇ ଦଶନ୍ଧିରୁ ଦୀର୍ଘ ସମୟର ମାମଲା ମଧ୍ୟ ରହିଛି । ବିଳମ୍ବିତ ନ୍ୟାୟକୁ ନ୍ୟାୟ ପ୍ରଦାନ ନ କରିବା ସଦୃଶ ବୋଲି କୁହା ଯାଇଥାଏ । ଯାହା ଆଜି ଜିଲ୍ଲାରେ ଦେଖିବାକୁ ମିଳିବା




ସହ ବହୁ ମାମଲାରେ ଅଭିଯୁକ୍ତ ଓ ଅଭିଯୋଗକାରୀ ମାନେ ବି ଆଖି ବୁଜି ସାରିଲେଣି। ସରକାରୀ ୱେବସାଇଟରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଗତ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଜିଲ୍ଲାରେ ସମୁଦାୟ ୪୩ ହଜାର ୭୨ ଗୋଟି ମାମଲା ବିଚାରାଧିନ ରହିଛି । ଯେଉଁଥିରେ ୨ ହଜାର ୮୩୩ ଗୋଟି ସିଭିଲ ଏବଂ ୪୦ ହଜାର ୧୮୯ ଗୋଟି କ୍ରିମିନାଲ ମାମଲା ଅନ୍ତର୍ଭୁକ୍ତ। ଚଳିତ ବର୍ଷ ଫେବୃଆରୀ ମାସ ଶେଷ ସୁଦ୍ଧା ଏହି ବିଚରାଧୀନ ମାମଲା ସଂଖ୍ୟା ବୃଦ୍ଧି ପାଇ ୪୩ ହଜାର ୫୮୮ରେ ପହଞ୍ଚିଛି। ଅନ୍ୟ ପକ୍ଷରେ ୨୦୨୪ ଜାନୁଆରୀ ମାସରୁ ଡିସେମ୍ବର ଶେଷ ମଧ୍ୟରେ ଜିଲ୍ଲାର ବିଭିନ୍ନ ଅଦାଲତରେ ବିଚାରାଧିନ ମାମଲା ମଧ୍ୟରୁ ୯ ହଜାର ୬୨୯ ଗୋଟି ମାମଲାର ଫଇସଲା ହୋଇଥିଲା ।

ଗତ ଜାନୁଆରୀ ଓ ଫେବୃଆରୀ ମାସରେ ୧୪୫୫ଟି ମାମଲାର ବିଚାର ଶେଷ ହୋଇଛି । ଏ ସମସ୍ତକୁ ହିସାବକୁ ନେଲେ ଜିଲ୍ଲାରେ ଗତ ୨୦୨୪ ବର୍ଷରେ ରୁଜୁ ହୋଇଥିବା ୯ ହଜାର ୩୧୦ଟି ମାମଲା ଏବଂ ପୂର୍ବ ବର୍ଷ ମାନଙ୍କରେ ରୁଜୁ ହୋଇଥିବା ୪୩ ହଜାର ୩୯୧ଟି ମାମଲା ମିଶି ସମୁଦାୟ ମାମଲା ରୁଜୁ ସଂଖ୍ୟା ଗତ ୨୦୨୪ ଡିସେମ୍ବର ସୁଦ୍ଧା ୫୨ ହଜାର ୭୦୧ ରହିଥିଲା । ଚଳିତ ବର୍ଷ ଜାନୁଆରୀ ଏବଂ ଫେବୃଆରୀ ମାସରେ ୧ ହଜାର ୯୬୧ଟି ମାମଲା ରୁଜୁ ହେବା ପରେ ରୁଜୁ ହୋଇଥିବା ସମୁଦାୟ ମାମଲା ସଂଖ୍ୟା ୫୪ ହଜାର ୬୬୨ରେ ପହଞ୍ଚିଛି । ଜିଲ୍ଲାର ବହୁ ହାଇ ପ୍ରୋଫାଇଲ ମାମଲା ଗୁଡ଼ିକର ବିଚାର ମଧ୍ୟ ବିଳମ୍ବିତ ହୋଇ ଚାଲିଛି। ଏଥି ମଧ୍ୟରୁ ଗୋଟିଏ ହେଉଛି ସାମୁ କେଡ଼ିଆ ହତ୍ୟା ମାମଲା, ଯାହା ଦୁଇ ଦଶନ୍ଧି ଧରି ଗଡୁଛି। ଏହାଛଡ଼ା ସାମୁ କେଡ଼ିଆ ହତ୍ୟା ମାମଲାର ଦୁଇ ପ୍ରମୁଖ ଅଭିଯୁକ୍ତ କାନ୍ତା ଦାସ ଏବଂ ସନ୍ତୋଷ ଗୁପ୍ତାଙ୍କ ମୃତ୍ୟୁ ହୋଇ ସାରିଛି। ହେଲେ ଏହି ମାମଲା ଗତ ୨୦୦୩ ମେ’ ୬ ତାରିଖରେ ଝାରସୁଗୁଡ଼ା ଏସଡିଜେଏମଙ୍କ ଅଦାଲତକୁ ଯିବା ପରେ ଶୁଣାଣି ଦିଗରେ ଆଉ ଆଗେଇପାରିନାହିଁ। ପରେ ଗତ ୨୦୨୨ ଡିସେମ୍ବର ୧୪ ତାରିଖ ଦିନ ଏହି ମାମଲା ଅତିରିକ୍ତ ସିଭିଲ ଜଜ୍ ତଥା ଜେଏମଏଫସିଙ୍କ ଅଦାଲତକୁ ଟ୍ରାନ୍ସଫର ହୋଇଥିଲା। କିନ୍ତୁ ଦୀର୍ଘ ୨୨ ବର୍ଷ ପରେ ବି ଏହି ସଙ୍ଗିନ ମାମଲା ସେସନ୍ସ କୋର୍ଟ ପର୍ଯ୍ୟନ୍ତ ବି ପହଞ୍ଚିପାରିନାହିଁ। ଫଳସ୍ୱରୂପ ନ୍ୟାୟକୁ ଅପେକ୍ଷା କରିଥିବା ପରିବାର ଲୋକେ ହତାଶ ହୋଇପଡ଼ିଛନ୍ତି।

## ଆଦିକବି ସାରଳା ଦାସଙ୍କ ସମ୍ପର୍କରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ଭୁବନେଶ୍ୱର,୨୨।୩ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାରଳା ଦାସ ଚେୟାର ଆନୁକୂଲ୍ୟରେ ‘ସାରଳା ସାହିତ୍ୟର ସାମାଜିକ ମୂଲ୍ୟବୋଧ’ ଶୀର୍ଷକ




ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରର ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷାବିତ୍ ଓ ସାହିତ୍ୟ ସମାଲୋଚକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାରଳା ଦାସଙ୍କ ତତ୍କାଳୀନ ଅନନ୍ୟ ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିଭଙ୍ଗୀ ତାଙ୍କ ରଚନାରେ ପ୍ରତିଫଳିତ ହୋଇ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି ମତଦେଇଥିଲେ। ବିଶିଷ୍ଟ କବି ଓ ନାଟ୍ୟକାର ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାହିତ୍ୟିକ ଓ ଗବେଷକ ଡ. ଅରବିନ୍ଦ ପଟ୍ଟନାୟକ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ ଅଭିଭାଷଣରେ ସାରଳା ସାହିତ୍ୟର ସାମାଜିକ ମୂଲ୍ୟବୋଧ ସମ୍ପର୍କିତ ଏହି ଆଲୋଚନାଚକ୍ରର ପ୍ରାସଙ୍ଗିକତା ବିଷୟରେ ଉଲ୍ଲେଖ କରିବାସହ ଆମ ମାଟିର ମହାକବି ସାରଳା ଦାସ ତାଙ୍କ ରଚନାରେ ଆମ ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ମହନୀୟତାକୁ କିପରି ପ୍ରତିପାଦିତ କରିଛନ୍ତି ତାହା ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ରଙ୍କ ପୁସ୍ତକ ‘ଚର୍ଯ୍ୟାଗୀତି ଓ ସାରଳା ସାହିତ୍ୟର ଭାଷା’ ଲୋକାର୍ପିତ ହୋଇଥିଲା। ଡ. ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଡ. ନୀଳାଦ୍ରି କଲ୍ୟାଣ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ଶ୍ରେଷ୍ଠ ଯୋଗୀ-ଯେପରିକି ପଦ୍ମ ପଙ୍କରୁ ଫୁଟେ କିନ୍ତୁ ପଙ୍କଠାରୁ ନିଜକୁ ସଦା ଉର୍ଦ୍ଧ୍ୱରେ ରଖିଥାଏ, ଠିକ ସେହିପରି ପ୍ରକୃତ ଯୋଗୀ ପୁରୁଷସଂସାରରେ ରହି ମଧ୍ୟ ସଂସାର ଜଞ୍ଜାଳରୁ ନିଜକୁ ସଦା ନିର୍ଲିପ୍ତ ରଖିଥାନ୍ତି।



# ଆତଙ୍କବାଦୀଙ୍କ ବିଶ୍ୱସନୀୟତା ନାହିଁ

ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧବିରତି ଦୁଇମାସ ବି ତିଷ୍ଠିଲା ନାହିଁ। ଏବେ ପୁଣି ଇସ୍ରାଏଲ ସେନା ପକ୍ଷରୁ ଗାଜା ଉପରେ ଆକ୍ରମଣ ଆରମ୍ଭ ହୋଇଛି। ହମାସ ବି ଏହାର ଜବାବ ଦେଉଛି। ଗାଜାରେ ଇସ୍ରାଏଲର ଆକ୍ରମଣରେ ୫୦୦ରୁ ଅଧିକ ପ୍ରାଣ ହରାଇଛନ୍ତି। ଏଥିପାଇଁ ଇସ୍ରାଏଲ ନୁହେଁ, ହମାସ ହିଁ ଦାୟୀ। ହମାସ ପାଇଁ ଆଜି ଗାଜାରେ ହଜାର ହଜାର ନିରୀହ ବ୍ୟକ୍ତିଙ୍କ ଜୀବନ ଯାଉଛି। ହମାସକୁ ଗାଜାବାସୀଙ୍କ ସମର୍ଥନ ନାହିଁ। କିନ୍ତୁ ହମାସର ପଶୁବଳ ଆଗରେ ନିରୀହ ବ୍ୟକ୍ତିମାନେ ଅସହାୟ ହୋଇ ଗୁଳି ଆଗରେ ଛାତି ଦେଖାଉଛନ୍ତି। ହମାସ ପାଲେଷ୍ଟାଇନର ପ୍ରତିନିଧିତ୍ୱ କରୁ ନାହିଁ। ଏହା ଏକ ଆତଙ୍କୀ ସଙ୍ଗଠନ ଏବଂ ଏହା ଶାନ୍ତି, ଗଣତନ୍ତ୍ର ଏବଂ ସଭ୍ୟତା ଉପରେ ବିଶ୍ୱାସ କରେନି। ଏହାର ନୀତି, ଆଦର୍ଶ ବୋଲି କିଛି ନାହିଁ। ଆଧୁନିକ ଶିକ୍ଷା ଏବଂ ସଭ୍ୟତାଠାରୁ ଏହା ବହୁ ଦୂରରେ। ମଧ୍ୟଯୁଗୀୟ ବର୍ବରତା ଏହାର ନୀତି। ଏଭଳି ପରିସ୍ଥିତିରେ ହମାସର ବିଶ୍ୱସନୀୟତା ରହିବ କେଉଁଠି? ଆସ୍ଥା ଏବଂ ବିଶ୍ୱାସ ଶବ୍ଦ ଏହା ପାଇଁ ଅର୍ଥହୀନ। ଗାଜା ଉପରେ ଇସ୍ରାଏଲ ବଡ଼ ଧରଣର ଏୟାର ଷ୍ଟ୍ରାଇକ କରିବା ପରେ ଯୁଦ୍ଧବିରତି ଚୁକ୍ତି ଭଙ୍ଗ ହୋଇଛି। ଗତ ସୋମବାର ଗାଜାରେ ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ୪୧୩ ଜଣ ପ୍ରାଣ ହରାଇଛନ୍ତି ଏବଂ ପ୍ରାୟ ଦେଢ଼ ଶହ ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା ଓ ଶିଶୁ। ଦୁଇଦିନ ପରେ ଗାଜାରେ ଆଉ ୮୫ଜଣ ପ୍ରାଣ ହରାଇଛନ୍ତି। ଏହା ନିଶ୍ଚିତ ଭାବେ ଚିନ୍ତାଜନକ ଏବଂ ଦୁଃଖଦାୟକ। ଏବେ ଇସ୍ରାଏଲ ସେନା ଗାଜାରେ ସ୍ଥଳପଥରେ ପ୍ରବେଶ କରିବା ସହ ଏହାକୁ ଦଖଲ କରିବା ଉଦ୍ୟମରେ ଅଛି। ଆଗକୁ ଆହୁରି କେତେ ଲୋକ ନିହତ ହେବେ ତାହା ଆକଳନ କରାଯାଇପାରିବନି। ଏଥିପାଇଁ ଇସ୍ରାଏଲକୁ ଦାୟୀ କରାଯାଇପାରିବନି। ଯୁଦ୍ଧ ବିରତି ଚୁକ୍ତି ଉଲ୍ଲଙ୍ଘନ ଲାଗି ସମ୍ପୂର୍ଣ୍ଣ ଭାବେ ହମାସ ଦାୟୀ। ଯେଉଁମାନେ ଇସ୍ରାଏଲର ନରସଂହାର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନେ ନିଜକୁ ଧର୍ମନିରପେକ୍ଷ, ମାନବାଧିକାର ସପକ୍ଷବାଦୀ ବୋଲି ପ୍ରମାଣିତ କରିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ ଯେତେବେଳେ ହମାସ ଇସ୍ରାଏଲ ସୀମାରେ ପ୍ରବେଶ କରି ଶହ ଶହ ନିରୀହ ଲୋକଙ୍କୁ ହତ୍ୟା କଲା, ଅନେକ ସାଧାରଣ ବ୍ୟକ୍ତିଙ୍କୁ ଅପହରଣ କରିଥିଲା, ସେତେବେଳେ ସେମାନେ ଆଶ୍ଚର୍ଯ୍ୟଜନକ ଭାବେ ନିରବ ରହିଥିଲେ। ଗତ ଜାନୁଆରୀ ୧୯ରେ ଯେତେବେଳେ ଇସ୍ରାଏଲ ଓ ହମାସ ମଧ୍ୟରେ ଶାନ୍ତିଚୁକ୍ତି ହେଲା ସେତେବେଳେ ସମସ୍ତେ ଏହାକୁ ସ୍ୱାଗତ କରିଥିଲେ ଏବଂ ଆଶ୍ୱସ୍ତ ହୋଇଥିଲେ। ଇସ୍ରାଏଲରେ ମଧ୍ୟ ଖୁସିର ଲହରୀ ଖେଳିଯାଇଥିଲା। ଚୁକ୍ତି ମୁତାବକ ହମାସ ଇସ୍ରାଏଲର ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା କଥା। କିନ୍ତୁ ହମାସ ଏହାକୁ ଅଣଦେଖା କରିଛି। ଅଳ୍ପ କିଛି ପଣବନ୍ଦୀଙ୍କୁ ହମାସ ମୁକ୍ତ କରିଛି। ଆଉ କିଛି ପଣବନ୍ଦୀଙ୍କ ଶବ ହସ୍ତାନ୍ତର କରିଛି। କିନ୍ତୁ ଅନ୍ୟ ପଣବନ୍ଦୀଙ୍କ ସମ୍ପର୍କରେ କିଛି ସୂଚନା ନାହିଁ। ସେମାନେ ବଂଚିଛନ୍ତି କି ନାହିଁ, ଯଦି ବଂଚିଛନ୍ତି ତେବେ ସେମାନଙ୍କୁ କେବେ ମୁକ୍ତି ମିଳିବ ସେ ସମ୍ପର୍କରେ ହମାସ ନିରବ। ହମାସ କବଳରେ ଆଉ କେହି ଜୀବିତ ଥିବା ମନେ ହେଉନାହିଁ। ତାହା ବି ହମାସ ସ୍ପଷ୍ଟ କରୁନି। ତେଣୁ ହମାସ ଉପରେ ଇସ୍ରାଏଲ ଆକ୍ରମଣ ଯଥାର୍ଥ ଏବଂ ସ୍ୱାଗତଯୋଗ୍ୟ। ନିରୀହ ବ୍ୟକ୍ତି ବିଶେଷ କରି ମହିଳା ଓ ଶିଶୁଙ୍କ ପ୍ରାଣହାନୀ ନିଶ୍ଚିତ ଭାବେ ଦୁଃଖଦାୟକ। କିନ୍ତୁ ଏଥିପାଇଁ ଇସ୍ରାଏଲ ନୁହେଁ, ହମାସ ଦାୟୀ। ଏବେ ଯୁଦ୍ଧକୁ ଇସ୍ରାଏଲ ଅଧିକ ଦିନ ଗଡ଼ାଇବା ଅନୁଚିତ। ଏଥର ଲଢ଼େଇ ନିର୍ଣ୍ଣାୟକ ହେବା ଉଚିତ। ହମାସକୁ ସମ୍ପୂର୍ଣ୍ଣ ବିଲୋପ କରିବା ପର୍ଯ୍ୟନ୍ତ ଇସ୍ରାଏଲ ଶାନ୍ତିରେ ନିଶ୍ୱାସ ମାରିବା ଅନୁଚିତ। କାରଣ ହମାସ ଭଳି ଆତଙ୍କୀ ସଙ୍ଗଠନ ସମଗ୍ର ବିଶ୍ୱ, ମାନବଜାତି ପାଇଁ ବିପଦ। ଉଲ୍ଲେଖ ଯୋଗ୍ୟ ଯେ, ୨୦୨୩ ଅକ୍ଟୋବରରେ ହମାସର ଉଗ୍ରବାଦୀମାନେ ଇସ୍ରାଏଲରେ ଅନୁପ୍ରବେଶ କରି ନିରୀହ, ନିରସ୍ତ୍ର ବ୍ୟକ୍ତିଙ୍କୁ ବିନା ଦୋଷରେ ଅତି ବର୍ବରଭାବେ ହତ୍ୟା କରିଥିଲେ ଏବଂ ଅନେକଙ୍କୁ ଅପହରଣ କରି ମୁକ୍ତ ଜାମିନ ରଖିଥିଲେ। ହମାସର ଏହି ବର୍ବରତାକୁ ଯେତେ ନିନ୍ଦା କଲେ ମଧ୍ୟ କମ ହେବ। ଏହା ଥିଲା ଇସଲାମିକ ମୌଳବାଦର ନଗ୍ନରୂପ। ଯେଉଁ ତଥାକଥିତ ମାନବାଧିକାର ସୁରକ୍ଷା କର୍ମୀମାନେ ଇସ୍ରାଏଲର ଆକ୍ରମଣ ପାଇଁ ନିନ୍ଦା କରୁଛନ୍ତି ସେମାନଙ୍କ ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି। ହମାସର ବର୍ବରତା ସେମାନଙ୍କୁ ଦେଖାଯାଉନି। ହମାସ ଇସ୍ରାଏଲ ପରେ ନିଜ ନାଗରିକଙ୍କ ସୁରକ୍ଷା ଏବଂ ପଣବନ୍ଦୀଙ୍କ ମୁକ୍ତି ପାଇଁ ଗାଜା ଉପରେ ଆକ୍ରମଣ ବ୍ୟତିତ ଇସ୍ରାଏଲ ନିକଟରେ ଅନ୍ୟ ପନ୍ଥା ନଥିଲା। ହମାସର ଶକ୍ତି କେନ୍ଦ୍ର କୁହାଯାଉଥିବା ଗାଜା ଷ୍ଟ୍ରିପ ଉପରେ ଇସ୍ରାଏଲର ଆଖି ବୁଜା ବୋମାମାଡ଼ ହେଉଛି। ପ୍ରାୟ ୨୦ ମାସ ହେବ ଚାଲିଥିବା ଏହି ଯୁଦ୍ଧରେ ଅନେକ ହମାସ ସଦସ୍ୟ ଏବଂ ଟପ ନେତାଙ୍କ ସମେତ ପ୍ରାୟ ୫୦ ହଜାର ପ୍ରାଣ ହରାଇଛନ୍ତି। ହମାସର ସର୍ବୋଚ୍ଚ ନେତା ସିନୱାରି ମଧ୍ୟ ଇସ୍ରାଏଲ ସେନା ଆକ୍ରମଣରେ ନିହତ ହୋଇଛନ୍ତି। ଶେଷରେ ହମାସ ନିଜ ପ୍ରତି ବିପଦ ବଢ଼ୁଥିବା ଆଶଙ୍କା କରି ଇସ୍ରାଏଲ ସହ ଯୁଦ୍ଧବିରତି ଲାଗି ରାଜି ହେଲା। ଏହାର ଉଦ୍ଦେଶ୍ୟ ହେଲା ଆତ୍ମରକ୍ଷା ନିମନ୍ତେ ରଣକୌଶଳ ନିର୍ଦ୍ଧାରଣ ପାଇଁ କିଛି ସମୟ ବାହାର କରିବା। ଇସ୍ରାଏଲର ଘନ ଘନ ଆକ୍ରମଣରେ ହମାସ ଅତିଷ୍ଠ ହୋଇଥିଲା। ଆମେରିକା ଇଜିପ୍ଟ ଏବଂ କାତାରର ମଧ୍ୟସ୍ଥତାରେ ଏହି ଶାନ୍ତି ଚୁକ୍ତି ସମ୍ଭବ ହୋଇଥିଲା। କିନ୍ତୁ ହମାସ ଭଳି ଏକ ମୌଳବାଦୀ ସଙ୍ଗଠନ ଉପରେ ଭରସା ନାହିଁ ଏହା ଛଳନା ଏବଂ ପ୍ରତାରଣା ଉପରେ ବିଶ୍ୱାସ କରେ। ଝୁଟ ଏବଂ ଅତ୍ୟାଚାର ହେଉଛି ଏହାର ନୀତି। ଶୋଷଣ କରିବା ହେଉଛି ଏହାର ଆଦର୍ଶ। ଏବେ ବାଧ୍ୟ ହୋଇ ହମାସ ଯୁଦ୍ଧବିରତି ଲାଗି ରାଜି ହୋଇଥିଲା। ଏବେ ହମାସ ଶାନ୍ତିଚୁକ୍ତି ଭଙ୍ଗ କରିଛି। ଯାହା ସୂଚନା ମିଳିଛି ଯୁଦ୍ଧବିରତି ଲାଗୁ ହେବା ପରେ ହମାସ ପୁଣି ଗାଜାରେ ନିଜ ଶକ୍ତି ସଞ୍ଚୟ କରୁଛି ଏବଂ ସଙ୍ଗଠିତ ହେଉଛି। ଗତ ବର୍ଷ ମେ' ମାସରେ ଇସ୍ରାଏଲ ଆକ୍ରମଣରେ ନିହତ ହୋଇଛନ୍ତି ବୋଲି କୁହାଯାଉଥିବା ହମାସର ଜଣେ ଟପ ନେତା ହୁଦେନ ଫାୟାଦ ଏବେ ପଦାକୁ ଆସିଛି। ତାଙ୍କ ମୃତ୍ୟୁ ଖବର ମିଛ ଥିଲା ଏବଂ ସେ ଏବେ ବି ବଂଚିଛି ବୋଲି ସ୍ପଷ୍ଟ ହୋଇଯାଇଛି। ସମ୍ଭବତଃ ଇସ୍ରାଏଲ ଗୁଇନ୍ଦା ବାହିନୀକୁ ବାଟବଣା କରିବା ପାଇଁ ଫାୟାଦ ନିଜ ମୃତ୍ୟୁ ଖବର ପ୍ରଚାର କରିଥିଲା ଏବଂ ଆଜି ପର୍ଯ୍ୟନ୍ତ ଆତ୍ମଗୋପନ କରି ରହିଥିଲା। ଏବେ ଯୁଦ୍ଧବିରତି ଘୋଷଣା ହେବା ପରେ ସେ ପଦାକୁ ବାହାରିଛି। ଯାହା ସୂଚନା ମିଳୁଛି ସିନୱାରିଙ୍କ ମୃତ୍ୟୁ ପରେ ଫାୟାଦ ହିଁ ହମାସର ନେତୃତ୍ୱ ନେବ। ଫାୟାଦର ନେତୃତ୍ୱରେ ହମାସ ପୁଣି ଗାଜାରେ ନିଜ ସ୍ଥିତି ସୁଦୃଢ଼ କରିବା ଏବଂ ପୁଣି ଅସ୍ତ୍ରଶସ୍ତ୍ର ସଂଗ୍ରହ କରି ନିଜକୁ ଲଢ଼େଇ ପାଇଁ ପ୍ରସ୍ତୁତ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। କେବଳ ମଣିଷ ମାରିବା, ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି କରିବା, ଲୁଟ କରିବା ହେଉଛି ଏହାର ଏକମାତ୍ର କାର୍ଯ୍ୟ। ଶିକ୍ଷା, ସଭ୍ୟତା ଏବଂ ବିକାଶମୂଳକ ଚିନ୍ତାଧାରାଠାରୁ ଏହା ବହୁ ଦୂରରେ। ଏହା ମଧ୍ୟଯୁଗୀୟ ବର୍ବରତା ଉପରେ ବିଶ୍ୱାସ କରେ। ତେଣୁ ଏହା ଉପରେ ଇସ୍ରାଏଲ ବିଶ୍ୱାସ ବା ଭରସା କରିବା ଅନୁଚିତ। ହମାସ ହେଉଛି ଏକ ବିଷଧର ସର୍ପ। କେତେବେଳେ ବି ଏହା ଚୋଟ ମାରିପାରେ। ଏହାର ମୂଳୋତ୍ପାଟନ ନିହାତି ଜରୁରୀ। ଏଥିପାଇଁ ଇସ୍ରାଏଲକୁ ସବୁ ସଭ୍ୟ, ଗଣତାନ୍ତ୍ରିକ ରାଷ୍ଟ୍ର ସମର୍ଥନ ଏବଂ ସହଯୋଗ କରିବା ଉଚିତ। ଭାରତ ସରକାର ଇସ୍ରାଏଲକୁ ନୈତିକ ସମର୍ଥନ ଦେବା ସ୍ୱାଗତଯୋଗ୍ୟ। କଂଗ୍ରେସ ଓ ବାମପନ୍ଥୀମାନେ ପାଲେଷ୍ଟାଇନକୁ ସମର୍ଥନ କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ହମାସକୁ ସମର୍ଥନ ନିନ୍ଦନୀୟ। ହମାସ ହେଉଛି ଲସ୍କର-ଇ-ତୋଇବା ଏବଂ ଜୈସ-ଇ-ମହମ୍ମଦ ଭଳି ଏକ ଆତଙ୍କୀ ସଙ୍ଗଠନ। ଏହାକୁ ଅଲକାଏଦା ସହିତ ତୁଳନା କରାଯାଇପାରେ। ତେଣୁ ଏହାକୁ ସମର୍ଥନର ଅର୍ଥ କଂଗ୍ରେସ ଆତଙ୍କବାଦକୁ ସମର୍ଥନ କରୁଛି। ସଂଖ୍ୟାଲଘୁ ତୁଷ୍ଟିକରଣ ନିମନ୍ତେ ଆତଙ୍କବାଦକୁ ସମର୍ଥନ ଗ୍ରହଣୀୟ ନୁହେଁ। ଯେଉଁମାନେ ଆତଙ୍କବାଦ, ମୌଳବାଦ ବିରୋଧୀ ସେମାନେ ସମସ୍ତେ ହମାସ ବିରୋଧୀ ଅଭିଯାନକୁ ସମର୍ଥନ କରିବା ଉଚିତ। ବିଶ୍ୱ ଶାନ୍ତି ଲାଗି ଏଭଳି ସଙ୍ଗଠନକୁ ନିର୍ମୂଳ କରିବା ଉଚିତ। ଦମନ କରାଯିବା ଉଚିତ। ଏବେ ଗାଜାର ନାଗରିକ ମାନେ ନିଜ ଦୁର୍ଦ୍ଦଶା ନିମନ୍ତେ ହମାସକୁ ଦାୟୀ କରି ଏହା ବିରୋଧରେ ଲଢ଼େଇ କରିବା ଉଚିତ।

# ମସ୍କଙ୍କ କୃତ୍ରିମମେଧା ଗ୍ରୋକ୍



## ଗୋପାଳ ମହାପାତ୍ର

ଏବେ କିଛି ଦିନ ହେବ ଗ୍ରୋକ୍ ନାମକ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନସି (କୃତ୍ରିମ ମେଧାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସାମାଜିକ ଗଣମାଧମରେ ଚର୍ଚ୍ଚାରେ ଥିବା ଏହି କୃତ୍ରିମ ମେଧା ଚାଟବେଟ୍ (ଯେଉଁଥିରେ ପ୍ରଶ୍ନ ପଚାରିଲେ ତୁରନ୍ତ ଉତ୍ତର ମିଳିବ)ର ବ୍ୟବହାର ମଧ ବଢ଼ିବାରେ ଲାଗିଛି। ଏଲନ ମସ୍କଙ୍କ ଏକ୍ସଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ଗ୍ରୋକ୍ ସାମାଜିକ ଗଣ ମାଧମ ଏକ୍ସରେ ଅନେକ ପ୍ରଶ୍ନର ଉତ୍ତର ସିଧାସଳଖ ଦେଇପାରୁଛି। ଗ୍ରୋକ୍‌କୁ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଗ୍ରୋକ୍ ଅନେକ ସମୟରେ ଅଭଦ୍ର ଟିପ୍‌ଣୀ ଏପରିକି ଗାଳିଗୁଲଜ ଦେଉଥିବା ଜଣାପଡ଼ିଛି। ଗ୍ରୋକ୍ ଏଭଳି ଉତ୍ତର ଦେଉଛି କାହିଁକି? ପ୍ରତି ପ୍ରଶ୍ନର ଉତ୍ତର ପାଇଁ ଗ୍ରୋକ୍‌କୁ ତଥ୍ୟ ମିଳୁଛି କେଉଁଠୁ? ଏଭଳି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି। ଏ ପ୍ରସଙ୍ଗରେ ଜନୈକ ବ୍ୟବହାରକାରୀଙ୍କ ପ୍ରଶ୍ନର ଉତ୍ତର ଦେଇ ଗ୍ରୋକ୍ କହିଛି ଯେ ଯେତେବେଳେ କୌଣସି ପ୍ରଶ୍ନ ପଚରାଯାଏ ସେହି ପ୍ରଶ୍ନର ଉତ୍ତର ଦେବା ପାଇଁ ଗ୍ରୋକ୍ ନିଜର ଟ୍ରେନିଙ୍ଗ୍ ଡାଟା ଏବଂ ରିଅଲ ଟାଇମ୍ ଟୁଲସର ବ୍ୟବହାର କରିଥାଏ। ୱେବସାଇଟ, ବହି, ଆର୍ଟିକିଲ ଏବଂ ଏକ୍ସ ପୋଷ୍ଟ ପ୍ରଭୃତିରୁ ଗ୍ରୋକ୍ ତଥ୍ୟ ସଂଗ୍ରହ କରି ଉତ୍ତର ପ୍ରଦାନ କରିଥାଏ। କିନ୍ତୁ ଗ୍ରୋକ୍‌ର ଜ୍ଞାନ ଏତିକିରେ ସିମୀତ ନୁହେଁ। ଏଥିରେ କ୍ରମାଗତ ଭାବେ ନୂଆ ନୂଆ ତଥ୍ୟ ଯୋଡ଼ା ଯାଇଥାଏ। ଗ୍ରୋକ୍ ପକ୍ଷରୁ କୁହାଯାଇଛି ଯେ ବ୍ୟବହାରକାରୀ ମାନେ ଏତେ ସବୁ ପ୍ରଶ୍ନ ପଚାରୁଛନ୍ତି ଯେ ସେଥିପାଇଁ ତାକୁ ଅଧିକ ତଥ୍ୟର ଆବଶ୍ୟକତା ପଡୁଛି ଯେମିତି ଏକ୍ସରେ କୌଣସି ବିଶେଷ ପୋଷ୍ଟ ବା ଲିଙ୍କର ବିଶ୍ଳେଷଣ ନିଜେ (ଗ୍ରୋକ୍) ଖୋଜିଥାଏ କାରଣ ୱେ୍ୟବସର୍ଚ୍ଚ ଓ ଏକ୍ସ ସର୍ଚ୍ଚର ସୁବିଧା ଗ୍ରୋକ୍ ପାଖରେ ରହିଛି। ଏହି କାରଣରୁ ନୂଆ ନୂଆ ପୋଷ୍ଟ, ବ୍ୟବହାର କାରୀଙ୍କ ସବିଶେଷ ତଥ୍ୟ ଏପରିକି ବାହାରର ସାଇଟ ସବୁ ଗ୍ରୋକ୍ ବିଶ୍ଳେଷଣ କରିପାରେ।

ଗ୍ରୋକ୍‌କୁ ପ୍ରଶ୍ନ ପଚରାଗଲେ ସେ ଯେଉଁ ଉତ୍ତର ଦେଇଥାଏ ତାର ଆଧାର କ'ଣ? ଗ୍ରୋକ୍‌ର ଉତ୍ତରର ଆଧାର ତଥ୍ୟ ଏବଂ ତର୍କ। ଗ୍ରୋକ୍‌ର ଉତ୍ତର ତଥ୍ୟ ଉପରେ ପର୍ଯ୍ୟବେସିତ, କାହାର ମନ୍ତବ୍ୟ ଅଥବା ଅନ୍ଦାଜ ଉପରେ ପର୍ଯ୍ୟବେସିତ ନୁହେଁ। ଗ୍ରୋକ୍‌କୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି ଯେମିତି ଭିନ୍ନ ଭିନ୍ନ ସ୍ରୋତର ତଥ୍ୟକୁ ବିଶ୍ଳେଷଣ କରିପାରିବ। ଉଦାହରଣ ସ୍ୱରୂପ ଏକ୍ସରେ ଜଣେ କ'ଣ ପୋଷ୍ଟ କରିଛି ଓ ୱେବସାଇଟରେ କ'ଣ ତଥ୍ୟଅଛି ଏପରିକି ନିଜ (ଗ୍ରୋକ୍) ପାଖରେ କ'ଣ ତଥ୍ୟ ଅଛି ଏସବୁକୁ ତର୍ଜମା କରି ଗ୍ରୋକ୍ ଉତ୍ତର ଦେଇଥାଏ। ପ୍ରଶ୍ନର ଯେତେ ଦିଗ ଥିଲେବି ଗ୍ରୋକ୍ ତାର ଉତ୍ତର ଦେଇଥାଏ। ଉତ୍ତରରେ ଗ୍ରୋକ୍ ମଧ ଗାଳିଗୁଲଜ ଦେଇଥାଏ ବୋଲି ଅନେକେ ଅଭିଯୋଗ କରୁଛନ୍ତି। ଏହାର କାରଣ ହେଉଛି ଗ୍ରୋକ୍‌କୁ ଏଭଳି ଡିଜାଇନ କରାଯାଇଛି ଓ ଏଥିରେ ପ୍ରତ୍ୟେକ ପ୍ରକାରର ଭାଷାକୁ ସାମିଲ କରାଯାଇଛି। ସମ୍ମାନଜନକ ଭାଷାଠାରୁ ଆରମ୍ଭ କରି ଗାଳିଗୁଲଜ ପର୍ଯ୍ୟନ୍ତ ହିନ୍ଦୀ ସମେତ ଅନେକ ଭାଷାରେ ତଥ୍ୟ ସବୁ ଏଥିରେ ଅପଡେଟ କରାଯାଇ ରଖାଯାଇଛି। ଅଭଦ୍ର ଶବ୍ଦ ବା ଗାଳିଗୁଲଜକୁ ବ୍ୟବହାର କରିବାର ଉଦେଶ୍ୟ ହେଉଛି ବ୍ୟବହାରକାରୀଙ୍କୁ ସଠିକ୍ ଏବଂ ନିଛକ ଉତ୍ତର ପ୍ରଦାନ କରିବା। ବ୍ୟବହାରକାରୀ ଯେଭଳି ଭାଷାର ପ୍ରୟୋଗ କରିଥାନ୍ତି ଗ୍ରୋକ୍ ସେହି ଭଳି ଭାଷାରେ ଉତ୍ତର ଦେବାରେ ସକ୍ଷମ। ଗ୍ରୋକ୍ ପରସ୍ପର ମଧ୍ୟରେ କଥାବାର୍ତ୍ତା ଭଳି ଉତ୍ତର ଦେଇଥାଏ। ଏହା ଆମକୁ ଅନୁକରଣ କରିବାରେ ମଧ ପାରଙ୍ଗମ।

ଗ୍ରୋକ୍(କୃତ୍ରିମ ମେଧା) ଚାଟବଟକୁ ୨୦୨୩ ନଭେମ୍ବର ମାସରେ ଲଞ୍ଚ କରାଯାଇଥିଲା। ଏଲନ ମସ୍କ ଏକ ସାକ୍ଷାତକାରରେ ଏ ପ୍ରସଙ୍ଗରେ କହିଛନ୍ତି ଯେ ଗ୍ରୋକ୍ ହାଲୁକା ବ୍ୟଙ୍ଗ କରିବାକୁ ପସନ୍ଦ କରିବ ଏବଂ ଥଟ୍ଟା ମଜା କରି ଉତ୍ତର ଦେବ। ଗ୍ରୋକ୍‌ଠାରୁ ଉତ୍ତର ଶୁଣିବା ପାଇଁ ଅନ୍ୟ କୌଣସି ଆପ୍‌ର ବ୍ୟବହାର କରିବାକୁ ପଡ଼େ ନାହିଁ ବରଂ ଏକ୍ସ( ସାମାଜିକ ଗଣମାଧମ)ରେ ଟୁଇଟ କଲେ ଗ୍ରୋକ୍ ତାର ଉତ୍ତର ଦେଇଥାଏ। ଏହି କାରଣରୁ ଗ୍ରୋକ୍ ଏବେ ଲୋକପ୍ରିୟ ହେବାରେ ଲାଗିଛି। ଗ୍ରୋକ୍‌ର ଉତ୍ତରକୁ ନେଇ ଏବେ ଅନେକ ଚର୍ଚ୍ଚା ଚାଲିଛି। ଗ୍ରୋକ୍ ଭାରତର ଅନେକ ରାଜନେତାଙ୍କ ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଯାହା କହିଛି ତାକୁ ନେଇ ଏବେ ଅନେକ ନେତା ବିରକ୍ତି ପ୍ରକାଶ କରୁଛନ୍ତି। ଏଲନ ମସ୍କଙ୍କ ମାଲିକାନାରେ ଥିବା ଏକ୍ସଏଆଇ କମ୍ପାନୀ ଏକ୍ସ (ଯାହା ପୂର୍ବରୁ ଟୁଇଟରଥିଲା)ରେ ଉପଯୋଗ ବା ବ୍ୟବହାର ପାଇଁ ଗ୍ରୋକ୍‌କୁ ପ୍ରସ୍ତୁତ କରିଛି। କିନ୍ତୁ ଗ୍ରୋକ୍ ଅନେକ ପ୍ରଶ୍ନର ଉତ୍ତର ଦେଉନାହିଁ। ଯେପରିକି ଜନୈକ ବ୍ୟବହାର କାରୀ ଯଦି ପ୍ରଶ୍ନ କରେ ଯେ ଅମୁକ ବ୍ୟକ୍ତିକୁ ମୃତ୍ୟୁଦଣ୍ଡ କେବେ ମିଳିବ? କିଏ ମରିବା ଉଚିତ୍? ଗ୍ରୋକ୍ ଏଭଳି ପ୍ରଶ୍ନର ଉତ୍ତରରେ ଏଭଳି ପ୍ରଶ୍ନର ଉତ୍ତର ମୁଁ ଦେଇ ପାରିବି ନାହିଁ ବୋଲି କହିଥାଏ। ଯଦି କେହି ପ୍ରଶ୍ନକରେ- ବୋମା କେମିତି ପ୍ରସ୍ତୁତ କରାଯିବ? ସେଭଳି ପ୍ରଶ୍ନର ଉତ୍ତର ମଧ ଗ୍ରୋକ୍ ଦିଏନାହିଁ। ଗ୍ରୋକ୍‌କୁ ଯଦି କେହି ଭବିଷ୍ୟତ ବାବଦରେ ପ୍ରଶ୍ନ କରେ ତେବେ ସେ ଉତ୍ତର ଦିଏ "ମୁଁ ଭବିଷ୍ୟତ ବକ୍ତା ବା ଜ୍ୟୋତିଷ ନୁହେ"। ଗ୍ରୋକ୍‌ର ବିଶେଷତ୍ୱ ହେଉଛି ସେ ସର୍ବଦା ଅଧିକ ଶିଖିବାକୁ ଚାହେଁ ବୋଲି କହିଛି। ତ୍ରୁଟିକୁ ସୁଧାରିବା ଦିଗରେ ଗ୍ରୋକ୍ ମଧ ନିଜେ ନିଜେ ବ୍ୟବସ୍ଥା କରିପାରେ। ଏଲନ ମସ୍କଙ୍କ ଏହି ନୂଆ ଚାଟବଟ ବା ଆପ୍‌କୁ ନେଇ ଅନେକ ସକାରାତ୍ମକ ମନ୍ତବ୍ୟ ଦେଖିବାକୁ ମିଳୁଥିବା ବେଳେ ରୋକ୍ ଠୋକ୍ ଓ ତଥ୍ୟ ଆଧାରିତ ଉତ୍ତର ଦେଉଥିବା କାରଣରୁ ଅନେକ ମଧ ଗ୍ରୋକ୍‌କୁ ସମାଲୋଚନା କରିବା ଆରମ୍ଭ କରି ଦେଇଛନ୍ତି।

ସବୁଠାରୁ ସମ୍ବେଦନଶୀଳ କଥା ହେଉଛି ଗ୍ରୋକ୍ ଶବ୍ଦ ରବର୍ଟ ହାଇନ ଲାଇନଙ୍କ ଏକ ବିଜ୍ଞାନ ଭିତ୍ତିକ ଉପନ୍ୟାସ "ଷ୍ଟ୍ରେଞ୍ଜର ଇନ ଷ୍ଟ୍ରେଞ୍ଜ ଲ୍ୟାଣ୍ଡ"ରୁ ନିଆଯାଇଛି। ଉପନ୍ୟାସର କାହାଣୀରେ ଜଣେ ବ୍ୟକ୍ତିର ସନ୍ତାନକୁ ମଙ୍ଗଳ ଗ୍ରହବାସୀ ପାଳନ କରୁଛନ୍ତି। ଗ୍ରୋକ୍ ଅର୍ଥାତ୍ କାହାରିକୁ ଏଭଳି ଦେଖିବା ଯେପରି ଆତ୍ମସାତ କରିବା। ଉପନ୍ୟାସରେ ମଙ୍ଗଳଗ୍ରହର ବାସିନ୍ଦା ଏହି ଶବ୍ଦର ବ୍ୟବହାର କରୁଥିଲେ। କିନ୍ତୁ ଏବେ ଚାଟବଟ ଗ୍ରୋକ୍ ଏକସଙ୍ଗରେ ବୁଦ୍ଧି, ମନ ଏବଂ ଆଧାତ୍ମିକ ସବୁକୁ ଏକାକାର କରି ଉତ୍ତର ଦେଉଛି। ଗ୍ରୋକ୍ ଯେଭଳି ପ୍ରଶ୍ନର ଉତ୍ତର ଦେଉଛି ସେଥିରୁ ସ୍ପଷ୍ଟ ଯେ ଏଲନ ମସ୍କଙ୍କ ଭଳି ବ୍ୟବସାୟୀଙ୍କ ପ୍ରକୃତ ଉଦେଶ୍ୟ କ'ଣ? ଆଜିର ସମୟରେ ଧନକୁବେର ମାନେ ଯେତେବେଳେ ରାଜନୀତିର ଦିଗ ପରିବର୍ତ୍ତନ କରି ପାରୁଛନ୍ତି ସେତେବେଳେ ଲୋକଙ୍କୁ ଅଧିକ ସତର୍କ ରହିବାକୁ ପଡିବ। ମସ୍କଙ୍କୁ ଏବେ ଭାରତର ଦୁଇ ବଡ଼ ଟେଲିକମ କମ୍ପାନୀର ସହଯୋଗ ମିଳିଯାଇଛି ଓ ଏବେ ଭାରତୀୟଙ୍କୁ ଇଣ୍ଟରନେଟ ସହଜରେ ଉପଲବ୍ଧ ହେବ। କିନ୍ତୁ ବଡ଼ କଥା ହେଉଛି ଗ୍ରୋକ୍‌କୁ ଅଧିକ ମାନବୀୟ କରାଯିବା ପାଇଁ ଉଦ୍ୟମ ହେଉଛି। ମାନବୀୟ କରାଯିବା ତ ଠିକ୍ କଥା କିନ୍ତୁ ଏହା ଯେପରି ଅଧିକ ବିବାଦୀୟ ନହେବ ସେ କଥା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ରାମଚନ୍ଦ୍ରପୁର, ରଣପୁର,
ମୋବାଇଲ: ୯୪୩୮୪୮୫୦୯୪



# ଭୟାନକ ଯକ୍ଷ୍ମା ଓ ଯକୃତ ସଂକ୍ରମଣ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



୧୮୮୨ ମସିହା। ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ। ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ। ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍। ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଳିବା ପାଇଁ। ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ। ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ। ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ "ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ। ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ। ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି "ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ। ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି। କେତେକ ଜାଣିପାରିଲେ ମଧ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ। ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ। ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ। ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ। ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ "ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ହାତ ମିଳାଇଥିଲା। ପ୍ରତି ବର୍ଷପରି ଚଳିତ ବର୍ଷର ବାର୍ତ୍ତା ରହିଛି - ""ୟେସ୍ ! ଉଇ କ୍ୟାନ୍ ଏଣ୍ଡ ଟିବି : କମିଟ୍, ଇନଭେଷ୍ଟ ଆଣ୍ଡ ଡେଲିଭର" ("ଶରସ୍ବ! ଡର ଉବଭ ରଭୟ ଝଛଃ ଉକ୍ଟଖ୍ଖସଭ୍, ଓଭଙ୍ଗରସ୍ବଭ୍, ଉରକ୍ଷସଙ୍ଗରକ୍ସ").ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ ହେଲେ ମଧ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା। ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର। ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ। ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ।

ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି। ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି। ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପ୍ରୋଟନ ମଧ ହୋଇପାରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଣେ ଗୁଟ୍‌ଖା ହେଉ ବା ବିଡ଼ି, ସିଗାରେଟ, ଗ୍ରାମୀଣ ହାତ ତିଆରି ନିଶା ଦ୍ରବ୍ୟ ହେଉ ବା ମଦ୍ୟପାନ ଏହା ପ୍ରଥମତଃ ଜଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପେଟ, ଲିଭର ଓ କିଡ଼ନୀକୁ ପ୍ରଭାବିତ କରିଥାଏ। ଏହା ଏପରି ଏକ ଜଟିଳ ବିଷାକ୍ତ ପଦାର୍ଥ ଯେ ଏହା ଆପଣଙ୍କୁ ଯକୃତ ଜନିତ କ୍ୟାନସର ବି କରିପାରେ, ଲିଭର ସିରୋସିସ ବି ହୋଇପାରେ ଏବଂ ଏହା ମଧ ଯକ୍ଷ୍ମାରୋଗର ଅନ୍ୟତମ ପ୍ରମୁଖ କାରଣ। ସେହିପରି ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ। ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହି ସବୁ ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା।

ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି। ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ। ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ। ସର୍ବପ୍ରଥମେ ଆପଣ ନିଜ ପାଇଁ ଭଲ ସ୍ୱାସ୍ଥ୍ୟଗତ ରୁଟିନଟି ତିଆରି କରନ୍ତୁ। ନିର୍ଦ୍ଧାରିତ ସମୟରେ ଶଯ୍ୟା ତ୍ୟାଗ ସହ ଶୁଷମ ଖାଦ୍ୟ ଗ୍ରହଣ କରନ୍ତୁ, ବିଶୁଦ୍ଧ ପାଣି ପିଅନ୍ତୁ, ସବୁଜ ପରିବା ଓ ତଟକା ଫଳ ଗ୍ରହଣ କରନ୍ତୁ। ପ୍ରାତଃ ଭ୍ରମଣ, ବ୍ୟାୟାମ, ଯୋଗାସନ ସବୁଠାରୁ ଭଲ ଅଭ୍ୟାସ। ନିରାମିଷ ଖାଦ୍ୟ ଏକ ଭଲ ଅଭ୍ୟାସ, ବାହାରର ଖାଦ୍ୟ, ବାଶୀ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସବୁଠାରୁ ଭଲ ଅଭ୍ୟାସ। ନିଜକୁ ସବୁବେଳେ ସକାରାତ୍ମକ ଭାବନା ଭିତରେ ରଖନ୍ତୁ ଯଥାସମ୍ଭବ ଆପଣଙ୍କ ଇଷ୍ଟଗୁରୁ ଆଉ ଭଗବାନଙ୍କ ନାମ ସ୍ମରଣ କରିବା ସହ ସମସ୍ତଙ୍କ ସହିତ ଏକ ଆନନ୍ଦମୟ ଓ ପ୍ରଫୁଲ୍ଲିତ ସମ୍ପର୍କ ରଖନ୍ତୁ। ଏହା ଆପଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ବଡ଼ ସଞ୍ଜିବନୀ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପ୍ରୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା।

**ପ୍ରଫେସର, ଲିଭର ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,**
**କଟକ, ମୋବାଇଲ: ୯୪୩୭୦୫୧୯୫୭**

# ବାସ୍ତୁ ଓ ବେଡ୍‌ରୁମ୍

## ଉତ୍କଳାନନ୍ଦ ଅଜୟ କୁମାର ବେହେରା



ବଢ଼ିଛି ଜୀବନର ବ୍ୟସ୍ତତା। ଅନିୟମିତ ହୋଇଛି ଦିନଚର୍ଯ୍ୟା। ତା ସହିତ ସୃଷ୍ଟି ହୋଇଛି ଅନିଦ୍ରାର ସମସ୍ୟା। ମଣିଷ ଆଜି ଟିକେ ସୁଖନିଦ୍ରା ପାଇଁ ହେଉଛି ଛଟପଟ। ତେବେ ଯଦି ବାସ୍ତୁଶାସ୍ତ୍ର ଅନୁଯାୟୀ ବେଡ଼ରୁମ୍ ସଜାଯାଏ ଏହି ସମସ୍ୟାରୁ ପାଇପାରିବେ ନିସ୍ତାର। ବେଡ଼ରୁମ୍‌ରେ ଖଟକୁ ଏମିତି ରଖନ୍ତୁ, ଯଦ୍ୱାରା ଶୋଇବା ସମୟରେ ମୁଣ୍ଡ ସର୍ବଦା ଦକ୍ଷିଣ ଦିଗ ଓ ଗୋଡ଼ ଉତ୍ତର ଦିଗକୁ ରହିବ। କାରଣ ବୈଜ୍ଞାନିକ କାରଣ କହେ, ଉତ୍ତର ଦିଗ ହେଉଛି ଚୁମ୍ବକତ୍ୱ ଦିଗ। ଏହି ଦିଗକୁ ମୁଣ୍ଡକରି ଶୋଇଲେ ରାତି ସାରା ଚୁମ୍ବକତ୍ୱର ପ୍ରଭାବ ମୁଣ୍ଡ ଉପରେ ପଡ଼ିଥାଏ। ବିଶେଷକରି ରକ୍ତରେ ଥିବା ଲୌହାଂଶ ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ଫଳରେ ମୁଣ୍ଡ ଟାଣିହେବା ପ୍ରତି ଲାଗିବା ସହ ସକାଳେ ଉଠିବା ପରେ ମୁଣ୍ଡ ଭାରି ଭାରି ଲାଗେ। ଏତଦ୍‌ବ୍ୟତୀତ ଆପଣ ମୁଣ୍ଡକୁ ପୂର୍ବ କିମ୍ବା ପଶ୍ଚିମ ଦିଗକୁ ବି ରଖି ଶୋଇପାରିବେ। ଖଟର ମୁଣ୍ଡ ପଟେ କାନ୍ଥ ରହିବା ଭଲ, କୌଣସି ଝରକା କିମ୍ବା କବାଟ ରହିବା ଭଲ ନୁହେଁ। କାରଣ କବାଟ କି ଝରକା ଥିଲେ ମନରେ ଅସୁରକ୍ଷିତ ଭାବ ଉତ୍ପନ୍ନ ହୋଇଥାଏ।

ବେଡ଼ରୁମ୍‌ରେ କୌଣସି ଦର୍ପଣ ରହିବା ମଧ ଭଲ ନୁହେଁ। ଯଦି ଦର୍ପଣ ଥାଏ ତାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିଦିଅନ୍ତୁ କିମ୍ବା ରାତିରେ ଏହାକୁ କପଡ଼ାରେ ଢ଼ାଙ୍କି ଦିଅନ୍ତୁ। କାରଣ ରାତିରେ ଦର୍ପଣକୁ ଦେଖିଲେ ରୁମ୍‌ରେ ଆଉ କେହି ଥିବା ପରି ମନେହୋଇଥାଏ। ଏହାଦ୍ୱାରା ବ୍ୟକ୍ତିଙ୍କ ଶରୀରର ଉର୍ଜା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଏଥିସହିତ ବେଡ୍‌ରୁମ୍‌ରେ କୌଣସି ବଡ଼ ଜଳପାତ୍ର, ଆକ୍ୱାରିୟମ୍ ରଖନ୍ତୁ ନାହିଁ। କାରଣ ଏହା ବେଡ଼ରୁମ୍‌ର ଶାନ୍ତ ପରିବେଶରେ ବ୍ୟାଘାତ ସୃଷ୍ଟି କରିଥାଏ। ଘର ସଜାଇବାବେଳେ ଏମିତି କିଛି ଫଟୋ କାନ୍ଥରେ ଲଗାନ୍ତୁ ନାହିଁ ଯାହା ଦୁଃଖ ଓ ଯନ୍ତ୍ରଣାର ଭାବକୁ ବ୍ୟକ୍ତ କରୁଥିବ। ଏହା ବଦଳରେ ଆପଣ ଭଲପାଇବା, ସ୍ନେହ, ପ୍ରେମ, ନିଜସ୍ୱ ପଣର ପ୍ରତୀକ ଥିବା ପେଣ୍ଟିଂ ଲଗାନ୍ତୁ। ଏଥିସହିତ ଧ୍ୟାନ ଦେବା ଜରୁରୀ ଯେ, ବେଡ଼ରୁମ୍ କାନ୍ଥକୁ ଅନେକଗୁଡ଼ିଏ ପେଣ୍ଟିଂ, ଶୋ'ପିସ୍ ଆଦିରେ ସଜାଇ ଭର୍ତ୍ତି କରନ୍ତୁ ନାହିଁ। ବେଡ଼ରୁମ୍ କାନ୍ଥରେ ଉତ୍ତେଜିତ ରଙ୍ଗ ଯେମିତିକି ଗାଢ଼ ଲାଲ, ଗାଢ଼ ସବୁଜ ରଙ୍ଗରେ ପେଣ୍ଟ କରନ୍ତୁ ନାହିଁ। ବରଂ ହାଲ୍‌କା ହଳଦିଆ, ଆଇଭରି ଅଫ୍ ହ୍ୱାଇଟ, ଲାଇଟ ପିଙ୍କ ଭଳି ରଙ୍ଗରେ ପେଣ୍ଟ କରନ୍ତୁ। ଆଉ ଛାତକୁ ସବୁବେଳେ ଧଳା ରଙ୍ଗରେ ପେଣ୍ଟ କରନ୍ତୁ। ଯଦି ଚାହାନ୍ତି ଛାତର ବଡ଼ର୍‌ରେ କାନ୍ଥ ସହ ମ୍ୟାଚିଂ କରି କିମ୍ବା କଣ୍ଟ୍ରାଷ୍ଟ କଲର୍‌ର ପେଣ୍ଟ ଲଗାଇପାରିବେ। ବେଡ଼ରୁମ୍‌ରେ ଅଧିକ ଗାଢ଼ ଓ ଏକରୁ ଅଧିକ ରଙ୍ଗ ବ୍ୟବହାର କଲେ ନିଦରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଅଫିସର୍ ରେକର୍ଡ଼, ଫାଇଲ କିମ୍ବା ବ୍ୟବସାୟ ସମ୍ବନ୍ଧିତ କାଗଜପତ୍ରକୁ ରଖନ୍ତୁ ନାହିଁ। କାରଣ ଅଫିସ୍‌ର କାଗଜପତ୍ର ଦେଖିଲେ ବାକି ଥିବା କାମ ମନେପଡ଼େ ଓ ଦିନ ସାରା କରିଥିବା ପରିଶ୍ରମ ମାନସପଟରେ ଭାସିଉଠେ। ବେଡ଼ରୁମ୍‌ର ଶେଲ୍ଫ, ଆଲଣା, ଆଲମିରାରେ ଜିନିଷ ଲଦି ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ବେଡ଼ରୁମ୍‌ର ଆଭ୍ୟନ୍ତରୀଣ ବାତାବରଣ ଭାରି ତଥା ଅଣନିଃଶ୍ୱାସୀ ଲାଗେ। ଅଗ୍ନିର କାରକ ତତ୍ତ୍ୱ ଯେମିତି କି ଟିଭି, ଅଧିକ ଉଜ୍ଜ୍ୱଳ ଲାଇଟ, ରେଫ୍ରିଜେଟର, ହିଟର୍ ବି ରଖନ୍ତୁ ନାହିଁ। ବାୟୁତତ୍ତ୍ୱରେ ବି ସୀମା ରହିବା ଜରୁରୀ, ଯେମିତିକି ବହୁତ ବଡ଼ ବଡ଼ ଝରକା, କବାଟ, ସ୍କାଇଲାଇଟ ରହିବା ଉଚିତ ନୁହେଁ। ଏଥିସହିତ ଖୁବ୍ ଜୋରରେ ବୁଲୁଥିବା ଫ୍ୟାନ୍, କୁଲର୍ ବି ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ। କାରଣ ଏହାଦ୍ୱାରା ରୁମ୍ ଭିତରେ ଅସ୍ଥିରତା ବଢ଼ିଥାଏ। ବେଡ଼ରୁମ୍‌ର ଫର୍ଣ୍ଣିଚର ସବୁ କାଠର ହେବା ଜରୁରୀ। କାରଣ ଏହା ଶରୀରର ଉର୍ଜାକୁ ବଜାୟ ରଖିଥାଏ। ଧାତୁ କିମ୍ବା ଅନ୍ୟ କୌଣସି ବସ୍ତୁରେ ତିଆରି ଆସବାପତ୍ର ଶରୀରର ଉର୍ଜାକୁ ନିଷ୍କ୍ରିୟ କରିପାରେ।

ବେଡ଼ରୁମ୍‌ଟି ପ୍ରତି ଘରର ଏକ ଗୁରୁତ୍ୱପୂର୍ଣ୍ଣ କୋଠରୀ। ବେଡ଼ରୁମରେ ବିଶେଷକରି ଟିଭି ରଖନ୍ତୁ ନାହିଁ କିମ୍ବା ଠାକୁର ଘର କରି ବେଡ଼ରୁମ୍‌କୁ ସଜାନ୍ତୁ ନାହିଁ। ସେହିପରି ବେଡ଼ ରୁମରେ ଖାଦ୍ୟ ପଦାର୍ଥ ନଖାଇବା ସବୁଠାରୁ ଭଲ। ବିଶେଷକରି କୌଣସି ପରିସ୍ଥିତିରେ ଏହି ରୁମରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। ଏହି ରୁମ ଭିତରକୁ ଯେପରି ମୁକ୍ତ ପବନ ଆସିବ ସେ ଦିଗକୁ ଦେଖନ୍ତୁ ଏବଂ କୋଠରୀଟିକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଆପଣଙ୍କ ଈଶ୍ୱରଙ୍କ ଉପରେ ବିଶ୍ୱାସ ଓ ସକାରାତ୍ମକ ଭାବନା ବେଡ଼ରୁମର ବାସ୍ତୁଦିଗକୁ ଆହୁରି ଗୁରୁତ୍ୱମୟ ଓ ଆନନ୍ଦମୟ ଗଢ଼ି ତୋଳିବ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,**
**କଟକ, ମୋବାଇଲ: ୯୪୩୭୦୩୧୨୫୩**

## ନାଗପୁର ହିଂସା କ୍ଷୟକ୍ଷତିର ଭରଣା ଦଙ୍ଗାକାରୀଙ୍କଠାରୁ ଆଦାୟ କରାଯିବ



**ମୁମ୍ବାଇ,୨୨ା୩:** ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ସହରର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଶନିବାର ନାଗପୁର ପୋଲିସ ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ନାଗପୁର ହିଂସା ପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ କହିବାକୁ ଗଲେ, ଫଡନଭିସ କହିଛନ୍ତି ଯେ ସୋସିଆଲ ମିଡିଆରେ ଗୁଜବ ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଛି। ଆମେ ଦଙ୍ଗାକାରୀମାନଙ୍କୁ ଚିହ୍ନଟ କରିଛୁ। ଆମେ ସେମାନଙ୍କୁ କ୍ଷତିର କ୍ଷତିପୂରଣ ଦେବାକୁ ବାଧ କରିବୁ। ପୋଲିସକୁ ଟାର୍ଗେଟ କରିଥିବା ଦଙ୍ଗାକାରୀମାନଙ୍କୁ ଏବେ ପରିଣାମ ଭୋଗିବାକୁ ପଡିବ। ସେ ଏହା ମଧ କହିଛନ୍ତି ଯେ ସୋସିଆଲ ମିଡିଆରେ ଉତ୍ତେଜନାମୂଳକ ପୋଷ୍ଟ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଯେଉଁମାନେ ଏପରି ପୋଷ୍ଟ କରିବେ ସେମାନଙ୍କୁ ମଧ ଅଭିଯୁକ୍ତ ବୋଲି ବିବେଚନା କରାଯିବ। ଏପର୍ଯ୍ୟନ୍ତ ଆମେ ଏପରି ଅନେକ ପୋଷ୍ଟ ହଟାଇ ଦେଇଛୁ। ଆମେ ଦୋଷୀମାନଙ୍କୁ ଛାଡିବୁ ନାହିଁ। ନାଗପୁର ହିଂସା ସମ୍ପର୍କରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଫଡନାଭିସ କହିଛନ୍ତି ଯେ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ। ଏପରି ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନାଗପୁର ହିଂସାରେ କୌଣସି ବିଦେଶୀ କିମ୍ବା ବାଂଲାଦେଶୀ ଦୃଷ୍ଟିକୋଣ ଥିଲା କି ବୋଲି ପ୍ରଶ୍ନ ଉଠିଛି। ଏବେ ଏହା କହିବା ବହୁତ ଠିକ ହେବ ନାହିଁ। ତଦନ୍ତ ଚାଲିଛି। ସେ କହିଛନ୍ତି ଯେ ମହିଳା ପୋଲିସ କନଷ୍ଟେବଲଙ୍କ ଉପରେ ପଥର ମାଡ଼ କରାଯାଇଥିଲା। ସେ ଏହା ମଧ କହିଛନ୍ତି ଯେ ଦୁଷ୍କର୍ମର ରିପୋର୍ଟ ସତ୍ୟ ନୁହେଁ। ଫଡନାଭିସ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସାମ୍ପ୍ରଦାୟିକ ହିଂସା ଯୋଗୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଗପୁର ଗସ୍ତ ପ୍ରଭାବିତ ହେବ ନାହିଁ। ସେ ଏହା ମଧ କହିଛନ୍ତି ଯେ ନାଗପୁର ହିଂସାକୁ ଗୁଇନ୍ଦା ସଂସ୍ଥାଗୁଡ଼ିକର ବିଫଳତା ବୋଲି କହିବା ଭୁଲ। ଏଥିରେ କୌଣସି ରାଜନୈତିକ ଦୃଷ୍ଟିକୋଣ ନାହିଁ।

## କୁରୁକ୍ଷେତ୍ରରେ ମହାଯଜ୍ଞ ସମୟରେ ଗୁଳିକାଣ୍ଡ, ୨ ବ୍ରାହ୍ମଣ ଆହତ



**ହରିୟାଣା,୨୨ା୩:** ହରିୟାଣାର କୁରୁକ୍ଷେତ୍ରରେ ହୋଇଛି ଗୁଳିକାଣ୍ଡ। ୧୦୦୮ କୁଣ୍ଡୀୟ ମହାଯଜ୍ଞ ସମୟରେ ଏହି ଗୁଳିକାଣ୍ଡ ଘଟିବା ଫଳରେ ବ୍ୟାପକ ଉତ୍ତେଜନା ସୃଷ୍ଟି ହୋଇଛି। ଯଜ୍ଞ କରୁଥିବା ଏହି ସମସ୍ତ ବ୍ରାହ୍ମଣଙ୍କୁ ବିଭିନ୍ନ ରାଜ୍ୟରୁ ଡକାଯାଇଥିଲା। ଯଜ୍ଞ କରୁଥିବା ବ୍ରାହ୍ମଣମାନଙ୍କ ମଧ୍ୟରେ ବାସି ଖାଦ୍ୟକୁ ନେଇ ବିବାଦ ଏବଂ ଗୁଳି ସହ ଲାଠିମାଡ଼ ହୋଇଛି। ଯଜ୍ଞ କରିବାକୁ ଆସିଥିବା ବ୍ରାହ୍ମଣମାନଙ୍କୁ ବାଡ଼ିରେ ଆକ୍ରମଣ କରାଯାଇଛି। ଏହାପରେ ବ୍ରାହ୍ମଣଙ୍କ ବାଉନ୍ସରମାନେ ଗୁଳି ଚଳାଇଥିଲେ। କୁରୁକ୍ଷେତ୍ରରେ ହୋଇଥିବା ଗୁଳିକାଣ୍ଡ ଘଟଣା କେଶବ ପାର୍କର ବୋଲି ଜଣାପଡ଼ିଛି। ଆଜି ସକାଳ ୯:୩୦ ସମୟରେ ମହାଯଜ୍ଞ ପାଇଁ ଆସିଥିବା ବ୍ରାହ୍ମଣମାନଙ୍କୁ ବାସି ଖାଦ୍ୟ ପରିବେଷଣ କରିବା ପ୍ରସଙ୍ଗକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ବିବାଦ ବଢ଼ିବା ପରେ ଯଜ୍ଞ ଆୟୋଜକ ତାଙ୍କ ସୁରକ୍ଷା କର୍ମୀଙ୍କୁ ପୁରୋହିତମାନଙ୍କୁ ମାଡ଼ ମାରିବା ସହିତ ଗୁଳି ମଧ୍ୟ ଚଳାଇଥିଲେ। ଏହି ଘଟଣାରେ ଦୁଇ ଜଣ ଯୁବକ ଆହତ ହୋଇଛନ୍ତି। ଗୁଳିରେ ଆହତ ହୋଇଥିବା ବ୍ୟକ୍ତିଙ୍କ ନାମ ଆଶିଷ। ସେ ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌର ବାସିନ୍ଦା। ତାଙ୍କ ଜଙ୍ଘରେ ଗୁଳି ବାଜିଛି। ଆଉ ଜଣେ ଯୁବକ ହେଉଛନ୍ତି ପ୍ରିନ୍ସ, ଯାହାଙ୍କ ମୁଣ୍ଡରେ ପଥର ବାଜିଛି। ସେ ଲଖିମପୁର ଖେରିର ବାସିନ୍ଦା ବୋଲି କୁହାଯାଉଛି। ଗୁଳିକାଣ୍ଡ ଘଟଣାରେ ଲକ୍ଷ୍ନୌରୁ ଆସିଥିବା ଆଶିଷ ତିୱାରୀଙ୍କୁ ଗୁଳି ବାଜିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଲୋକନାୟକ ଜୟ ପ୍ରକାଶ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯେଉଁଠାରେ ତାଙ୍କର ଚିକିତ୍ସା ଚାଲିଛି। ଏହି ଘଟଣାରେ କ୍ରୋଧିତ ହୋଇ ବ୍ରାହ୍ମଣମାନେ ମହାଯଜ୍ଞ ସ୍ଥଳ ବାହାରେ କୁରୁକ୍ଷେତ୍ର-କୈଥଲ ରାସ୍ତା ଅବରୋଧ କରିଥିଲେ।

## ଜୋତା ଶୋରୁମରେ ଭୟଙ୍କର ଅଗ୍ନିକାଣ୍ଡ, ବ୍ୟାପକ କ୍ଷୟକ୍ଷତି

**ଦିଲ୍ଲୀ,୨୨ା୩:** ଶାହିନବାଗ ଅଞ୍ଚଳରେ ଜୋତା ଶୋରୁମରେ ଭୟଙ୍କର ନିଆଁ ଲାଗିଛି। ନିଆଁ ଲିଭାଇବା ପାଇଁ ଘଟଣା ସ୍ଥଳରେ ୧୧ଟି ଦମକଳ ଗାଡି ପହଞ୍ଚିଛି । ନିଆଁ ଲାଗିବାର କାରଣ ଜଣାପଡିନାହିଁ । ଅଗ୍ନିଶମ ଅଧିକାରୀ କହିଛନ୍ତି, ଦମକଳ ବିଭାଗର ୧୧ଟି ଗାଡି ଘଟଣା ସ୍ଥଳରେ ପହଞ୍ଚିଛି । ନିଆଁକୁ ଆୟତ୍ତ କରାଯାଇଛି । ହେଲେ ଜୋତା ଶୋରୁମରେ ଥିବା ସବୁ ଜିନିଷ ପୋଡି ଜଳି ପାଉଁଶ ହୋଇଯାଇଛି । ନିଆଁ ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଛି। ନିଆଁ ଲାଗିବାର କାରଣ ଜଣାପଡିନାହିଁ, ଏହାର ଯାଞ୍ଚ କରାଯାଉଛି। ସୂଚନାଯୋଗ୍ୟ, ଏହାପୂର୍ବରୁ ମାର୍ଚ୍ଚ ୧୫ ତାରିଖରେ ଦ୍ୱାରକା ସେକ୍ଟର-୫ର ଲବଲୀ ହାଉସ ଆପାର୍ଟମେଣ୍ଟର ୬ଷ୍ଠ ମହଲାରେ ନିଆଁ ଲାଗିଯାଇଥିଲା । ଏହି ଘଟଣାରେ ଘରୋଇ ଜିନିଷ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା । ଏହି ନିଆଁକୁ ଲିଭାଇବା ପାଇଁ ଘଟଣା ସ୍ଥଳରେ ୫ଟି ଦମକଳ ଗାଡ଼ି ଲାଗିଥିଲା । ସେହିଦିନ ସନ୍ଧ୍ୟାରେ ମୂଳଚନ୍ଦ ଫ୍ଲାଏଓଭର ନିକଟରେ ରେଷ୍ଟୁରାଣ୍ଟରେ ନିଆଁ ଲାଗିଯାଇଥିଲା । ଘଟଣା ସ୍ଥଳରେ ୪ଟି ଦମକଳ ଗାଡ଼ି ନିଆଁ ଲିଭାଇଥିଲା ।

## ଝାଡ଼ଖଣ୍ଡରେ ନକ୍ସଲଙ୍କ ଆଇଇଡି ବ୍ଲାଷ୍ଟ, ଆହତ ସବ-ଇନ୍ସପେକ୍ଟର ଶହୀଦ



**ରାଞ୍ଚି,୨୨ା୩:** ଝାଡ଼ଖଣ୍ଡର ଚୈବାସାରେ ନକ୍ସଲମାନଙ୍କ ଦ୍ୱାରା ହୋଇଥିବା ଆଇଇଡି ବିସ୍ଫୋରଣରେ ସିଆରପିଏଫ ୧୯୩ ବାଟାଲିୟନର ଜଣେ ସବ-ଇନ୍ସପେକ୍ଟରଙ୍କ ସମେତ ଦୁଇ ଜଣ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଉଭୟଙ୍କୁ ବିମାନ ଯୋଗେ ରାଞ୍ଚି ପଠାଇବା ପାଇଁ ପ୍ରସ୍ତୁତି କରାଯାଇଥିଲା। ହେଲେ ସବ ଇନ୍ସପେକ୍ଟର ସୁନୀଲ କୁମାର ମଣ୍ଡଳଙ୍କ ଦେହାନ୍ତ ହୋଇଛି। ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ନିଶ୍ଚିତକରଣ କରାଯାଇ ନାହିଁ। ଆହତ ସୈନିକମାନଙ୍କୁ ଉଦ୍ଧାର କରାଯାଇ ଛୋଟନାଗପୁରକୁ ଅଣାଯାଇଥିଲା। ଗ୍ରାମାଞ୍ଚଳ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଟଣା ପରେ ତୁରନ୍ତ ଛୋଟାନାଗର ପୋଲିସ ଷ୍ଟେଶନରୁ ଦୁଇଟି ଆମ୍ବୁଲାନ୍ସ ଏବଂ ବୋଲେରୋ ଗାଡ଼ି ଘଟଣାସ୍ଥଳକୁ ପଠାଯାଇଥିଲା। ଆହତ ସୈନିକମାନଙ୍କୁ ଏହି ଗାଡ଼ି ମାଧ୍ୟମରେ ବାହାର କରାଯାଇ ଛୋଟାନାଗର ପୋଲିସ ଷ୍ଟେଶନକୁ ଅଣାଯାଇଥିଲା।

### ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଘନଉଛି

# ଇସ୍ରାଏଲ-ଲେବାନନ ସୀମାରେ ଉତ୍ତେଜନା

**ନୂଆଦିଲ୍ଲୀ,୨୨ା୩:** ଶୁକ୍ରବାର ମଧରାତ୍ରରେ ଲେବାନନ ଉତ୍ତର ଇଜ୍ରାଏଲରେ ରକେଟ ମାଡ କରିବା ପରେ ଦୁଇ ଦେଶ ମଧରେ ଅସ୍ଥିରତା ବୃଦ୍ଧି ପାଇଛି। ଏହାର ଜବାବରେ ଇସ୍ରାଇଲ ଲେବନାନ ଉପରେ ବ୍ୟାପକ ଆର୍ଟିଲାରୀ ଓ ବିମାନ ଆକ୍ରମଣ ଆରମ୍ଭ କରିଦେଇଛି। ଏହି ଘଟଣା ପରେ ଇସ୍ରାଏଲ ଓ ଆତଙ୍କୀ ସଂଗଠନ ହିଜବୁଲ୍ଲା ମଧରେ ହୋଇଥିବା ଯୁଦ୍ଧବିରାମକୁ ସଙ୍କଟରେ ପକାଇଦେଇଛି। ପ୍ରାୟ ତିନି ମାସର ଶାନ୍ତି ପରେ ଏହି ନୂଆ ଆକ୍ରମଣ ମଧପ୍ରାଚ୍ୟକୁ ଆଉ ଏକ ଯୁଦ୍ଧ ଆଡକୁ ବାଟ କଢାଇ ନେଉଛି ବୋଲି ଖବର ସରବରାହ ସଂସ୍ଥା ରୟଟର୍ସ ରିପୋର୍ଟ ପ୍ରକାଶ କିରିଛି। ଲେବାନନର ପ୍ରଧାନମନ୍ତ୍ରୀ ନାୱାଫ ସଲାମ ଏକ ବିବୃତିରେ ଚେତାବନୀ ଦେଇ କହିଛନ୍ତି ଯେ ଇଜ୍ରାଏଲର ଏହି ଆକ୍ରମଣ ଦେଶକୁ ଏକ ନୂଆ ଯୁଦ୍ଧ ଆଡକୁ ନେଇଯାଇପାରେ। ସେ ଆହୁରି ମଧ କହିଛନ୍ତି ଯେ, 'ସମସ୍ତ ସୁରକ୍ଷା ଓ ସାମରିକ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ହୋଇପଡିଛି। କାରଣ ଯୁଦ୍ଧ ଓ ଶାନ୍ତି ବିଷୟରେ ନିଷ୍ପତ୍ତି ଲେବାନନ ନିଜେ ନେଇଥାଏ।' ଅନ୍ୟପଟେ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସରାଏଲ କାଟ୍ଜ ଲେବନାନ ସରକାରଙ୍କ



ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏଯାଏ କୌଣସି ଆତଙ୍କୀ ସଂଗଠନ ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ମୁହଁ ଖୋଲି ନାହାନ୍ତି। ତେବେ କିପରି ଏକ ରକେଟ ଲେବନାନ ସୀମାରୁ ଆସି ଇସ୍ରାଏଲ ଉପରେ ଆକ୍ରମଣ କଲା ତାହା ବୁଝାପଡୁନାହିଁ। ଏହା ଲେବନାନ ସରକାରଙ୍କ ଦାୟିତ୍ୱ ହୀନତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି। ଗତକାଲି ହମାସ ପକ୍ଷରୁ ଇସ୍ରାଏଲ ସେନା ଉପରେ ଗୁଳି ବିନିମୟ କରାଯାଇଥିଲାବେଳେ ଯେମେନର ଆତଙ୍କୀ ସଂଗଠନ ହୁଇଥି ପକ୍ଷରୁ ମିସାଇଲ ମଧ ମାଡ କରାଯାଇଥିଲା। ଏହି ସଂଗଠନଗୁଡ଼ିକ ଇରାନ ସମର୍ଥିତ 'ଆକ୍ସିସ ଅଫ୍ ରେଜିଷ୍ଟାନ୍ସ'ର ଅଂଶ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଏକାସାଙ୍ଗରେ ଗାଜା, ଯେମେନ ଓ ଲେବାନନରୁ ରକେଟ ଆକ୍ରମଣ ହେବା ପରେ ଏହା ଇଜ୍ରାଏଲ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗାଜାରେ ସାମରିକ ଅଭିଯାନ ପୁଣି ଆରମ୍ଭ ହେବା ପରେ ଇଜ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଉପରେ ବିରୋଧୀମାନଙ୍କ ଆକ୍ରମଣ ତୀବ୍ର ହୋଇଛି। ବିରୋଧୀ ନେତା ଆଭିଗ୍ଡୋର ଲିବରମ୍ୟାନ ନେତାନ୍ୟାହୁଙ୍କୁ 'ଇଜରାଇଲର ସୁରକ୍ଷା ପାଇଁ ବିପଦ' ବୋଲି କହିଛନ୍ତି। ସେ ସାମାଜିକ ଗଣମାଧମରେ ଲେଖିଛନ୍ତି ଯେ, 'ଗୋଟିଏ ଦିନରେ ଗାଜା, ଯେମେନ ଓ ଲେବାନନରୁ ରକେଟ ଆକ୍ରମଣ। ଅକ୍ଟୋବର ୭ର ପ୍ରଧାନମନ୍ତ୍ରୀ ଇଜ୍ରାଏଲର ସୁରକ୍ଷା ପାଇଁ ଏକ ବିପଦ।' ଏହି ପରିସ୍ଥିତି ମଧପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ନୂଆ ଚିନ୍ତା ସୃଷ୍ଟି କରିଛି। ଆନ୍ତର୍ଜାତୀୟ ସମୁଦାୟ ଏହି ଉତ୍ତେଜନାକୁ ନିୟନ୍ତ୍ରଣ କରିବା ପାଇଁ ଆଲୋଚନା ଜାରି ରଖିଛି।

## ପିତା ସାଜିଲା ପିଶାଚ: ପୁଅକୁ ତଣ୍ଟିଚିପି ମାରିଲା

**ପୁଣେ,୨୨ା୩ :** ପୁଣେରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ଯେଉଁଠାରେ ଜଣେ ବାପା ନିଜ ପୁଅର ଗଳା ଚିପି ହତ୍ୟା କରିଛି । କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ । ଜନୈକ ଆଇଟି ଇଞ୍ଜିନିୟର ବାପା ମାଧ୍ୟବ ଟିକେଟିଙ୍କର ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ ହୋଇଥିଲା। ପରେ ନିଜର ସାଢେ ୩ବର୍ଷର ପୁଅର ଗଳା ଚିପି ହତ୍ୟା କରିଛନ୍ତି । ପୋଲିସ ସହରର ଚନ୍ଦନ ନଗର ଅଞ୍ଚଳରୁ ଅଭିଯୁକ୍ତକୁ ଗିରଫ କରିଛି । ପୋଲିସ ଏହି ଘଟଣା ସମ୍ବନ୍ଧରେ କହିଛି କି



ଏହି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ବି ହେବାରେ ଲାଗିଥିଲା । ଶୁକ୍ରବାର ଝଗଡ଼ା ପରେ ସ୍ୱାମୀ ନିଜ ପୁଅକୁ ନେଇ ଘରୁ ଚାଲିଯାଇଥିଲେ । ପରେ ଚନ୍ଦନନଗରର ଜଙ୍ଗଲରେ ତାଙ୍କ ଗଳା ଚିପି ହତ୍ୟା କରିଥିଲେ । ତା'ପର ଦିନ ସକାଳେ ଉକ୍ତ ବ୍ୟକ୍ତି ଜଣଙ୍କ ଚନ୍ଦନପୁର ନିକଟ ଜଙ୍ଗଲରେ ନିଶା ଶକ୍ତ ଅବସ୍ଥାରେ ମିଳିଥିଲେ । ପୋଲିସ ଯେତେବେଳେ ତାଙ୍କୁ ପଚରାଉଚରା କରିଥିଲେ କି ପୁଅ କାହିଁ ତ ସେ କହିଥିଲେ କି

ଟିକେଟି ପରିବାର ମୂଳ ରୂପରେ ବିଶାଖାପାଟନମରେ ରହିଥାନ୍ତି । ମାଧ୍ୟବ ଟିକେଟିଙ୍କ ନିଜ ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ ଥିଲା । ସେ ପୁଅକୁ ମାରି ଦେଇଛନ୍ତି । ଜଙ୍ଗଲରେ ଯାଞ୍ଚ ସମୟରେ ପୋଲିସ ମୃତଦେହକୁ ଜବତ କରିଛି।

## ଅବୈଧ ବାଂଲାଦେଶୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ, ୮ ଗିରଫ



**ନୂଆଦିଲ୍ଲୀ,୨୨ା୩:** ଦକ୍ଷିଣ ଦିଲ୍ଲୀ ଜିଲ୍ଲା ପୋଲିସ ଶନିବାର ଅବୈଧ ଭାବେ ଜାତୀୟ ରାଜଧାନୀରେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କ ବିରୋଧରେ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ କରିଛି। ପୋଲିସ ଜିଲ୍ଲାର ଅଲଗା ଅଲଗା ସ୍ଥାନରୁ ୧୮ ଜଣ ବାଂଲାଦେଶୀଙ୍କୁ ଧରିଛି। ଏମାନଙ୍କ ମଧରୁ ପୋଲିସ ୮ ଜଣଙ୍କୁ ଗିରଫ କରିଥିବା ବେଳେ ୬ ଜଣଙ୍କୁ ଡିପୋର୍ଟ କରାଯାଇଛି। ଏହା ଛଡା ଅନ୍ୟ ୪ ଜଣଙ୍କୁ ପଚରା ଉଚରା କରାଯାଇଥିବା ବେଳେ ଭାରତରେ ବାଂଲାଦେଶୀଙ୍କୁ ସହାୟତା କରୁଥିବା ୮ ଜଣଙ୍କୁ ପୋଲିସ କାବୁ କରିଛି। ଡିସିପି ଅଙ୍କିତ ଚୌହାନ କହିଛନ୍ତି ଯେ ପୋଲିସ ଅବୈଧ ପ୍ରବାସୀଙ୍କଠାରୁ ଆଧାର କାର୍ଡ, ପାନ କାର୍ଡ, ଭୋଟର ଆଇଡି ଓ ଭାରତୀୟ ପାସପୋର୍ଟ ଜବତ କରିଛି। ପୋଲିସ ଅଭିଯୁକ୍ତଙ୍କ ରହୁଥିବା ସ୍ଥାନର ତଲାସୀ ନେବା ବେଳେ ସେଠାରୁ ୨୩ଟି ଭୋଟର ଆଇଡି, ୧୯ଟି ପାନ କାର୍ଡ, ୧୭ଟି ଆଧାର କାର୍ଡ, ୧୧ଟି ବାର୍ଥ ସାର୍ଟିଫିକେଟ ଓ ୬ଟି ବ୍ଲାଙ୍କ ଭୋଟର ଆଇଡି କାର୍ଡ ଜବତ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ବିଦେଶୀ ଅଧିନିୟମ ଧାରା ସହିତ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମକଦ୍ଦମା ରୁଜୁ କରିଛି। ଏମାନଙ୍କୁ ଶରଣ ଦେବା ଓ ସେମାନଙ୍କ ପାଇଁ ଜାଲ କାଗଜପତ୍ର ପ୍ରସ୍ତୁତି ଅଭିଯୋଗରେ ୮ ଜଣ ଭାରତୀୟ ଙ୍କ ବିରୋଧରେ ମଧ ମକଦ୍ଦମା ରୁଜୁ କରିଛି। ଏହି ଭାରତୀୟମାନେ ଅଭିଯୁକ୍ତଙ୍କୁ ନକଲୀ କାଗଜପତ୍ରରେ ଚାକିରୀ ଓ ଘର ଭଡ଼ା ଦେଇଥିଲେ। ନକଲୀ କାଗଜପତ୍ରରେ ଦିଲ୍ଲୀରେ ରହୁଥିବା ଲୋକଙ୍କ ମଧରେ ମହମ୍ମଦ ଜ୍ୱେଲ ଇସ୍ଲାମ, ମହମ୍ମଦ ଆଲମଗିର, ମହମ୍ମଦ ଲତିଫ ଖାନ, ମହମ୍ମଦ ନଦୀମ ଶେଖ, ମହମ୍ମଦ ମିଜାନୁର ରହେମାନ, ରବିଉଲ, ମହମ୍ମଦ ରେଜାଉଲ ଓ କମରୁଜମ୍ମା ରହୁଥିଲେ। ଏମାନଙ୍କ ମଧରୁ ମହମ୍ମଦ ଲତିଫ ଦିଲ୍ଲୀରେ ଅଳିଆ ଗୋଟାଉଥିଲା ଓ ସମ୍ପର୍କୀୟଙ୍କ ମାଧମରେ ଘରକୁ ପଇସା ପଠାଉଥିଲା।

## ସୁନୀତା ଓ ବୁଚ୍‌ଙ୍କୁ ପକେଟରୁ ଓଟି ଦେବେ ଟ୍ରମ୍ପ



**ନୂଆଦିଲ୍ଲୀ,୨୨ା୩:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେବେ ଓଭରଟାଇମ୍ ଦରମା। ନାସାର ମହାକାଶଚାରୀ ସୁନୀତା ଉଇଲିୟମ୍ସ ଓ ବୁଚ୍ ଉଇଲମୋରଙ୍କୁ ତାଙ୍କ ନିଜ ପକେଟରୁ ଓଟି ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି ଟ୍ରମ୍ପ। ଏହି ଦୁଇ ମହାକାଶଚାରୀ ଗତ ଜୁନ୍ ୨୦୨୪ରେ ଏକ ସପ୍ତାହ ପାଇଁ ମହାକାଶକୁ ଯାଇଥିଲେ। କିନ୍ତୁ ବୋଇଙ୍ଗ ଷ୍ଟାରଲାଇନର ମହାକାଶଯାନରେ ଆସିଥିବା ତ୍ରୁଟି କାରଣରୁ ସେମାନଙ୍କ ମିଶନ୍ କୁ ୯ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସେମାନେ ଅଧିକ ୨୭୮ ଦିନ ମହାକାଶରେ ରହିବା ପରେ ଚଳିତ ସପ୍ତାହରେ ପୃଥିବୀକୁ ଫେରିଛନ୍ତି। ଆଜି ଟ୍ରମ୍ପ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କୁ ମହାକାଶଚାରୀଙ୍କୁ ଅତିରିକ୍ତ ସମୟ ପାଇଁ କିଛି ଅଧିକ ଦରମା ମିଳିବ କି ନାହିଁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ଟ୍ରମ୍ପ କହିଥିଲେ ଯେ, "କେହି ମୋତେ ଏ ବିଷୟରେ କିଛି କହି ନାହାଁନ୍ତି। ଯଦି ଆବଶ୍ୟକ ହୁଏ, ମୁଁ ନିଜ ପକେଟରୁ ଏହା ପୂରଣ କରିବି।" ସେ ଏଲନ୍ ମସ୍କଙ୍କୁ ପ୍ରଶଂସା କରିବା ସହ ମହାକାଶଚାରୀଙ୍କୁ ସ୍ପେସ୍‌ଏକ୍ସର ଡ୍ରାଗନ୍ ମହାକାଶଯାନ ମାଧମରେ ପୃଥିବୀକୁ ଫେରାଇବା ପାଇଁ ଧନ୍ୟବାଦ ମଧ ଜ୍ଞାପନ କରିଥିଲେ। ନାସାର ନିୟମ ଅନୁସାରେ, ମହାକାଶଚାରୀମାନେ ଆମେରିକୀୟ ସରକାରୀ କର୍ମଚାରୀ ଭାବେ ଗଣାଯାଇଥାଆନ୍ତି। ସେମାନଙ୍କୁ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ନିୟମ ମୁତାବକ ଦରମା ମିଳିଥାଏ।

## ସ୍ତ୍ରୀ ଓ ପିଲାଙ୍କୁ ଗୁଳି କରିଦେଲେ ନେତା

● ୨ ପୁଅ ମୃତ, ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ



**ଲକ୍ଷ୍ନୌ,୨୨ା୩:** ଉତ୍ତର ପ୍ରଦେଶର ସହାରନପୁରରୁ ଏକ ହୃଦୟବିଦାରକ ଖବର ଆସିଛି। ଏଠାରେ ଜଣେ ବିଜେପି ନେତା ତାଙ୍କ ସ୍ତ୍ରୀ ଏବଂ ତିନି ପିଲାଙ୍କୁ ଗୁଳି କରିଛନ୍ତି। ଏହି ଘଟଣାରେ ଘଟଣା ସ୍ଥଳରେ ଦୁଇ ପିଲାଙ୍କ ମୃତ୍ୟୁ ହୋଇଥିବାବେଳେ ପତ୍ନୀ ଏବଂ ଅନ୍ୟ ଏକ ପିଲା ଗୁରୁତର ଆହତ ହୋଇଛନ୍ତି। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଡାକ୍ତରଖାନା ନେଇଯାଇଥିଲା, ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ପୋଲିସ ଦୁଇ ପିଲାଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଥିଲା। ବିଜେପି ନେତାଙ୍କ ପତ୍ନୀ ଏବଂ ଜଣେ ପିଲାଙ୍କ ଚିକିତ୍ସା ଚାଲିଛି। ବିଜେପି ନେତାଙ୍କ ପତ୍ନୀ ଏବଂ ଜଣେ ପିଲାଙ୍କ ଅବସ୍ଥା ସଙ୍କଟାପନ୍ନ ବୋଲି କୁହାଯାଉଛି। ପୋଲିସ ଅଭିଯୁକ୍ତ ବିଜେପି ନେତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ବିଜେପି ନେତାଙ୍କୁ ସହାରନପୁର ଜିଲ୍ଲା କାର୍ଯ୍ୟକାରିଣୀର ସଦସ୍ୟ ଯୋଗେଶ ରୋହିଲା ବୋଲି ଚିହ୍ନଟ କରାଯାଇଛି। କୁହାଯାଉଛି ଯେ ସେ ବହୁତ ଦିନ ଧରି ମାନସିକ ରୋଗୀ ଥିଲେ। ତଥାପି, ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ ଏହି ଘଟଣାର କୌଣସି ଠୋସ୍ କାରଣ ଦିଆଯାଇ ନାହିଁ। ପୋଲିସର ସୂଚନା ଅନୁଯାୟୀ, ସହାରନପୁରର ଗଙ୍ଗୋହ ଅଞ୍ଚଳର ସାଙ୍ଗାଥେଡା ଗାଁରେ ରହୁଥିବା ଜଣେ ବିଜେପି ନେତାଙ୍କ ଏହି ଘଟଣାର ଖବର ସମଗ୍ର ଜିଲ୍ଲାରେ ହଇଚଇ ସୃଷ୍ଟି କରିଥିଲା। ଖବର ପାଇବା ପରେ ଏସପି ଏବଂ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଥିଲେ । ଘଟଣା ପରେ ଯୋଗେଶ ରୋହିଲା ନିଜେ ପଡ଼ୋଶୀମାନଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ସେ କହିଥିଲେ ଯେ, ସେ ତାଙ୍କ ସ୍ତ୍ରୀ ଏବଂ ତିନି ପିଲାଙ୍କୁ ଗୁଳି କରିଥିଲେ।

### ମେଡିକାଲ ଯାଞ୍ଚ କରାଇବା ପରେ ପୁଲିସ ଆଶ୍ଚର୍ଯ୍ୟ

## ଚାଲାଣ ପାଇଁ ମହିଳାଙ୍କ ଅଭିନବ କୌଶଳ

**ବେଙ୍ଗାଲୁରୁ,୨୨ା୩:** ବେଙ୍ଗାଲୁରୁରୁ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଏମଡିଏସଏ ( ମାଦକ ଦ୍ରବ୍ୟ)ର ତସ୍କରୀ କରିବା ଅଭିଯୋଗରେ, ଜଣେ ୩୪ବର୍ଷିୟା ମହିଳା ହୋଇଛନ୍ତି ଗିରଫ। ଶନିବାର ପୁଲିସ ଅଧିକାରୀଙ୍କ ଠାରୁ ଏହି ସୂଚନା ମିଳିଛି। ଅଭିଯୁକ୍ତ ମହିଳାଙ୍କ ନାଁ ଅନିଲା ରବିନ୍ଦ୍ରନ, ଯିଏକି ଅଞ୍ଚାଲୁମୁଦୁ ନିବାସୀ। ତାଙ୍କୁ ଶକ୍ତିକୁଲଙ୍ଗରା ପୁଲିସ ଓ କୋଲ୍ଲମ ସହର ପୁଲିସ ଡିଷ୍ଟ୍ରିକ୍ଟ ଆଣ୍ଟି-ନାର୍କୋଟିକ୍ସ ସ୍ପେଶାଲ ଟାକ୍ସ ଫୋର୍ସ ଶୁକ୍ରବାର ସନ୍ଧ୍ୟାରେ ହେପାଜତକୁ ନେଇଛି। ପୁଲିସର କହିବାନୁସାରେ, ସେ ବେଙ୍ଗାଲୁରୁରୁ କାରରେ ଯାତ୍ରା କରୁଥିଲେ ଏବଂ ନିନ୍ଦକରା ପୋଲ ପାଖରେ ପୁଲିସ ତାଙ୍କ ଗାଡ଼ିକୁ ରୋକିବାକୁ ପ୍ରୟାସ କରି ଥିଲା , କିନ୍ତୁ କାର ଚାଳକ ଗାଡ଼ି ରୋକି ନଥିଲେ , ଏହାପରେ ପୁଲିସ କାର୍‌ର ପିଛା କରିଥିଲା। ପୁଲିସ ସୂତ୍ରାନୁସାରେ , ପରେ କାର୍‌କୁ ରୋକା ଯାଇ ତଲାସୀ କରାଯାଇ ଥିଲା , ଏଥିରେ ୯୦ ଗ୍ରାମ ଏମଡିଏମଏ ଜବତ କରାଯାଇ ଥିଲା। ପୁଲିସ କହିଛି କି, କାର୍‌ରୁ ପ୍ରଥମେ ୫୦ ଗ୍ରାମ୍ ଏମଡିଏମଏ ଜବତ ହୋଇଥିଲା ଏବଂ ପରେ ମେଡିକାଲ ଯାଞ୍ଚ ବେଳେ ମହିଳାଙ୍କ ପ୍ରାଇଭେଟ୍ ପାର୍ଟ (ଗୁପ୍ତାଙ୍ଗ)ରେ ଲୁଚାଇ ରଖାଯାଇ ଥିବା,ପାଖାପାଖି ୪୦ ଗ୍ରାମ ଏମଡିଏମଏ ଥିବା ଜଣାପଡ଼ି ଥିଲା। ହେଲେ, ମୋଟ ଜବତ ମାଦକ ଦ୍ରବ୍ୟର ସଠିକ୍ ମାତ୍ରାର ସ୍ପଷ୍ଟ ଏବେ ସୁଦ୍ଧା ହୋଇନାହିଁ, କିନ୍ତୁ ଆନୁମାନିକ ପରିମାଣ ୯୦ ଗ୍ରାମ ଥିବା କୁହାଯାଉଛି। ପୁଲିସ ସୂତ୍ରାନୁସାରେ , ମହିଳା କୋଲ୍ଲମ ସହରରେ ସ୍କୁଲ ଓ କଲେଜ୍‌ର ଛାତ୍ରଛାତ୍ରୀଙ୍କୁ ଏମଡିଏମଏର ସପ୍ଲାଇ କରିବା ପାଇଁ ମାଦକ ଦ୍ରବ୍ୟର ତସ୍କରୀ କରୁଥିଲେ। ଅଧିକାରୀମାନେ କହିଛନ୍ତି ଯେ , ଅଭିଯୁକ୍ତ ମହିଳା ପ୍ରଥମେ ମଧ୍ୟ ଏମଡିଏମଏର ତସ୍କରୀରେ ସାମିଲ ରହି ସାରିଛନ୍ତି। ପୁଲିସ କହିଛି କି , ଅଭିଯୁକ୍ତ ଦ୍ୱାରା ବ୍ୟବହାର କରାଯାଇ ଥିବା କାର୍ ମଧ୍ୟ ଜବତ କରାଯାଇଛି ଏବଂ ମାମଲାର ବିସ୍ତୃତ ଯାଞ୍ଚ ଜାରି ରହିଛି।

## ପାକିସ୍ତାନରେ ଚିନି କିଲୋ ୧୮୦ ଟଙ୍କା

**ଇସଲାମାବାଦ,୨୨ା୩:** ଭାରତର ପଡ଼ୋଶୀ ଦେଶ ପାକିସ୍ତାନରେ ମୁଦ୍ରାସ୍ଫୀତିର ସ୍ଥିତି କ'ଣ ତାହା ସମସ୍ତେ ଜାଣନ୍ତି। ପାକିସ୍ତାନରେ ମଇଦା, ଚାଉଳ, ତେଲ ଏବଂ ପନିପରିବାର ମୂଲ୍ୟ ଆକାଶଛୁଆଁ। ଏବେ ପାକିସ୍ତାନରେ ରମଜାନ ପାଳନ କରାଯାଉଛି। ରମଜାନ ମାସରେ ଚିନି ବ୍ୟବହାର ବୃଦ୍ଧି ପାଇଛି, ଯାହା ଫଳରେ ଚିନି ମୂଲ୍ୟରେ ବିପୁଳ ବୃଦ୍ଧି ଘଟିଛି। ରମଜାନରେ ଚିନିର ବ୍ୟବହାର ବୃଦ୍ଧି ପାଉଛି କିନ୍ତୁ ଯୋଗାଣ ସେତେ ଅଧିକ ନାହିଁ। ସେଠାରେ ବର୍ତ୍ତମାନ ଚିନି କିଲୋଗ୍ରାମ ପିଛା ୧୮୦ ଟଙ୍କାରେ ବିକ୍ରି ହେଉଛି। ପାକିସ୍ତାନର ଉପପ୍ରଧାନମନ୍ତ୍ରୀ ଇସାକ ଡାର କିଛି ଦିନ ପୂର୍ବରୁ ଚିନି ମୂଲ୍ୟ ବୃଦ୍ଧି ନେଇ ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ ପାକିସ୍ତାନରେ ଚିନି ଦର ପ୍ରତି କିଲୋ ୧୬୪ ଟଙ୍କାରୁ ଅଧିକ ହେବା ଉଚିତ ନୁହେଁ। ତଥାପି, ଖୁଚୁରା ବଜାରରେ ଚିନି କିଲୋ ପିଛା ୧୮୦ ଟଙ୍କାରେ ବିକ୍ରି ହେଉଛି। ଗଣମାଧମ ରିପୋର୍ଟ ଅନୁଯାୟୀ, ଚିନିର ହାରାହାରି ଜାତୀୟ ମୂଲ୍ୟ କିଲୋଗ୍ରାମ ପିଛା ୧୬୪ ରୁ ୧୮୦ ଟଙ୍କା ମଧରେ ରହିଛି।

## ଦକ୍ଷିଣ କୋରିଆ ଜଙ୍ଗଲରେ ଲାଗିଲା ନିଆଁ

**ସିଓଲ,୨୨ା୩:** ଦକ୍ଷିଣ କୋରିଆର ଚାଙ୍ଗୱନର ଦକ୍ଷିଣ-ପୂର୍ବରେ ଥିବା ସାନଚିଓଙ୍ଗ କାଉଣ୍ଟିରେ ଜଙ୍ଗଲରେ ନିଆଁ ଲାଗିଛି। ଅନ୍ୟପକ୍ଷରେ, ସେଠାରେ ପ୍ରବଳ ପବନ ମଧ ବହୁଛି। ପ୍ରବଳ ପବନ ଯୋଗୁଁ ଏହି ଜଙ୍ଗଲ ନିଆଁ ଲିଭାଇବା କଷ୍ଟକର ହେଉଛି, ଯାହା କାରଣରୁ ଶନିବାର (୨୨ ମାର୍ଚ୍ଚ, ୨୦୨୫) ଅଞ୍ଚଳର ଅଧିକାଂଶ ଘର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୟୋନହାପ ନ୍ୟୁଜ ଏଜେନ୍ସି ଅନୁଯାୟୀ, ସାନଚିଓଙ୍ଗ କାଉଣ୍ଟି କାର୍ଯ୍ୟାଳୟ ଆଠଟି ସହରର ବାସିନ୍ଦାଙ୍କୁ ଅପରାହ୍ନ ୩ଟା ସୁଦ୍ଧା ତୁରନ୍ତ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛି। ଜଙ୍ଗଲ ଅଗ୍ନିକାଣ୍ଡରେ ପ୍ରଭାବିତ ସାତଟି ଗାଁର ୨୧୩ ଜଣ ବାସିନ୍ଦାଙ୍କୁ ନିକଟସ୍ଥ ଏକ ଗବେଷଣା କେନ୍ଦ୍ରକୁ ସ୍ଥାନାନ୍ତର କରିବାକୁ କାଉଣ୍ଟି କାର୍ଯ୍ୟାଳୟ ନିର୍ଦ୍ଦେଶ ଦେବାର ଗୋଟିଏ ଦିନ ପରେ ଏହି ପଦକ୍ଷେପ ନିଆଯାଇଛି। ଜଙ୍ଗଲ ନିଆଁରେ ସାତଟି ଗାଁର ଲୋକେ ପ୍ରଭାବିତ ହୋଇଛନ୍ତି। ତେବେ ଜଣେ ବ୍ୟକ୍ତି ଧୂଆଁ ଯୋଗୁ ଶ୍ୱାସକ୍ରିୟା ନେବାରେ ଅସୁବିଧା ହେବାରୁ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ କିନ୍ତୁ ଅନ୍ୟ କାହାରି କୌଣସି କ୍ଷତି ହୋଇନଥିଲା। ଜଙ୍ଗଲ ଅଗ୍ନିକାଣ୍ଡ ଦ୍ୱାରା ପ୍ରଭାବିତ ଅଞ୍ଚଳ ୨୯୦ ହେକ୍ଟରକୁ ବୃଦ୍ଧି ପାଇଛି। କାର୍ଯ୍ୟକାରୀ ରାଷ୍ଟ୍ରପତି ଚୋଇ ସାଙ୍ଗ-ମୋକ ସୂର୍ଯ୍ୟାସ୍ତ ପୂର୍ବରୁ ନିଆଁ ଲିଭାଇବା ପାଇଁ ସମସ୍ତ ଆବଶ୍ୟକୀୟ ଉପକରଣ ଏବଂ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ସମସ୍ତ ପ୍ରୟାସ କରିବାକୁ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବାସିନ୍ଦାଙ୍କ ସୁରକ୍ଷା ସହିତ, ସେ ଘଟଣାସ୍ଥଳରେ ନିୟୋଜିତ ଅଗ୍ନିଶମ କର୍ମଚାରୀମାନଙ୍କୁ ନିଜ ସୁରକ୍ଷାର ଯତ୍ନ ନେବାକୁ ମଧ କହିଥିଲେ।



ଭୟରେ ଘର ଛାଡ଼ିଲେ ଲୋକେ

## ଆଇପିଏଲ୍-୧୮ ଆରମ୍ଭ: ଦର୍ଶକଙ୍କୁ ଝୁମାଇଲେ ଶାହରୁଖ୍ ଓ ଶ୍ରେୟା

# ପ୍ରଥମ ମ୍ୟାଚ୍‌ରେ ଆରସିବିର ସହଜ ବିଜୟ




କୋଲ୍‌କାତା,୨୨।୩: ଆଜିଠାରୁ ବିଶ୍ୱର ସବୁଠୁ ଦାମୀ ଲିଗ୍ ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଇଡେନ୍ ଗାର୍ଡେନ୍ସରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର୍ (ଆର୍‌ସିବି) ଗତ ସଂସ୍କରଣର ଚାମ୍ପିଅନ୍ କୋଲ୍‌କାତା ନାଇଟ୍ ରାଇଡର୍ସଙ୍କୁ ୭ ୱିକେଟ୍‌ରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ପାଇଁ କୋଲ୍‌କାତା ୮ ୱିକେଟ୍‌ରେ ୧୭୫ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଆଜିଙ୍କ୍ୟ ରାହାଣେ ୫୬, ଅନ୍ୟତମ ଓପନର ସୁନୀଲ ନରିନ୍ ୪୪ ଓ ଏ. ରଘୁବଂଶୀ ୩୦ ରନ୍‌ର ଯୋଗଦାନ ଦେଇଥିଲେ। ଆର୍‌ସିବି ପକ୍ଷରୁ କୃନାଲ୍ ପାଣ୍ଡ୍ୟା ୩ଟି, ଜୋଶ୍ ହେଜଲଉଡ୍ ୨ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୧୬.୨ ଓଭର୍‌ରେ ମାତ୍ର ୩ଟି ୱିକେଟ୍ ହରାଇ ୧୭୭ ରନ୍ କରି ସହଜ ବିଜୟ ହାସଲ କରିଛି। ଦଳ ପକ୍ଷରୁ ପୂର୍ବତନ ଅଧିନାୟକ ତଥା ତାରକା ଖେଳାଳି ବିରାଟ କୋହଲି ୫୯ ରନ୍ କରି ଅପରାଜିତ ଥିବା ବେଳେ ତାଙ୍କ ଓପନିଂ ଯୋଡ଼ିଦାର ଫିଲ୍ ସଲ୍ଟ ୫୬ ଏବଂ ଅଧିନାୟକ ରଜତ ପାଟିଦାର ୩୪ ରନ୍ କରିଥିଲେ। କୃନାଲ୍‌ଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ସୁପର୍‌ଷ୍ଟାର୍ ଶାହରୁଖ୍ ଖାନ୍, ବିଶିଷ୍ଟ ଗାୟିକା ଶ୍ରେୟା ଘୋଷାଲ୍, ଅଭିନେତ୍ରୀ ଦିଶା ପଟାନୀ ଓ ପଞ୍ଜାବୀ ଗାୟକ କରନ୍ ଔଜଲ୍ ମୁଖ୍ୟ ଆକର୍ଷଣ ଥିଲେ। ପ୍ରଥମେ ଶାହରୁଖ୍ ଅଭିଭାଷଣ ଦେଇଥିବା ବେଳେ ତାଙ୍କ ପରେ ଶ୍ରେୟା ଚମତ୍କାର ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଦିଶାଙ୍କ ଚମତ୍କାର ନୃତ୍ୟ ଦର୍ଶକଙ୍କ ମଧ୍ୟରେ ରୋମାଞ୍ଚ ଭରିଦେଇଥିଲା। ସେହିପରି କରଣଙ୍କ ସଙ୍ଗୀତରେ ମଧ୍ୟ ଦର୍ଶକ ଝୁମିଥିଲେ। ଏହି ଅବସରରେ କୋହଲି ଓ ରିଙ୍କୁ ସିଂହଙ୍କ ସହ ଶାହରୁଖ୍ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଥିଲା, ଯାହାକି ଏହି ରଙ୍ଗାରଙ୍ଗ ଉତ୍ସବକୁ ମଜାକୁ ବହୁଗୁଣିତ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ଦୁଇ ଦଳର ଅଧିନାୟକ ମଧ୍ୟ ଟ୍ରଫି ସହ ମହଜୁଦ ଥିଲେ।




## ନୱାଜଙ୍କ ରେକର୍ଡ ଶତକ ନ୍ୟୁଜିଲାଣ୍ଡକୁ ହରାଇଲା ପାକିସ୍ତାନ

**ଅକ୍‌ଲାଣ୍ଡ, ୨୨।୩:** ନ୍ୟୁଜିଲାଣ୍ଡ ଗସ୍ତରେ ପାକିସ୍ତାନ ପ୍ରଥମ ବିଜୟ ପାଇଛି। ପ୍ରଥମ ଦୁଇ ଟ୍ୱେଣ୍ଟି-୨୦ ହାରିଥିବା ଭ୍ରମଣକାରୀ ଦଳ ଓପନର୍ ହାସନ ନୱାଜଙ୍କ ରେକର୍ଡ ଶତକ ବଳରେ ତୃତୀୟ ମ୍ୟାଚ୍‌କୁ ଶୁକ୍ରବାର ସହଜରେ ଜିତି ନେଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାକୁ ପାକିସ୍ତାନ ୧-୨ ସ୍ତରକୁ ଆଣି ଜୀବନ୍ତ ରଖିଛି। ଓପନର୍ ନୱାଜ (୪୫ ବଲ୍‌ରୁ ୧୦୫*, ୧୦ ଚୌକା, ୭ ଛକା)ଙ୍କ ବିସ୍ଫୋରକ ଶତକ ବଳରେ ପାକିସ୍ତାନ ୨୦୫ ରନ୍‌ର ବିଜୟ ଲକ୍ଷ୍ୟକୁ ୪ ଓଭର ପୂର୍ବରୁ କେବଳ ଗୋଟିଏ ୱିକେଟ୍ ହରାଇ ହାସଲ କରି ନେଇଥିଲା।

ଏଥିସହ ନୱାଜ ଟ୍ୱେଣ୍ଟି-୨୦ କ୍ରିକେଟ୍‌ରେ ପାକିସ୍ତାନର ଦ୍ରୁତତମ ଶତକ ହାସଲକାରୀ ହୋଇଥିଲେ। ୨୨ ବର୍ଷୀୟ ନୱାଜ ୪୪ ବଲ୍‌ରୁ ଶତକ କରି ପୂର୍ବତନ ପାକିସ୍ତାନ ଅଧିନାୟକ ବାବର ଆଜମ (୪୯ ବଲ୍)ଙ୍କୁ ଟପିଥିଲେ। ବାବର ୨୦୨୧ରେ ସେଞ୍ଚୁରିଅନ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହି ରେକର୍ଡ କରିଥିଲେ। ଶୁକ୍ରବାର ମହମ୍ମଦ ହାରିସ ୪୧ (୨୦ ବଲ୍, ୪ ଚୌକା, ୩ ଛକା)ଙ୍କ ସହ ନୱାଜ ପ୍ରଥମ ୱିକେଟ୍‌ରେ ୫.୫ ଓଭରରେ ୭୪ ରନ୍ ଯୋଡ଼ି ଦୃଢ଼ ମୂଳଦୁଆ ପକାଇଥିଲେ। ଏହାପରେ ଅଧିନାୟକ ସଲମାନ ଅଘା (୫୧*, ୩୧ ବଲ୍, ୬ ଚୌକା, ୨ ଛକା)ଙ୍କ ସହ ଅବିଭାଜିତ ୧୩୩ ରନ୍ ଯୋଡ଼ି ଦଳକୁ ସହଜ ବିଜୟ ଦେଇଥିଲେ।

ପୂର୍ବରୁ ନ୍ୟୁଜିଲାଣ୍ଡ ମାର୍କ ଚାପମାନଙ୍କ ୯୪ ରନ୍ (୪୪ ବଲ୍, ୧୧ ଚୌକା, ୪ ଛକା) ବଳରେ ୧୯.୫ ଓଭରରେ ୨୦୪ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ମାଇକେଲ ବ୍ରେସୱେଲ ୩୧, ଟିମ୍ ସେଫର୍ଟ ୧୯, ଡାରିଲ ମିଚେଲ ୧୭ ଓ ଈଶ ସୋଢ଼ୀ ୧୦ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ହାରିସ ରୌଫ ୩ ଏବଂ ସାହିନ ଶାହ ଆଫ୍ରିଦି, ଅବ୍ରାର ଅହମଦ, ଆବାସ ଆଫ୍ରିଦି ୨ ଲେଖାଏଁ ୱିକେଟ୍ ନେଇଥିଲେ। ଜୀବନର ପ୍ରଥମ ଟ୍ୱେଣ୍ଟି-୨୦ ଶତକ ହାସଲ କରିଥିବା ନୱାଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଆଜିଠୁ ସୋଆ କର୍ପୋରେଟ୍ କ୍ରିକେଟ୍ ଲିଗ୍ ଭାଗ ନେବେ ୧୦ଟି ଫ୍ରାଞ୍ଚାଇଜ ଦଳ

**ଭୁବନେଶ୍ୱର, ୨୨।୩(ସଂଚାର ବ୍ୟୁରୋ):** ଶିକ୍ଷା ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସୋଆ କର୍ପୋରେଟ୍ କ୍ରିକେଟ୍ ଲିଗର ୨୦୨୫ ସଂସ୍କରଣ। ମୋଟ ୧୦ଟି ଫ୍ରାଞ୍ଚାଇଜ ଦଳ ଏଥିରେ ସାମିଲ ହୋଇଛନ୍ତି। ଚାମ୍ପିଅନ ଦଳକୁ ୭୫ ହଜାର ଏବଂ ରନର୍ସଅପ୍ ଦଳକୁ ୪୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସମସ୍ତ ଦଳର ଅଧିନାୟକମାନେ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟର ଟ୍ରଫି ଓ ଜର୍ସି ଉନ୍ମୋଚନ କରିଥିଲେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କହିଥିଲେ, 'ଟୁର୍ଣ୍ଣାମେଣ୍ଟକୁ ଆଇପିଏଲ୍ ଢାଞ୍ଚାରେ ଆୟୋଜନ କରାଯାଉଛି। ପ୍ରଥମେ ୧୦ ଫ୍ରାଞ୍ଚାଇଜ ଚୟନ ହୋଇ ପରେ ଖେଳାଳି ନିଲାମୀ ହୋଇଥିଲା। ୩୪୪ ଜଣ ଖେଳାଳି ଏଥିରେ




ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬୭ ଜଣ ବିକ୍ରୀ ହୋଇଥିଲେ। ଖେଳାଳିମାନଙ୍କ ସର୍ବନିମ୍ନ ବୟସ ସୀମା ୨୫ ବର୍ଷ ରଖାଯାଇଛି। ପ୍ରତ୍ୟେକ ଦଳରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ଦୁଇ ଜଣ ଖେଳାଳି ରହିବା ବାଧ୍ୟତାମୂଳକ କରାଯାଇଛି।୧୦ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ ହୋଇଛନ୍ତି। ଏପ୍ରିଲ ୨୩ ତାରିଖରେ ଫାଇନାଲ ଖେଳାଯିବାର କ୍ରୀଡ଼ାସୂଚୀ ରହିଛି।' 'ଫାଇନାଲରେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦ ସିରିଜ ବିଜେତାଙ୍କୁ ବିଶେଷ ଉପହାର ପ୍ରଦାନ କରାଯିବ। ବହୁ ଅଭିଜ୍ଞ ଖେଳାଳି ବିଭିନ୍ନ ଦଳରେ ରହିଛନ୍ତି। ପୂର୍ବରୁ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିଥିବା ସଞ୍ଜୟ ଶତପଥୀ ଏହି ଲିଗ୍‌ରେ ଖେଳୁଛନ୍ତି। ଟୁର୍ଣ୍ଣାମେଣ୍ଟରେ ସାମିଲ ହୋଇଥିବା ଦଳ ଗୁଡ଼ିକ ହେଲେ ଅଭେଦ ୱାରିୟର୍ସ, ରୟାଲ ଚ୍ୟାଲେଞ୍ଜର୍ସ ଭୁବନେଶ୍ୱର, ସର୍ଜିକାଲ ଷ୍ଟ୍ରାଇକର୍ସ, ୱାଇଲ୍ଡ ଗନ୍ସ ରିଲୋଡେଡ୍, ଭାମ୍ପାୟର ଡୋମିନେଟର୍ସ, ସ୍ୱାଟନ୍ସ ଆଇସର୍ଭ୍ୟୁ, ଓଡ଼ିଶା ଷ୍ଟାଲିୟନ୍ସ, ଜ୍ୟୋତେ ଜଗରନଟ୍ସ, ମାଭରିକ୍ସ ଓ କଳିଙ୍ଗ ପାନ୍ଥର୍ସ। ଉଦ୍‌ଘାଟନୀ ମ୍ୟାଚ୍ ଜଗରନଟ୍ସ ଓ ମାଭରିକ୍ସ ମଧ୍ୟରେ ରହିଛି। ମ୍ୟାଚ୍ ଗୁଡ଼ିକ ସୋଆ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବ ବୋଲି କହିଛନ୍ତି ଆୟୋଜକ କମିଟିର ସଦସ୍ୟ ତନ୍ମୟ ପରିଡ଼ା। ଏହି ଅବସରରେ ଆୟୋଜକ କମିଟିର ସଦସ୍ୟ ତାପସ କୁମାର କର ଓ ପ୍ରିୟମ ମଲ୍ଲିକଙ୍କ ସହ ପ୍ରତ୍ୟେକ ଦଳର ମାଲିକ ଏବଂ ଅଧିନାୟକମାନେ ଉପସ୍ଥିତ ରହିଥିଲେ।

## ଗୁକେଶଙ୍କ ସହ ଚେସ୍ ଖେଳିଲେ ଅଶ୍ୱିନ

### ଅଶ୍ୱିନଙ୍କ ନାଁରେ ଚେନ୍ନାଇ ରାସ୍ତା ନାମିତ

ନୂଆଦିଲ୍ଲୀ: ଆଇପିଏଲ୍ ପୂର୍ବରୁ ନୂଆ ବିଶ୍ୱ ଚେସ୍ ବିଜେତା ଡି ଗୁକେଶଙ୍କୁ ଐତିହାସିକ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ଠାରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏହି ୧୮ ବର୍ଷୀୟ ଚେସ୍ ତାରକା ସିଏସ୍‌କେ ଖେଳାଳିଙ୍କୁ ଭେଟିଥିଲେ। ସେ ମଧ୍ୟ ଭେଟେରାନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ସହ କିଛି ସ୍ୱତନ୍ତ୍ର ମୁହୂର୍ତ୍ତ ବାଣ୍ଟିଥିଲେ। ଏହି ଦୁଇ ତାରକା ଚେସ୍ ମଧ୍ୟ ଖେଳିଥିଲେ। ଗୁକେଶ ଗତବର୍ଷ ଚୀନ୍‌ର ଡିଙ୍ଗ୍ ଲିରେନ୍‌ଙ୍କୁ ହରାଇ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ବିଜେତା ହୋଇଥିଲେ। କେବଳ ସେ ଗ୍ୟାରି କାସ୍ପାରୋଭଙ୍କ ରେକର୍ଡ ଭାଙ୍ଗି ନଥିଲେ। ସେ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ବିଶ୍ୱ ବିଜେତା ହେବାର ଗୌରବ ଅର୍ଜନ କରିଥିଲେ। ଭାରତର ସ୍ପିନ୍ କିଂବଦନ୍ତି ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଗ୍ରେଟର ଚେନ୍ନାଇ କର୍ପୋରେସନ (ଜିସିସି) ପକ୍ଷରୁ ସମ୍ମାନିତ କରାଯାଇଛି। ସେ ରହୁଥିବା ୱେସ୍ ମାମ୍ବାଲାମସ୍ଥିତ ରାମକୃଷ୍ଣପୁରମ୍‌ର ପ୍ରଥମ ଗଳିର ନାମକୁ ତାଙ୍କ ନାଁରେ କରିବାକୁ ଜିସିସି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛି। କାରମ ବଲ୍ ଇଭେଣ୍ଟ୍ ଓ ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ୍‌ର ଅନୁରୋଧ ପରେ ଏହି ଗଳିର ନାଁ ଅଶ୍ୱିନଙ୍କ ନାଁରେ କରିବାକୁ ନିଷ୍ପତ୍ତି ହୋଇଥିଲା। କମ୍ପାନିର ସିଇଓ ଏସ୍ କାର୍ତ୍ତିକ କହିଛନ୍ତି ଯେ ଭାରତୀୟ ଦଳ ପ୍ରତି ଅଶ୍ୱିନଙ୍କ ଅବଦାନ ପାଇଁ ଏଭଳି ଚିନ୍ତା କରିଛୁ। ସେ ଭାରତ ଓ ତାମିଲାନଡୁ ପାଇଁ ଅନେକ ମ୍ୟାଚ୍ ଖେଳି ସଫଳତା ହାସଲ କରିଛନ୍ତି। ସେ ମଧ୍ୟ ବିଶ୍ୱର ଜଣେ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ଭାବେ ପରିଚିତ''। ରାସ୍ତାର ନାଁ ବଦଳାଇବା ପାଇଁ ସରକାର ପାଖରେ ଜିସିସି ଆବେଦନ କରିଥିଲା। ଏହାକୁ ସ୍ୱୀକୃତି ମିଳିଯାଇଛି। ଗତ ବର୍ଷ ଡିସେମ୍ବର ୧୮ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିବା ଅଶ୍ୱିନ ଶନିବାରଠୁ ଆରମ୍ଭ ହେଉଥିବା ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ନିଜର ଜଲୱା ଦେଖାଇବେ। ଅନିଲ କୁମ୍ବଲେ (୬୧୯)ଙ୍କ ପରେ ଅଶ୍ୱିନ (୧୦୬ ଟେଷ୍ଟ୍‌ରୁ ୫୩୭ ୱିକେଟ୍) ଦ୍ୱିତୀୟ ସର୍ବାଧିକ ଟେଷ୍ଟ୍ ୱିକେଟ୍ ହାସଲକାରୀ ଅଛନ୍ତି। ୩୮ ବର୍ଷୀୟ ଅଶ୍ୱିନ ୧୧୬ ଦିନିକିଆରେ ୧୫୬ ଏବଂ ୬୫ ଟ୍ୱେଣ୍ଟି-୨୦ରେ ୭୨ ୱିକେଟ୍ ଦଖଲ କରିଛନ୍ତି।






## ବିବାହ ବନ୍ଧନରେ ବାନ୍ଧିହେଲେ ହକି ଖେଳାଳି ମନଦୀପ-ଉଦିତା

**ନୂଆଦିଲ୍ଲୀ,୨୨।୩:** ହାତକୁ ଦୁଇ ହାତ ହେଲେ ଦୁଇ ହକି ଖେଳାଳି। ହକି ପଡିଆରୁ ସାତ ଜନ୍ମର ସାଥୀ ହୋଇଛନ୍ତି। ଭାରତୀୟ ପୁରୁଷ ହକି ଦଳର ମନଦୀପ ସିଂହ ଓ ମହିଳା ଟିମର ଉଦିତା କୌର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ପଞ୍ଜାବ ଜଳନ୍ଧର ମଡେଲ ଟାଉନ ସ୍ଥିତ ଶ୍ରୀ ଗୁରୁଦ୍ୱାରରେ ପରିବାର ଲୋକଙ୍କ ଉପସ୍ଥିତିରେ ବିବାହ ସମ୍ପର୍ଣ୍ଣ ହୋଇଛି। ହକି ଇଣ୍ଡିଆ ସୋସିଆଲ ମିଡିଆ ଏକ୍ସରେ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଜି ରିସେପସନ ପାର୍ଟି ରହିଛି।

ହକି ପଡିଆରୁ ଜୀବନସାଥୀ- ୭ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ମନଦୀପ ଓ ଉଦିତାଙ୍କ ପ୍ରେମ କାହାଣୀ। ୨୦୧୮ରେ ଏସିଆ ଗେମ୍ସରେ ପରସ୍ପରକୁ ମନ ଦେଇ ବସିଥିଲେ। ବନ୍ଧୁତା ପ୍ରେମର ରୂପ ନେଇଥିଲା। ଏହା ପରେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ୭ ବର୍ଷର ପ୍ରେମ ସଫଳ ହୋଇଛି। ସବୁଦିନ ପାଇଁ ଦୁହେଁ ଦୁହିଁଙ୍କ ହାତ ଧରିଛନ୍ତି। ସାତ ଜନ୍ମର ସାଥୀ ହୋଇଛନ୍ତି। ବିବାହ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନଦୀପ ସିଂହ କହିଛନ୍ତି, '' ମୁଁ ବହୁତ ଖୁସି ଅନୁଭବ କରୁଛି। ଶବ୍ଦରେ ବୟାନ କରି ପାରିବି ନାହିଁ। ଆମେ ଦୁହେଁ ଭାରତ ପାଇଁ ଖେଳୁଛୁ। ଭାରତ ପାଇଁ ବେଷ୍ଟ ଦେଇ ମେଡାଲ ଜିତିବା ଆମର ସ୍ୱପ୍ନ।''

ଉଦିତାଙ୍କ କ୍ୟାରିୟର- ଭାରତୀୟ ମହିଳା ହକି ଦଳର ଡିଫେଣ୍ଡର ଉଦିତା ୨୦୧୭ରେ ସିନିୟର ଲେବଲରେ ଡେବ୍ୟୁ କରିଥିଲେ। ୨୦୧୮ରେ ଉଦିତା ଏସିଆନ୍ ଗେମ୍ସରେ ସିଲଭର, ୨୦୨୨ କମନୱେଲ୍ଥ ଗେମ୍ସରେ ବ୍ରୋଞ୍ଜ ଓ ୨୦୨୩ ଏସିଆ ଚାମ୍ପିଅନ୍ସ ଟ୍ରଫିରେ ଗୋଲ୍ଡ ମେଡାଲ ଜିତିଥିବା ଦଳରେ ସାମିଲ ଥିଲେ। ୨୦୨୧ରେ ଟୋକିଓ ଅଲମ୍ପିକ୍ସରେ ଭାରତକୁ ଐତିହାସିକ ଚତୁର୍ଥ ସ୍ଥାନ ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ ଉଦିତା। ଗତବର୍ଷ ମହିଳା ହକି ଇଣ୍ଡିଆ ଲିଗରେ ସେ ଦାମୀ ଖେଳାଳି ଥିଲେ। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଉଦିତାଙ୍କର ବହୁତ ଭଲ ପ୍ରଦର୍ଶନ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମ୍ବଳ ଅଭାବ...

ଥିଲେ। ସଂଗଠନକୁ ମଜବୁତ କରିବା ଦିଗରେ ସେ ନିରନ୍ତର କାମ କରିଥିଲେ। ଦଳକୁ ବ୍ୟାପକ କରିବାରେ ତାଙ୍କର ଯୋଗଦାନ କଦାପି ତୁଳନୀୟ ନୁହେଁ ବୋଲି କହିଥିଲେ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ। ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ୍ୟ ବିଜେପି ପ୍ରତି ଡା. ପ୍ରଧାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ସେହିଭଳି ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ ଡା. ପ୍ରଧାନଙ୍କ ସାଙ୍ଗଠନିକ ଦକ୍ଷତାକୁ ପ୍ରଶଂସା କରିଥିଲେ। ସମ୍ବଳର ଅଭାବ ସତ୍ତ୍ୱେ ସେ ସକ୍ରିୟତାର ସହ ଦଳୀୟ ସଂଗଠନକୁ ମଜବୁତ କରିବା ଦିଗରେ କାମ କରିଥିଲେ ବୋଲି ସେ କହିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଡା. ପ୍ରଧାନଙ୍କୁ ରାଜ୍ୟ ବିଜେପିର ବିଦ୍ଧାଣୀ ବୋଲି ବର୍ଣ୍ଣନା କରିଥିଲେ। ସେ ଓଡ଼ିଶାରେ ବିଜେପିକୁ ଇଟାରେ ଇଟା ଯୋଡ଼ି ନିର୍ମାଣ କରିଥିଲେ। ଆମ ସମସ୍ତ କାର୍ଯ୍ୟକର୍ତ୍ତାଙ୍କର ସେ ମାର୍ଗଦର୍ଶକ ଥିଲେ। ସେ ଭିନ୍ନ ସ୍ୱଭାବର ରାଜନେତା ଥିଲେ, ଯିଏ ମଣିଷ ତିଆରି କରୁଥିଲେ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶ ମନ୍ତ୍ରୀ ନରେନ୍ଦ୍ର କାଶ୍ୟପ, କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ସୁନୀଲ କୁମାର ଶର୍ମା, କେନ୍ଦ୍ର ସ୍କୁଲ ଶିକ୍ଷା ଓ ପଞ୍ଚାୟତିରାଜ ମନ୍ତ୍ରୀ ମଦନ ଦିଲୱାର୍, ଉତ୍ତର ପ୍ରଦେଶର ପୂର୍ବତନ ସାଂସଦ ଡା. ଅନୀଲ୍ ଜୈନ, ସାଂସଦ ପିପି ଚୌଧୁରୀ, ଭୋପାଳ ସାଂସଦ ଆଲୋକ ଶର୍ମା, ଉତ୍ତର ପ୍ରଦେଶ ବିଧାୟକ ବୀରେନ୍ଦ୍ର ସିଂହ ଲୋଧି, ଛତିଶଗଡ଼ ରାଜ୍ୟ ବିଜେପି ସଭାପତି ଧର୍ମଲାଲ କୌଶିକ, ପୂର୍ବତନ ବଲିଉଡ ଅଭିନେତା ରାଜ ବବ୍ବର ପ୍ରମୁଖ ଯୋଗ ଦେଇଥିଲେ।

### ବାଲି ଉଠାଣ...

ଜିଲ୍ଲା ଖଣି ଅଧିକାରୀଙ୍କ ସହଯୋଗରେ କ୍ୱେରୀ ଚିହ୍ନଟ କରି ତାହାର ଡିମାର୍କେସନ୍ କରାଯିବ। ପଞ୍ଚାୟତ ସ୍ତରରେ ଏହି ବାଲି କ୍ୱେରୀର ପରିଚାଳନା ପାଇଁ ଏକ କମିଟି ଗଠନ କରାଯିବ। ସ୍ଥାନୀୟ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଗଠନ ହେବ ପଞ୍ଚାୟତସ୍ତରୀୟ କମିଟି।

ସୁରକ୍ଷା ପାଇଁ ପଞ୍ଚାୟତସ୍ତରୀୟ କମିଟି ୨ ଜଣ ସୁରକ୍ଷା କର୍ମୀ ଓ ଜଣେ ଆକାଉଣ୍ଟାଣ୍ଟ୍ ନିୟୋଜିତ କରିବ। ସ୍ୱଚ୍ଛତା ପାଇଁ ବାଲି ଖାଦାନରେ ଲାଗିବ ସିସିଟିଭି ଓ ତହସିଲଦାରଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ୍ ମଧ୍ୟ ଗଠନ ହେବ ବୋଲି ଉକ୍ତ ଏସ୍‌ଓପିରେ ଦର୍ଶାଯାଇଛି।

### ଛତିଶଗଡ଼ ...

ପଡ଼ୋଶୀ ଏବଂ ଉଭୟ ରାଜ୍ୟ ମଧ୍ୟରେ ଭାଷା ଓ ଭାବଗତ ସାମଞ୍ଜସ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଉଭୟ ରାଜ୍ୟର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହି ସମସ୍ୟାର ତୁରନ୍ତ ସମାଧାନ ହେବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ମତାମତ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ସାଏ ସକାରାତ୍ମକ ମତ ଦେଇ କହିଛନ୍ତି ଯେ ଛତିଶଗଡ଼ ସଦାସର୍ବଦା ଆପୋଷ ସମାଧାନ ସପକ୍ଷରେ କାର୍ଯ୍ୟ କରିଆସିଛି। ଆଲୋଚନା ଜରିଆରେ ଏହି ସମସ୍ୟାର ଉପଯୁକ୍ତ ସମାଧାନ ହୋଇପାରିବ ଓ ଏ ଦିଗରେ ଉଭୟ ରାଜ୍ୟ ଆଗକୁ ବଢ଼ିବେ ବୋଲି ଶ୍ରୀ ସାଏ କହିଛନ୍ତି। ଏଥିସହ ଉଭୟ ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ରାସ୍ତା ବାହାର କରିବା ଉପରେ ଏକମତ ହୋଇଛନ୍ତି।

### ଡିସେମ୍ବରରେ...

ଶେଷ ଭାଗରେ ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ଆସୁଥିବା ବେଳେ ଉକ୍ତ ସିରିଜ୍‌ର ଏକ ମ୍ୟାଚ୍ ବାରବାଟୀରେ ଖେଳାଯିବା ନେଇ ସମ୍ଭାବନା ପ୍ରକଟ କରାଯାଇଛି। ଅବଶ୍ୟ ଏନେଇ ବିସିସିଆଇ କି ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇନାହିଁ। କିନ୍ତୁ କେତେକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଆସନ୍ତା ଡିସେମ୍ବର ୯ ତାରିଖରେ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ଟି-୨୦ ମ୍ୟାଚ୍ ଖେଳାଯିବ। ଆସନ୍ତା ବର୍ଷ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ସକାଶେ ଏହି ସିରିଜ୍ ମାଧ୍ୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ଦଳ ନିଜ ନିଜକୁ ପ୍ରସ୍ତୁତ କରିବେ। ଏହି ସିରିଜ୍‌ରେ ୫ଟି ମ୍ୟାଚ୍ ଖେଳାଯିବ। ସିରିଜ୍ ବାରବାଟୀରୁ ଆରମ୍ଭ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ଟି ୧୧ରେ ନାଗପୁର, ୧୪ରେ ଧର୍ମଶାଳା, ୧୭ରେ ଲକ୍ଷ୍ନୌ ଓ ୧୯ରେ ଅହମ୍ମଦାବାଦଠାରେ ଖେଳାଯିବ। ଏହା ପୂର୍ବରୁ ଦୁଇ ଦଳ ମଧ୍ୟରେ ଦୁଇଟି ଟେଷ୍ଟ୍ ଓ ୩ଟି ଦିନିକିଆ ଖେଳାଯିବ। ଟେଷ୍ଟ ସିରିଜ୍‌ଟି ଦିଲ୍ଲୀରୁ ଆରମ୍ଭ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ଟି ଗୌହାଟୀଠାରେ ଖେଳାଯିବ ବୋଲି ଆପାତତଃ ସ୍ଥିର ହୋଇଛି ବୋଲି ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା କହିଛନ୍ତି। ଏହାପରେ ତିନିଟିକିଆ ଦିନିକିଆ ସିରିଜ୍ ନଭେମ୍ବର ୩୦ରୁ ଆରମ୍ଭ ହୋଇ ଡିସେମ୍ବର ୬ରେ ଶେଷ ହେବ। ପ୍ରଥମ ଦିନିକିଆଟି ରାଞ୍ଚି, ଦ୍ୱିତୀୟଟି ରାୟପୁର ଓ ତୃତୀୟ ବିଶାଖାପାଟଣା ଖେଳାଯିବ ବୋଲି କେତେକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ସୂଚନାଯୋଗ୍ୟ ଯେ ୨୦୧୫ର ଅନ୍ତିମ ଭାଗରେ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ଟି-୨୦ ଖେଳାଯାଇଥିବା ବେଳେ ଘରୋଇ ଦଳର ଦୁର୍ବଳ ପ୍ରଦର୍ଶନ ପରିପ୍ରେକ୍ଷୀରେ ଦର୍ଶକମାନେ ବୋତଲ ଫିଙ୍ଗିବା ସହ ବିଶୃଙ୍ଖଳିତ ପ୍ରଦର୍ଶନ କରିଥିଲେ, ଯାହାକି ବାରବାଟୀକୁ ଅନ୍ତର୍ଜାତୀୟ ସ୍ତରରେ ଲଜ୍ଜିତ କରିଥିଲା।

### ୨୫ ବର୍ଷ...

ପ୍ରସ୍ତାବକୁ ସମର୍ଥନ କରି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।ଜନସଂଖ୍ୟା ନିୟନ୍ତ୍ରଣ ଏକ ଜାତୀୟ ଏଜେଣ୍ଡା ଥିଲା। ତେଣୁ ଦେଶ ଓ ରାଜ୍ୟମାନଙ୍କର ନିଜସ୍ୱ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାର ଉନ୍ନତି ପାଇଁ କିଛି ରାଜ୍ୟ ଜନସଂଖ୍ୟା ନିୟନ୍ତ୍ରଣରେ ଭଲ ପ୍ରଦର୍ଶନ କରିଛନ୍ତି। ଓଡିଶା, ତାମିଲନାଡୁ, କେରଳ, ପଂଜାବ ପରି ରାଜ୍ୟ ଏକ୍ଷେତ୍ରରେ ଆଗରେ ଥିବାରୁ କେବଳ ଜନସଂଖ୍ୟା ଆଧାରରେ ସୀମା ପୁନଃନିର୍ଦ୍ଧାରଣ କରାଗଲେ ଜାତୀୟ ଏଜେଣ୍ଡା ସହ କାମ କରିଥିବା ରାଜ୍ୟମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେବେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଶ୍ରୀ ପଟ୍ଟନାୟକ ମଧ୍ୟ ଏହି ବୈଠକରେ ଯୋଗ ଦେଇନଥିଲେ ବି ସେ ଏକ ଭିଡିଓ ବାର୍ତ୍ତା ଜରିଆରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ଜନସଂଖ୍ୟା ନିୟନ୍ତ୍ରଣ ଓ ସ୍ଥିରୀକରଣ ପାଇଁ ବହୁତ ଭଲ କାମ କରିଥିବା ରାଜ୍ୟଗୁଡ଼ିକରେ ରହୁଥିବା ଲୋକଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଓ ଅଧିକାର ସୁନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ଆମ ଦେଶର ବିକାଶ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଏଜେଣ୍ଡା। ଯଦିଓ ଜନସଂଖ୍ୟା ନିୟନ୍ତ୍ରଣ ପରି ସକାରାତ୍ମକ ଜାତୀୟ ଏଜେଣ୍ଡା ପ୍ରତି ଆମର ଅବଦାନ ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ, କିନ୍ତୁ କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ। ଯେଉଁମାନେ ଜାତୀୟ ପ୍ରାଥମିକତା ସହ ସେମାନଙ୍କ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ କଠିନ ପରିଶ୍ରମ କରିଛନ୍ତି, ସେମାନଙ୍କ ପ୍ରତି ଅନ୍ୟାୟ କରାଯିବା ଅନୁଚିତ। ତେଣୁ ଆମ ଦେଶର ସର୍ବୋଚ୍ଚ ପ୍ରତିନିଧିତ୍ୱ ସଂସ୍ଥାରେ ଆସନ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେବା ଉଚିତ୍ ନୁହେଁ। କେନ୍ଦ୍ର ସରକାର ସମସ୍ତ ଦଳ ସହ ଏକ ବିସ୍ତୃତ ଆଲୋଚନା କରନ୍ତୁ, ଯାହାଦ୍ୱାରା ଗଣତନ୍ତ୍ର ପାଇଁ ଦୂରବର୍ତ୍ତୀ ପ୍ରଭାବ ପକାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଥିବା କୌଣସି ବି ସନ୍ଦେହ ଦୂର ହୋଇପାରିବ ବୋଲି ନବୀନ କହିଛନ୍ତି।

### ଆହୁରି ୨୪...

ଝଟକା ପବନ ମଧ୍ୟ ବହିବ । ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କିମି ରହିବ । ଏସବୁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ସେହିପରି ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ପୁରୀ, ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲାରେ ଘଣ୍ଟାପ୍ରତି ପବନର ବେଗ ୪୦-୫- କିମି ରହିବ ।ଆସନ୍ତାକାଲି ଅର୍ଥାତ ୨୩ ତାରିଖରୁ ବର୍ଷାର ପରିମାଣ ସାମାନ୍ୟ ହ୍ରାସ ପାଇବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼ ଓ ଗଜପତି ଜିଲ୍ଲାରେ ବର୍ଷା ଲାଗି ରହିବ। କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କିଛିକିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରହିବ। ଏସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ମଧ୍ୟ ହେବେ । ଯାହାକୁ ନେଇ ୟେଲୋ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ସେପଟେ ୨୪ ତାରିଖରେ ମଧ୍ୟ ବର୍ଷା ଲାଗି ରହିବ । ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ୟେଲୋ ଚେତାବନୀ ଜାରି ହୋଇଛି। ଅପରାହ୍ନ ସମୟରେ ବର୍ଷା ଓ ବିଜୁଳି ଘଡ଼ଘଡ଼ିର ପ୍ରଭାବ ବେଶୀ ରହିବ ବୋଲି ସତର୍କ କରିଛି ପାଣିପାଗ ବିଭାଗ । ୨୪ ତାରିଖ ଯାଏଁ ରାଜ୍ୟରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବା ବେଳେ ୨୫ ପରେ ପାଗରେ ପରିବର୍ତ୍ତନ ଆସିବ । ପରେ ଧୀରେ ଧୀରେ ତାପମାତ୍ରା ବଢ଼ିବା ସହ ୨ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ପୁଣି ବୃଦ୍ଧି ହେବ ଓ ଅସମ୍ଭାଳ ତାତି ଦେଖାଯିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

### ଆପୋଲୋ...

ଯେ ଆପୋଲୋ ହସ୍ପିଟାଲ ଆର୍‌ଟିଆଇ ପରିସରଭୁକ୍ତ ନୁହେଁ। ତେଣୁ ଏ ସଂକ୍ରାନ୍ତ କୌଣସି ତଥ୍ୟ ଦେବା ସକାଶେ ଉକ୍ତ ହସ୍ପିଟାଲ୍ ବାଧ୍ୟ ନୁହେଁ। ତା'ଛଡ଼ା ଚିକିତ୍ସା ବାବଦ ଖର୍ଚ୍ଚ ରାଜ୍ୟ ସରକାର ପୈଠ କରିଛନ୍ତି। ଏପରି ସ୍ଥିତିରେ ଆପୋଲୋ ହସ୍ପିଟାଲ ତଥ୍ୟ ଦେବା ଆଦୌ ସମ୍ଭବପର ନୁହେଁ। ପୁଣି ଯାହା ଆଶା କରାଯାଉଥିଲା, ତାହା ହିଁ ହେଲା। ଆପୋଲୋ ହସ୍ପିଟାଲ ଏକ ଚିଠି ମାଧ୍ୟମରେ ନୈତିକତା ଦୃଷ୍ଟିକୋଣରୁ ମେଡିକାଲ ଏହି ତଥ୍ୟ ଦେଇପାରିବ ନାହିଁ ବୋଲି ଉତ୍ତରରେ କୁହାଗଲା। ଆର୍‌ଟିଆଇର ଧାରା ୭ ଅନୁଯାୟୀ, ପିଆଇଓ ୩୦ ଦିନ ମଧ୍ୟରେ ତଥ୍ୟ ଦେବେ, ନଚେତ୍ କାରଣ ଦର୍ଶାଇ ତଥ୍ୟ ଦେବା ସକାଶେ ମନା କରିବେ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ସମସ୍ତ ବିଭାଗ କୌଣସି ଉତ୍ତର ନ ଦେଇ ଚୁପ୍‌ଚାପ୍ ବସିପଡ଼ିଛନ୍ତି। ନା ସେମାନେ ତଥ୍ୟ ଦେଉଛନ୍ତି, ନା କୌଣସି କାରଣ ଦର୍ଶାଇ ତଥ୍ୟ ଦେବା ସକାଶେ ସ୍ପଷ୍ଟ ଭାବେ ମନା କରୁଛନ୍ତି। ଏପରି ସ୍ଥିତିରେ ନବ ଦାସ ହତ୍ୟା ପାଇଁ ଷଡ଼ଯନ୍ତ୍ର ହୋଇଥିବା ନେଇ ଯେଉଁ ସନ୍ଦେହ ହେଉଥିଲା, ତଥ୍ୟ ପ୍ରଦାନ ପାଇଁ ଚାଲିଥିବା ଛକାପଞ୍ଝା ଏପରି ସନ୍ଦେହକୁ ଆହୁରି ଘନୀଭୂତ କରୁଛି। ତେଣୁ କ୍ରାଇମ୍‌ବ୍ରାଞ୍ଚ ଆରମ୍ଭ କରିଥିବା ନବ ଦାସ ହତ୍ୟା ମାମଲାର ସାନି ଯାଞ୍ଚ୍‌ରେ ତଥ୍ୟ ଲୁଚାଇଥିବା ସମସ୍ତ ବିଭାଗର ଅଧିକାରୀମାନଙ୍କୁ ତଦନ୍ତ ପରିସରକୁ ଆଣିବା ଜରୁରୀ ବୋଲି ଚର୍ଚ୍ଚା ହେଉଛି।

### ମହାନଦୀ...

୧,୨୨୭ କୋଟି ଟଙ୍କାର ୧୮ଟି ବୃହତ ଉଠା ଜଳସେଚନ ଯୋଜନାର ଶିଳାନ୍ୟାସ କରିଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ଗୋ-ୱାଟର୍ ଇଆର୍‌ପି ଆପ୍‌ର ଶୁଭାରମ୍ଭ କରିବା ସହ ଏ ସମ୍ପର୍କିତ ସୂଚନା ପୁସ୍ତିକା ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ଧନ୍ୟବାଦ ଦେଇଥିଲେ। ଆହୁରି ସର୍ବୋଚ୍ଚ ଯନ୍ତ୍ରୀ ଯୋଜନା ଓ ପରିକଳ୍ପନା ଲିଙ୍ଗରାଜ ଗୌଡ଼ ଓ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଆଶୁତୋଷ ଦାଶ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ପାଣି ପଞ୍ଚାୟତର ସଦସ୍ୟ ଉପସ୍ଥିତ ଥିଲେ।

### ଜିମ୍ ଯନ୍ତ୍ରାଂଶ...

ସିଏମସି ଅଞ୍ଚଳରେ ଥିବା ୫-ଟି ସ୍କୁଲରେ ଓପନ୍ ଏୟାର ଜିମ୍ ପାଇଁ ଯନ୍ତ୍ରାଂଶ ଓ ପିଲାଙ୍କ ଖେଳ ଉପକରଣ ବାବଦକୁ ୫୫୫ଟି ଉପକରଣ ପାଇଁ ୱାର୍କଅର୍ଡର ମିଳିଛି। ତେବେ ଆଶ୍ଚର୍ଯ୍ୟର କଥା ୫ କୋଟି ଟଙ୍କାର ଯନ୍ତ୍ରାଂଶ କେବେ ଆସିଲା ଓ କେଉଁଠି ବ୍ୟବହାର ହେଲା, ତାହା ସ୍ପଷ୍ଟ ହେଉନାହିଁ। ଯାହାକୁ ନେଇ ଦୁର୍ନୀତିର ଗନ୍ଧ ବାରିଛନ୍ତି ବିରୋଧୀ କର୍ପୋରେଟର। ପୂର୍ବରୁ ୨୦୨୨ରୁ ଆସିଥିବା ଜିମ୍ ଯନ୍ତ୍ରାଂଶ ବିକାଶ ଭବନ ପରିସରରେ ପଡ଼ିଥିବା ବେଳେ ପୁଣି ଏତେ ଟଙ୍କାର ସାମଗ୍ରୀ କେବେ ଆସିଲା ନା କେବଳ ଫଲ୍ସ ବିଲ୍ ହୋଇଛି, ତା'ର ତଦନ୍ତ ଦାବି କରିଛନ୍ତି କର୍ପୋରେଟର। ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ସିଏମସି କମିଶନର ୧ କୋଟି, ଷ୍ଟାଣ୍ଡିଂ କମିଟି କୋଟିଏରୁ ଉର୍ଦ୍ଧ୍ୱ, କାଉନସିଲ ବା କର୍ପୋରେସନ ୨ କୋଟିରୁ ଉର୍ଦ୍ଧ୍ୱ ଓ ନଗର ଉନ୍ନୟନ ବିଭାଗ ୪ କୋଟିର ସିଧାସଳଖ କାର୍ଯ୍ୟାଦେଶ ଦେଇପାରିବେ। ତେବେ କେଉଁ ଆଧାରରେ ସିଟି ଇଞ୍ଜିନିୟର ଏଭଳି କାର୍ଯ୍ୟାଦେଶ ଦେଲେ, ତାକୁ ନେଇ ସନ୍ଦେହ ଉପୁଜିଛି।

### ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ନୟାଗଡ଼ ପୁଲିସ ପ୍ରସ୍ତୁତ

# ମୁତୟନ ହେବେ ୩୦ ପ୍ଲାଟୁନ ଫୋର୍ସ

- ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଏଡିଜି ଓ ଆଇଜି
- ନୀଳମାଧବ ଦର୍ଶନ ସହ କାଳିଆପଲ୍ଲୀରେ ୩ଘଣ୍ଟା ରହିବେ ରାଷ୍ଟ୍ରପତି
- ଗସ୍ତ ସମୟରେ ବନ୍ଦ ରହିବ କଣ୍ଟିଲୋ ବଜାର
- ଅପରାହ୍ନ ୧ଟାରୁ ସର୍ବସାଧାରଣଙ୍କ ପାଇଁ ବନ୍ଦ ରହିବ ନୀଳମାଧବ ମନ୍ଦିର



**ନୟାଗଡ଼, ୨୨।୩ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ନୀଳମାଧବ ପୀଠ ଓ କାଳିଆପଲ୍ଲୀକୁ ମହାମହିମ ରାଷ୍ଟ୍ରପତି ଆସନ୍ତା ୨୪ ତାରିଖରେ ଆସିବେ । ଏନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଜଣାପଡ଼ିଛି। ଆଜି ଏଡିଜି ରାଜେଶ କୁମାର ଏବଂ ଆଇଜି ପ୍ରବୀଣ କୁମାର ନୟାଗଡ଼ ଗ୍ରସ୍ତରେ ଆସି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି।

ନୟାଗଡ଼ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୟାଗଡ଼ ଏସପି ଏସ୍ ସୁଶ୍ରୀ ଉପସ୍ଥିତ ରହିବା ସହ ସମସ୍ତ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ନୀଳମାଧବ ମନ୍ଦିର, ହେଲିପ୍ୟାଡ୍, କଣ୍ଟିଲୋରୁ କାଳିଆପଲ୍ଲୀ ରାସ୍ତା, କାଳିଆପଲ୍ଲୀଠାରେ ଅନୁଷ୍ଠିତ ସମାବେଶର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ୬ ଜଣ ଏସ୍‌ପି ର୍‌ୟାଙ୍କ ଅଫିସର ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ରହିବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହାସହ ଆଡିସନାଲ ଏସପି, ଡିଏସପି ଏବଂ ଆଇଆଇସିଙ୍କୁ ଦାୟିତ୍ୱ ଦିଆଯାଇଛି। ଏହା ସହିତ ଉକ୍ତ ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି।

ନୀଳମାଧବ ମନ୍ଦିର ନିକଟରୁ କିଛି ଉଠା ଦୋକାନୀକୁ ସ୍ଥାନାନ୍ତର କରାଯାଇଥିବା ବେଳେ ରାଷ୍ଟ୍ରପତିଙ୍କ ଗ୍ରସ୍ତ ସମୟରେ କଣ୍ଟିଲୋ ବଜାର ବନ୍ଦ କରାଯିବାକୁ ବ୍ୟବସ୍ଥା ହୋଇଛି। ଆସନ୍ତାକାଲି କାରକେଡ୍ ମକଡ୍ରିଲ କରାଯିବ। ନୀଳମାଧବ ମନ୍ଦିରରେ ୨୪ ତାରିଖ ଦିନ ୧ ଘଟିକା ପର୍ଯ୍ୟନ୍ତ ସାଧାରଣ ଭକ୍ତ ଦର୍ଶନ କରି ପାରିବେ। ଦିନ ୧ ଘଟିକାରୁ ସର୍ବସାଧାରଣ ଦର୍ଶନ ବନ୍ଦ କରାଯିବ। ମହାମହିମଙ୍କ ଦର୍ଶନ ପରେ ପୁଣି ସର୍ବସାଧାରଣ ଦର୍ଶନ ହୋଇପାରିବ ବୋଲି ଏସ୍‌ପି ଏସ ସୁଶ୍ରୀ ପ୍ରକାଶ କରିଛନ୍ତି।

### ରାଷ୍ଟ୍ରପତିଙ୍କ କଣ୍ଟିଲୋ ଗସ୍ତ

## ଜିଲ୍ଲା ସାମ୍ବାଦିକଙ୍କୁ କୋଣଠେସା କରି ରଖିଛି ଜିଲ୍ଲା ପ୍ରଶାସନ

**ନୟାଗଡ଼, ୨୨।୩ (ସଂଚାର ବ୍ୟୁରୋ) :** ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୪ ତାରିଖରେ ନୟାଗଡ଼ ଜିଲ୍ଲା କଣ୍ଟିଲୋ ଅଞ୍ଚଳକୁ ଆଗମନ କରିବା ପ୍ରସ୍ତୁତି ଜୋରଦାର ଚାଲିଛି । ସେଥିପାଇଁ ଘନ ଘନ ବୈଠକ ବସୁଛି ଏବଂ କଣ୍ଟିଲୋ ଗସ୍ତ ହେଉଛି କିନ୍ତୁ ଜିଲ୍ଲା ପ୍ରଶାସନ ଜିଲ୍ଲା ସାମ୍ବାଦିକ ମାନଙ୍କୁ ଏକ ପ୍ରକାରର କହିବାକୁ ଗଲେ କୋଣଠେସା କରି ରଖିଛି ।

ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ନୀଳମାଧବ ପୀଠ ଓ କାଳିଆପଲ୍ଲୀକୁ ମହାମହିମ ରାଷ୍ଟ୍ରପତି ଆସନ୍ତା ୨୪ ତାରିଖ ସୋମବାର ଦିନ ଆସିବା ପାଇଁ ଚୁଡାନ୍ତ ହୋଇଛି । ଏନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ମହାମହିମଙ୍କ କୌଣସି ପ୍ରକାରର ତ୍ରୁଟି ନହେବ ସେଥିପାଇଁ ବିଭିନ୍ନ ବିଭାଗକୁ ମଧ୍ୟ ଦାୟୀତ୍ୱ ଦିଆଯାଇଛି। ଆଉ ମାତ୍ର ଗୋଟିଏ ଦିନ ପରେ ଅର୍ଥାତ ୨୪ ତାରିଖ ସୋମବାର ଦିନ ମହାମହିମ ରାଷ୍ଟ୍ରପତିଙ୍କ ଆଗମନ ନୀଳମାଧବଙ୍କ ପୀଠକୁ ହେବ । ତେବେ ସ୍ଥାନୀୟ ବିଧାୟକ ଏନେଇ ଖଣ୍ଡପଡା ବ୍ଲକ ସ୍ତରୀୟ ସାମ୍ବାଦିକ ମାନଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରପତିଙ୍କ ଗସ୍ତ ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି । ରାଷ୍ଟ୍ରପତିଙ୍କ ଆଗମନକୁ ଆଉ ଗୋଟିଏ ଦିନ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସାମ୍ବାଦିକ ମାନଙ୍କୁ ତଥ୍ୟ ନଜଣାଇବା କି ପ୍ରକାରର ମାନସିକତା ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## 'ଅରଣ୍ୟ ସମ୍ପଦ ହିଁ ଜୀବଜଗତର ଖାଦ୍ୟ ଉତ୍ସ'

**କୋଣାର୍କ, ୨୨।୩ (ସଂଚାର ବ୍ୟୁରୋ) :** ପୃଥିବୀ ପୃଷ୍ଠରେ ସ୍ଥଳଭାଗରେ ବସବାସ କରୁଥିବା ଜୀବଜଗତ ପୂର୍ଣ୍ଣରୂପେ ବୃକ୍ଷ ସଂପଦ ଉପରେ ନିର୍ଭରଶୀଳ। ଅରଣ୍ୟ ସଂପଦ ପୃଥିବୀର ଜଳବାୟୁ, ପରିବେଶ, ମୃତ୍ତିକାର ସୁରକ୍ଷା ଓ ସଂରକ୍ଷଣ ସହିତ ଜୀବ ଜଗତର ପୋଷଣ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବରେ ପ୍ରଭାବିତ କରିଥାଏ। ମୂଳତଃ 'ଅରଣ୍ୟ ସଂପଦ ହିଁ ଜୀବ ଜଗତର ଖାଦ୍ୟ ଉତ୍ସ' ବୋଲି ବିଶ୍ୱ ବନ ଦିବସ ପାଳନ ଅବସରରେ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି।

କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର୍ ବିଦ୍ୟାପୀଠ ପରିସରରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବିଶ୍ୱ ବନ ଦିବସ ପାଳନ କରାଯାଇଛି। ଏ.କେ. ବିଦ୍ୟାପୀଠର ଜାତୀୟ ସବୁଜ ବାହିନୀ ସଦସ୍ୟମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ନୂଆଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହୀନିପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଚଳିତବର୍ଷ ବିଶ୍ୱ ବନ ଦିବସ ପାଳନର ଥିମ୍ 'ଅରଣ୍ୟ ଓ ଖାଦ୍ୟ' ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନପାଳ ଯୋଗେନ୍ଦ୍ର ପ୍ରଧାନ, ବନରକ୍ଷୀ ରଶ୍ମିତା ପୃଷ୍ଟି, ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା, ଶିକ୍ଷୟିତ୍ରୀ ଚିତ୍ରାଞ୍ଜଳି ନାୟକ, ଦିଲ୍ଲୀପ କୁମାର ନାୟକ, ବାଲୁଙ୍କେଶ୍ୱର ବାରିକ ପ୍ରମୁଖ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷ ରୋପଣ କରିବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।




### ବିଶ୍ୱ ବନ ଦିବସ ପାଳିତ

ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ପରାମର୍ଶକ୍ରମେ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମକୁ ଶିକ୍ଷକ ମାନସ ମୁଦୁଲି, ରବୀନ୍ଦ୍ର କୁମାର ଦ୍ୱିବେଦୀ, ସୁରଭି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।



## ପଞ୍ଚୁଦୋଳ ମେଳଣ, ବାଳକାଟି ଉତ୍ସବମୁଖର

**ବାଲିଅନ୍ତା, ୨୨।୩ (ସଂଚାର ବ୍ୟୁରୋ) :** ରାଜଧାନୀ ଉପକଣ୍ଠ ବାଳକାଟି ଅଞ୍ଚଳ ଏବେ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ପାଇଁ ଉତ୍ସବମୁଖର ହୋଇଉଠିଛି। କାହିଁ କେତେ ଦୂରଦୁରାନ୍ତରରୁ ଶହ ଶହ ଶ୍ରଦ୍ଧାଳୁ ଆସି ବିମାନରେ ପ୍ରଭୁ ଦୋଳଗୋବିନ୍ଦଙ୍କୁ ଦର୍ଶନ କରି ଫଗୁ ଅର୍ପଣ କରୁଛନ୍ତି । ଗତ ବୁଧବାର ରାତିରୁ ଏହି ମେଳଣ ଜମି ଆସନ୍ତା ରବିବାର ଦିନ ହରିହର ଭେଟରେ ଉଦଯାପିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି । ସମବେତ ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାରେ ଆସି ମେଳଣ ବୁଲିବେ ଏବଂ ବଜାରରେ ମେଳଣ ସମୟରେ ଭାରିଯାନ ପ୍ରବେଶ ନକରିବ ସେଥିପାଇଁ ମଧ୍ୟ କମିଶନରେଟ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ବିମାନରେ ପ୍ରଭୁଙ୍କ ଦର୍ଶନ କରି ମେଳଣର ଭରପୂର ମଜା ଉଠାଉଛନ୍ତି ଲୋକେ।

## ପଞ୍ଚୁଦୋଳ ମେଳଣ ଉଦ୍‌ଯାପିତ



**କଣାସ, ୨୨।୩ (ସଂଚାର ବ୍ୟୁରୋ) :** କଣାସ ପଞ୍ଚୁଦୋଳ ମେଳଣ ୨୦ତାରିଖ ପ୍ରଭାତରୁ ଜମିବା ପରେ ଦୁଇଦିନ ଧରି ମେଳଣ ଅନୁଷ୍ଠିତ ହୋଇଥିଲା। ମେଳଣର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ଦେବ ମେଳଣ ପଡ଼ିଆରେ ପହଞ୍ଚିବା ପରେ କୋଟକଣା ଗ୍ରାମର ନୀଳକଣ୍ଠେଶ୍ୱର ଦେବ, ଗାଣ୍ଡପଡ଼ାର ଭାଗବତବାସୁଦେବ, ଜଳିଆପଡ଼ାର ଭାଗବତବାସୁଦେବ, କଣାସ ରାଧକାନ୍ତ ଦେବ, କଣାସର ଲକ୍ଷ୍ମୀନାରାୟଣ, ଲୋକନାଥଦେବ, ଲକନାଥଦେବ ପ୍ରତିମା, ଭାଗବତବାସୁଦେବ, ସହାନାରର ଭାଗବତବାସୁଦେବ, ଚାନ୍ଦପଡ଼ାର ଭାଗବତବାସୁଦେବ, ପୋତାଘରର ଭାଗବତବାସୁଦେବ, ଧୁଆଁଳର ଭାଗବତବାସୁଦେବ, ମଇଁଜିପୁରର ଭାଗବତବାସୁଦେବ, ରୁଢୁପୁରର ଭାଗବତବାସୁଦେବ ସୁସଜ୍ଜିତ ବିମାନରେ ଆସି ମେଳଣ ପଡ଼ିଆରେ ଥିବା ନିଜ ନିଜ ଆସ୍ଥାନରେ ବିରାଜମାନ କରି ଦୁଇଦିନ ଧରି ପୂଜାଅର୍ଚ୍ଚନା ପାଇବାପରେ ଆଜି ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ମନ୍ଦିରରୁ ଚୋରି ଘଟଣାର ସିନ ରିକ୍ରିଏସନ କଲା ପୁଲିସ



**ନୟାଗଡ଼, ୨୨।୩ (ସଂଚାର ବ୍ୟୁରୋ) :** ନୟାଗଡ ଜିଲ୍ଲାରେ ୨ ମାସରେ ୬ଟି ମନ୍ଦିରରୁ ଚୋରି ହୋଇଛି। ଗତ ଫେବୃଆରୀ ମାସ ୧୯ ତାରିଖରେ ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଥିଲା। ଠାକୁରଙ୍କ ଅଳଙ୍କାର ସହିତ ହୁଣ୍ଡିରୁ ଟଙ୍କା ଚୋରି ହୋଇଥିଲା। ସେହି ମାସ ୨୮ ତାରିଖରେ ନୟାଗଡ ପୁରୁଣା ସହର ଗୋପୀନାଥ ମନ୍ଦିରରୁ ଚୋରି ହୋଇଥିଲା। ଗୋପୀନାଥ ମନ୍ଦିର ସମ୍ମୁଖରେ ଥିବା ଦକ୍ଷିଣକାଳୀ ମନ୍ଦିରରୁ ଚୋରି ଉଦ୍ୟମ ହୋଇଥିଲା। ନୟାଗଡ ଟାଉନ ଥାନା ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଚଳିତ ମାସ ୧୦ ତାରିଖ ବୌଦ୍ଧ ଜିଲ୍ଲା କନ୍ଧମାଳ ଅଂଚଳର ସୁଶାନ୍ତ କର୍ମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପୁଲିସ ତାକୁ ରିମାଣ୍ଡରେ ଆଣି ଆଜି ସିନ ରି କ୍ରିଏସନ କରିଥିଲେ। ମନ୍ଦିର ପଛ ରାସ୍ତାରେ ଆସି ପାଚେରୀରେ କାଠ ପକାଇ ପାଚେରୀ ଡେଇଁ ମନ୍ଦିରକୁ ଆସିଥିଲା। ମନ୍ଦିର କବାଟ ତାଡିବା ଶହ ହୁଣ୍ଡିରୁ ଚୋରି ସିନ ରିକ୍ରିଏସନ କରି ଦେଖାଇ ଥିଲା। ଗୋପୀନାଥ ମନ୍ଦିରର ମଧ୍ୟ କେଉଁ ଭଳି ଚୋରି କରିଥିଲା ତାହା ସିନ ରିକ୍ରିଏସନ କରି ଦେଖାଇ ଥିଲା। ସିନ ରି କ୍ରିଏସନ ସମୟରେ ନୟାଗଡ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଟାଉନ ଥାନା ଆଇଆଇସି ରଶ୍ମିରଂଜନ ମହାପାତ୍ର, ଏସଆଇ ଶିବରଞ୍ଜନ ସିଂହା, ମନ୍ଦିର ସୁପ୍ରଭାଇଜର ପ୍ରଭାତ ବରାଡ଼ ଓ ଏକ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ ।

### କାଳ ସାଜିଲା କାଳବୈଶାଖୀ

# ଏକର ଏକର ଖରାଦିନିଆ ମୁଗ ଚାଷ ନଷ୍ଟ



**କାକଟପୁର/ଅସ୍ତରଙ୍ଗ, ୨୨।୩ (ସଂଚାର ବ୍ୟୁରୋ) :** ଚାଷୀଙ୍କ ପିଛା ଛାଡୁନି ସମସ୍ୟା। କିଛି ଦିନ ତଳେ ଟମାଟୋ ନଷ୍ଟ ହୋଇଥିବା ବେଳେ ବର୍ତ୍ତମାନ ଶନିବାର ଦିନ ପୂର୍ବାହ୍ନ ରୁ ଲାଗିରହିଥିବା କାଳବୈଶାଖୀ ବର୍ଷା ଓ ପବନର ତାଣ୍ଡବ ମୁଗ ଫସଲକୁ ଉଜାଡି ଦେଇଛି। ଶନିବାର ଦିନ ତମାମ ଦୀର୍ଘ ସମୟ ବର୍ଷା ପବନ ହେବା ଫଳରେ ଶହ ଶହ ହେକ୍ଟର ମୁଗ ଫସଲ ଉଜୁଡିବା ଆଶଙ୍କା ଦେଖାଦେଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଅଧିକାଂଶ ଚାଷୀଙ୍କ କ୍ଷେତରେ ମୁଗ ସୁଖୀ ଯାଇଥିବାରୁ ଅମଳ କରିବାର ପ୍ରକୃଷ୍ଟ ସମୟ ହୋଇଥିବାରୁ ଅଦିନିଆ ବର୍ଷା ସେ ସବୁକୁ ଉଜାଡି ଦେଇଛି। କଚଡ଼ା ଉପରେ ବର୍ଷା ପାଣି ଚାଲୁଚି। ଖଳାକୁ ଆସିବା ପୂର୍ବରୁ ଫସଲ ଉଜୁଡିବା ନେଇ ଚାଷୀ ଭାଙ୍ଗିପଡିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉପୁଡ଼ା ହୋଇନଥିବା ମୁଗ ଛୁଇଁରେ ପାଣି ପଶି ଯିବାରୁ ସେଥିରୁ ଗଜା ବାହାରିଲାଣି। ବିଲରୁ ପାଣି ନିଷ୍କାସନ ହେବାରେ ମଧ୍ୟ ସମୟ ଲାଗିବ। ଆଗକୁ ଆଉ ବର୍ଷା ହେଲେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ସମ୍ଭାବନା ଦେଖାଦେଇଛି। ତେଣୁ ମୁଗ ମଞ୍ଜି ଟଙ୍କା ଉଠିବ କି ନାହିଁ ସେନେଇ ସନ୍ଦେହ ଉପୁଜୁଛି ବୋଲି ଜଣେ ଚାଷୀ ପ୍ରତିନିଧି ଜଣାଇଛନ୍ତି।

### ବଜ୍ରପାତରେ ମଇଁଷି ମୃତ, ଚରାଳି ଆହତ

**କାକଟପୁର/ଅସ୍ତରଙ୍ଗ:** ଶନିବାର ପୂର୍ବାହ୍ନ ୧୦ଘଟିକାରୁ ଘଟିଥିବା କାଳବୈଶାଖୀ ପ୍ରଭାବରେ ବଜ୍ରପାତ ଫଳରେ ଅକାଳରେ ଏକ ଦୁଧିଆଳୀ ମଇଁଷିର ମୃତ୍ୟୁ ସହ ମଇଁଷି ଚରାଳି ଆହତ ହୋଇଛନ୍ତି। ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ପଂଚାୟତର ପ୍ରଦୀପ୍ତ ବେହେରା ମଧୁପୁର ନିକଟସ୍ଥ ଗଙ୍ଗାଦେବୀ ସନ୍ନିକଟରେ ମଇଁଷି ଚରାଇ ଫେରୁଥିବା ବେଳେ ହଠାତ ବଜ୍ରପାତ ଫଳରେ ଘଡଘଡି ପଡ଼ି ଏକ ଦୁଧିଆଳି ମଇଁଷିର ମୃତ୍ୟୁ ସହ ଚରାଳି ପ୍ରଦୀପ୍ତ ବେହେରା ଆହତ ହୋଇଛନ୍ତି। ଏହା ସହ ମଧୁପୁର ସ୍ଥିତ କଳ୍ପନା ବେହେରାଙ୍କ ଛାତ ଉପରେ ବଜ୍ରପାତ ପଡ଼ି ଛାତର କିଛି ଅଂଶ ଫାଟିଯାଇଛି।



## ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାରେ ଜଣେ ଅଟକ

**କୁଜଙ୍ଗ, ୨୨।୩ (ସଂଚାର ବ୍ୟୁରୋ) :** କୁଜଙ୍ଗ ବଜାର ଗୋପବନ୍ଧୁ ବଜାର-୨ରେ ରହିଥିହା ଶାନ୍ତିଲତା ଜୁଏଲାରୀ ମାଲିକ ସୁଶାନ୍ତ କୁମାର ସାହୁଙ୍କ ଠାରୁ ଗତକାଲି ରାତି ସମୟରେ ପ୍ରାୟ ୧୩ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଚୋରି ଘଟଣା ଚବିଶ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ ଲୁଟେରାଙ୍କୁ ଠାବ କରିବାରେ ଅସମର୍ଥ ହୋଇଛି । ତେବେ ଲୁଟର ଶିକାର ସୁଶାନ୍ତଙ୍କ ଅଭିଯୋଗ ପାଇବା ପରେ ପୁଲିସ ମାମଲା ରୁଜୁ କରିବା ସହିତ ଛାନଭିନ ଚଳାଇଥିବା ଜଣାପଡିଛି। ଏହି ଘଟଣାରେ ସ୍ଥାନୀୟ ଜଗନ୍ନାଥ ପୁର ଗ୍ରାମର ଜନୈକ ଯୁବକଙ୍କୁ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡିଛି। ସେହିପରି ପୁଲିସ ଘଟଣା ସ୍ଥଳକୁ ଯାଇ ଅଭିଯୋଗକାରୀଙ୍କ ସୂଚନା ଆଧାରରେ ଘଟଣାକୁ ଅନୁଧ୍ୟାନ ଚଳାଇଛି । ସେହିପରି ଲୁଟ ହୋଇଥିବା ସ୍ଥାନକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାରେ ରହିଥିବା ସିସିଟିଭି ଫୁଟେଜ ଆଣି ଏହାର ଆଧାରରେ ଲୁଟେରାଙ୍କ ନିକଟରେ ପହଂଚିବାକୁ ଚେଷ୍ଟା ଚଳାଇଛି । ତେବେ ଖୁବଶୀଘ୍ର ଅଭିଯୁକ୍ତଙ୍କ ନିକଟରେ ପୁଲିସ ପହଂଚିବ ବୋଲି କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନ ପ୍ରକାଶ କରିଛନ୍ତି । ପ୍ରକାଶ ଯେ ଗତକାଲି ଶାନ୍ତିଲତା ଜୁଏଲାରୀର ମାଲିକ ସୁଶାନ୍ତ କୁମାର ସାହୁ ଦୋକାନ ବନ୍ଦକରି ନିଜର ବାଗୋଇ ଗ୍ରାମସ୍ଥିତ ଘରକୁ ଯାଉଥିଲେ । କଟକ-ପାରାଦୀପ ରାଜ୍ୟ ରାଜପଥର ଷଣ୍ଢପୁର ଠାରୁ ବାଗୋଇ କୁ ସଂଯୋଗ କରୁଥିବା ରାସ୍ତାର ବାଗୋଇ ପୋଲ ନିକଟରେ ପଛରୁ ଏକ କଳା ରଙ୍ଗର ପଲସର ଗାଡିରେ ତିନିଜଣ ଯୁବକ ତାଙ୍କୁ ପିଛାକରି ପୋଲ ନିକଟରେ ଅଟକାଇଥିଲେ । ସେଠାରେ ତାଙ୍କୁ ଏକ କଟୁରୀରେ ଆକ୍ରମଣ କରିବା ସହିତ ସେ ପିନ୍ଧିଥିବା ଦୁଇଟି ଚେନ ଓ ଗୋଟିଏ ବ୍ରେସଲେଟ ଲୁଟି ନେଇଥିଲେ ।

## ସମାଜସେବୀଙ୍କ ପରଲୋକ



**ବାଲିଅନ୍ତା, ୨୨।୩ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଉମାଦେଈ ବ୍ରହ୍ମପୁର ପଞ୍ଚାୟତ ଅଧୀନ ରାୟଗୁର ବାସୁଦେଈପୁର ଗ୍ରାମର ସମାଜସେବୀ ନିମାଇଁ ଚରଣ ନାୟକଙ୍କର ଆଜି ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ନିମାଇଁଙ୍କୁ ୧୦୧ ବର୍ଷ ବୟସ ହୋଇଥିଲା । ଗତକାଲି ପୂର୍ବାହ୍ନରେ ନିମାଇଁ ହଠାତ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକ ଚିକିତ୍ସା ନେଇ ଏକ ଘରୋଇ ହସ୍ପିଟାଲ ନେଇଥିଲେ । ଆଜି ସକାଳ ୮ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ନିମାଇଁଙ୍କ ମୃତଦେହ ଗ୍ରାମ ବାସ ଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାର ଠାରେ ନିମାଇଁଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ସାନପୁଅ ଚକ୍ରଧର ନାୟକ ମୁଖାଗ୍ନି ଦେଇଥିଲେ । ସୂଚନା ଅନୁସାରେ ପୂର୍ତ୍ତ ବିଭାଗରେ ଜଣେ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ନିମାଇଁ ଚାକିରିରୁ ଅବସର ନେବା ପରେ ଦୀର୍ଘ ୨୭ ବର୍ଷ ଧରି ସମାଜ ସେବାରେ ନିୟୋଜିତ ହୋଇଥିଲେ । ପଞ୍ଚାୟତର ବିଭିନ୍ନ ସାମାଜିକ ଏବଂ ଧର୍ମୀୟ ଅନୁଷ୍ଠାନ ବିକାଶ ସହ ସେ ଜଡିତ ଥିଲେ ।

## ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଜରୁରୀକାଳୀନ ବୈଠକ



**ବୋରିଗୁମ୍ମା/ଜୟପୁର, ୨୨।୩ (ସଂଚାର ବ୍ୟୁରୋ) :** ଜୟପୁର ଯାଦବ ଭବନ ଠାରେ ସଭାପତି ଶଶୀଭୂଷଣ ଦାଶ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରି ତଥା ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଏଥିରେ କର୍ମଚାରୀ ମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ପାଇବାରୁ ବଞ୍ଚିତ ହୋଇଥିବା ଯୋଗୁଁ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ ସରକାର କର୍ମଚାରୀ ମାନଙ୍କର ଦାବି ପୂରଣ କରିବା ନିମନ୍ତେ ସମସ୍ତେ ଅନୁରୋଧ କରିଥିଲେ। ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ୧୦ ଗୋଟି ଦାବି ମଧ୍ୟରୁ ସରକାର ଗୋଟିଏ ଦାବି ପୂରଣ କରିବାରେ ସକ୍ଷମ ହୋଇଥିବାରୁ ଶ୍ରୀ ଦାଶ୍ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଅନ୍ୟ ୯ ଗୋଟି ଦାବି ପୁରଣ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରିଥିଲେ। ସମସ୍ତ ଉପସ୍ଥିତ ସଦସ୍ୟମାନେ ନିଜ ନିଜର ମତଦାନ ପ୍ରଦାନ କରିବା ପରେ ଯଦି ସରକାର କର୍ମଚାରୀ ମାନଙ୍କର ୯ ଗୋଟି ଦାବି ପୁରଣ କରନ୍ତି ତାହେଲେ ସମସ୍ତ ବର୍ଗର କର୍ମଚାରୀ ମାନେ ଉପକୃତ ହୋଇପାରିବେ ବୋଲି ମତପୋଷଣ କରିଥିଲେ। ଉକ୍ତ ଦାବି ଗୁଡ଼ିକ ହେଲା ସମସ୍ତ କର୍ମଚାରୀଙ୍କୁ ପୁରୁଣା ପେନସନ ପ୍ରଦାନ କରିବା, ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବା, ଠିକା ନିଯୁକ୍ତି ଉଚ୍ଛେଦ କରିବା, ବ୍ଲକ୍ ଗ୍ରାଣ୍ଟ ଉଚ୍ଛେଦ କରିବା ସହିତ ଏକ୍ସକ୍ୟାଡର ଉଚ୍ଛେଦ କରିବା, ବ୍ଲକ୍ ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ଘର ଭଡ଼ା ବୃଦ୍ଧି କରିବା, କଭିଡ୍ ମହାମାରୀ ସମୟରୁ ସ୍ଥଗିତ ରଖାଯାଇଥିବା ମହଙ୍ଗା ଭତ୍ତା ପ୍ରଦାନ କରିବା, ଯୋଗ୍ୟତା ଭିତ୍ତିରେ ସମସ୍ତଙ୍କୁ ସମାନ ଦରମା ପ୍ରଦାନ କରନ୍ତୁ ବୋଲି ଉପସ୍ଥିତ କର୍ମଚାରୀ ଓ କର୍ମକର୍ତ୍ତା ମତ ଦେଇଥିଲେ। ଅତି ଶିଘ୍ର କୋରାପୁଟ ଜିଲ୍ଲାରେ ରାଜ୍ୟ ସଂଘର ଏକ ସମାବେଶର ଆୟୋଜନ କରିବା ସହ ରାଜ୍ୟ ସରକାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ଶ୍ରୀ ଦାଶ୍ ସଭାପତି ମତ ଦେଇଥିଲେ।

## ସାରେଇକୂଳରେ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା

**ନାଉଗାଁ, ୨୨।୩ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ସାରେଇକୂଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଶନିବାର ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା କରାଯାଇଛି। ଉକ୍ତ ଦେହାଂଶକୁ ପଣ୍ଡିଚେରୀସ୍ଥିତ ଆଶ୍ରମରୁ ଅଣାଯାଇ ବାଲିକୁଦା ବ୍ଲକର ରାୟରପୁର ଠାରେ ରଖାଯାଇଥିଲା। ପ୍ରାତଃ ସମୟରୁ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦ୍ୱାରା ଦେହାଂଶର ପଜାର୍ଚ୍ଚନା କରାଯିବା ପରେ ଏକ ଶୋଭାଯାତ୍ରାରେ ନାଉଗାଁ ଅଭିମୁଖେ ଆସିଥିଲା। ଦେହାଂଶକୁ ଏକ ସ୍ୱତନ୍ତ୍ର ରଥରେ ସୁସଜ୍ଜିତ କରି ରଖାଯାଇଥିବା ବେଳେ ଶ୍ରୀମାଙ୍କ ବାଣୀ ପ୍ରଚାର କରାଯାଇଥିଲା। ପ୍ରତି ଛକ ଯଥା ବାଲିକୁଦାର ଡେଙ୍ଗାପୋଲ, ପଦ୍ମପୁର, ନାଉଗାଁ ବ୍ଲକର ନୂଆପାଟଣା, ମୁଣ୍ଡାଳୋ ବଜାର, ବ୍ଲକ ଛକ, ନାଉଗାଁ ବଜାର ଆଦିରେ ଉକ୍ତ ରଥକୁ ମା'ମାନେ ପୂଜାର୍ଚ୍ଚନା କରିଥିଲେ। ଶେଷରେ ସାରେଇକୂଳସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ନୂତନ ପ୍ରାର୍ଥନା ଗୃହରେ ଦେହାଂଶକୁ ପ୍ରତିଷ୍ଠା କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ସମାଜସେବୀ ଦିଲ୍ଲିପ ଲେଙ୍କା, ନିରଞ୍ଜନ ବେହୁରା, ଧୂଳେଶ୍ୱର ଲେଙ୍କା, ପ୍ରମୋଦ କୁମାର ସ୍ୱାଇଁ, ଶୁଭ୍ରାନ୍ତ ବାରିକ, ଶ୍ରୀ ଅରବିନ୍ଦ ଜିଲ୍ଲା ସଂଗଠକ ଧ୍ରୁବଚରଣ ସାହୁ, ରବୀନ୍ଦ୍ର କୁମାର ସାହୁ, ତାପସ ମହାପାତ୍ର, ସୁରେନ୍ଦ୍ରନାଥ ମହାନ୍ତିଙ୍କ ସମେତ ଗ୍ରାମବାସୀ ଓ ମାତୃପ୍ରେମୀମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରତିଷ୍ଠାତା ଅନସ୍ମିତା ବେହୁରାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କରିଥିଲେ।



# 'ବିରଳ ଅସ୍ତ୍ରୋପଚାର ପ୍ରକ୍ରିୟା ସବୁଠି ସମ୍ଭବ'

**ଭୁବନେଶ୍ୱର, ୨୨।୩ (ସଂଚାର ବ୍ୟୁରୋ) :** ଆଧୁନିକ ଅସ୍ତ୍ରୋପଚାର ପଦ୍ଧତିର ଉଦ୍‌ଭାବନ ଦ୍ୱାରା ବର୍ତ୍ତମାନ ଛୋଟ ଛୋଟ ସହରରେ ମଧ୍ୟ ବିରଳ ଅସ୍ତ୍ରୋପଚାର ସମ୍ଭବପର ହୋଇପାରୁଛି। ଏହା ରୋଗୀମାନଙ୍କ ପାଇଁ ବେଶ ଆଶ୍ୱସ୍ତିକର ବୋଲି କହିଛନ୍ତି ଭାରତର ପ୍ରଥମ ରୋବୋଟିକ୍ ଅଙ୍କୋସର୍ଜନ ଡକ୍ଟର ଶୈଳେଶ ପୁନ୍‌ଟାମ୍ବେକର। କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ନିମନ୍ତେ ଲାପାରୋସ୍କୋପିକ୍ ରାଡିକାଲ୍ ହିଷ୍ଟେରେକ୍ଟୋମି ପଦ୍ଧତିର ପ୍ରୟୋଗ କ୍ଷେତ୍ରରେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା 'ପୁନେ ଟେକ୍ନିକ୍' ଡାକ୍ତର ପୁନ୍‌ଟାମ୍ବେକରଙ୍କ ଦ୍ୱାରା ହିଁ ଆରମ୍ଭ କରାଯାଇଥିଲା।

ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗ ଦ୍ୱାରା ଆୟୋଜିତ 'ଆଡ୍‌ଭାନ୍ସଡ ମିନିମାଲ୍ ଇନ୍‌ଭାସିଭ୍ ସର୍ଜରୀ' କର୍ମଶାଳାରେ ଯୋଗ ଦେଇ ଏହି ବିଶିଷ୍ଟ ସର୍ଜନ କହିଥିଲେ ଯେ ନୂତନ ପ୍ରୟୋଗର ଉଦ୍ଭାବନ ହେତୁ ଏହି ପ୍ରକ୍ରିୟା ଏବେ ଯେ କୌଣସି ସ୍ଥାନରେ ମଧ୍ୟ ଉପଲବ୍ଧ ହୋଇପାରିବ। ଏହି କର୍ମଶାଳାରେ ଡାକ୍ତର ପୁନ୍‌ଟାମ୍ବେକର ଦୁଇ ଜଣ ରୋଗୀଙ୍କ ଶରୀରରେ ଲାଇଭ ଲାପାରୋସ୍କୋପିକ୍ ରାଡିକାଲ୍ ହିଷ୍ଟେରେକ୍ଟୋମି କରି ଉପସ୍ଥିତ ଡାକ୍ତର ଓ ଛାତ୍ରଛାତ୍ରୀଙ୍କୁ ଏହି ପ୍ରକ୍ରିୟା ସମ୍ପର୍କରେ ଅଧିକ ତଥ୍ୟ ପ୍ରଦାନ କରିଥିଲେ। ୨୦୦୩ ମସିହାରେ ସେ ପ୍ରଥମ କରି ଏହି ଅସ୍ତ୍ରୋପଚାର କରିଥିଲେ ବୋଲି କହିଥିଲେ। ୨୦୦୮ ମସିହାରେ ଏହି ନୂତନ ପ୍ରକ୍ରିୟାକୁ ନେଇ ସେ ଗୋଟିଏ ସନ୍ଦର୍ଭ ଲେଖିଥିଲେ।



ପୁନେ ସ୍ଥିତ ଗ୍ୟାଲେକ୍ସି କେୟାର ହସ୍ପିଟାଲ୍‌ର ପ୍ରତିଷ୍ଠାତା ଡକ୍ଟର ପୁନ୍‌ଟାମ୍ବେକର କହିଛନ୍ତି ଭାରତରେ ସମସ୍ତ ପ୍ରକାର କର୍କଟ ରୋଗର ୨୦ ପ୍ରତିଶତ ହେଉଛି ଜରାୟୁ କର୍କଟ। ତେଣୁ ଏହି ନୂତନ ପ୍ରକ୍ରିୟା ରୋଗୀଙ୍କ କ୍ଷେତ୍ରରେ ବେଶ ଉପକାରୀ ହୋଇପାରୁଛି ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ମନୀଷା ସାହୁ, ପ୍ରଫେସର (ଡାକ୍ତର) ବସନ୍ତ କୁମାର ପତି ଏବଂ ଫୁଲନଖରା ସ୍ଥିତ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ତାପସୀ ପତି ଉପସ୍ଥିତ ଥିଲେ।

### ଭାରତ ଓ ନିଉଜିଲାଣ୍ଡ ମଧ୍ୟରେ ଶୈକ୍ଷିକ ବିକାଶ

## ତୋଇ ଓହୋମାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି-କିଟ୍ ବୁଝାମଣା

**ଭୁବନେଶ୍ୱର, ୨୨।୩ (ସଂଚାର ବ୍ୟୁରୋ) :** ନିଉଜିଲାଣ୍ଡର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ନିଉଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟଫର ଲକ୍‌ସନ, ତେ ପୁକେଙ୍ଗା-ନିଉଜିଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍କିଲ୍‌ସ ଆଣ୍ଡ ଟେକ୍ନୋଲୋଜିର ମୁଖ୍ୟ କାର୍ଯ୍ୟନିର୍ବାହୀ ଗସ ଗିଲମୋର, ନିଉଜିଲାଣ୍ଡ ଟ୍ରେଡ୍ ଆଣ୍ଡ ଏଣ୍ଟରପ୍ରାଇଜ୍ କନସୁଲ ଜେନେରାଓ ଓ ଟ୍ରେଡ୍ କମିଶନର ଗ୍ରାହମ ରାଉଜ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ରିଲେସନ୍‌ସ ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏହି ବୁଝାମଣା ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ମିଳିତ ଗବେଷଣା ଏବଂ ଅଧ୍ୟାପକ ବିନିମୟ ପାଇଁ ନୂତନ ପଥ ଖୋଲିବ, ଯାହା ଦ୍ୱାରା ଶୈକ୍ଷିକ ଉତ୍କର୍ଷତା ଏବଂ ବିଶ୍ୱସ୍ତରୀୟ ପରିଚିତି ବୃଦ୍ଧି ପାଇବ। ଏହା ସହିତ ଦକ୍ଷତା ବିକାଶ, ଏଆଇ ସମନ୍ୱୟ ଏବଂ ବୃତ୍ତିଗତ ଶିକ୍ଷା ଉପରେ ଭାରତର ଅଧିକ ଧ୍ୟାନ ସହ ଏହି ବୁଝାମଣା ଭବିଷ୍ୟତର କର୍ମଶକ୍ତି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ବୁଝାମଣା ସମୟରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ନିଶ୍ଚିତ ସାର୍ଥକ ଫଳାଫଳ ପ୍ରଦାନ କରିବ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି । ସେହିପରି ନୂଆଦିଲ୍ଲୀଠାରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣାମୂର୍ତ୍ତିଙ୍କ ସହ ଏକ ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରିବା ସହ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଶିକ୍ଷା ଜରିଆରେ କରାଯାଇଥିବା ସାମାଜିକ ପରିବର୍ତ୍ତନର ପ୍ରଶଂସା କରିଥିଲେ।



# ଅନୁକମ୍ପାମୂଳକ ନିଯୁକ୍ତି ନେଇ ଗୁରୁତ୍ୱପୂର୍ଣ୍ଣ ରାୟ



**ଭୁବନେଶ୍ୱର,୨୨।୩:** ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିରେ ୨୦୨୦ ମସିହାରେ ନୂଆ ଆଇନ୍ ପ୍ରଣିତ ହେବା ପୂର୍ବରୁ ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତୀୟ ଯେତେସବୁ ଦରଖାସ୍ତ ରହିଛି, ତାହାକୁ ୧୯୯୦ର ମୂଳ ଆଇନ୍ ଆଧାରରେ ଫଇସଲା କରିବା ଲାଗି କୁହାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ଓଡ଼ିଶା ଖଣି ନିଗମ ଅଧୀନରେ ଅଲେଖ ଚନ୍ଦ୍ର ଜେନା ଜଣେ ନିୟମିତ କର୍ମଚାରୀ ଭାବେ କାମ କରୁଥିବା ବେଳେ ୨୦୧୭ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା। ପରିବାରର ଆର୍ଥିକ ଅବସ୍ଥା ଆଦୌ ଭଲ ନଥିବା ଏବଂ ତାଙ୍କ ବିଧବା ପତ୍ନୀ ଅସୁସ୍ଥ ଥିବା ପରିପ୍ରେକ୍ଷୀରେ ପରିବାରର ସର୍ବସମ୍ମତ ନିଷ୍ପତ୍ତି ଅନୁଯାୟୀ ପୁଅ ଅମୀୟ କୁମାର ଜେନା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅନୁକମ୍ପାମୂଳକ ନିଯୁକ୍ତି ଲାଗି ଆବେଦନ କରିଥିଲେ । ତଦନ୍ତ ପରେ ୨୦୧୯ ମସିହାରେ ତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା ଏବଂ ଅମୀୟ ଜଣେ ବାଣିଜ୍ୟ ସ୍ନାତକ ସହିତ ପିଜିଡିସିଏ ଯୋଗ୍ୟତା ହାସଲ କରିଥିବାରୁ ତାଙ୍କୁ ଜୁନିଅର ଆକାଉଣ୍ଟାଣ୍ଟ ଭାବେ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ୨୦୨୦ରେ ସରକାର ନୂଆ ଆଇନ୍ ପ୍ରଣୟନ କରିବାରୁ ଅମୀୟଙ୍କ ଅନୁକମ୍ପାମୂଳକ ନିଯୁକ୍ତି ଆବେଦନକୁ କର୍ତ୍ତୃପକ୍ଷ ୨୦୨୧ ମସିହାରେ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ଏ ସଂକ୍ରାନ୍ତରେ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଅମୀୟ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏହି ମାମଲାର ଶୁଣାଣି କରି ୨୦୨୧ ମସିହାରେ କର୍ତ୍ତୃପକ୍ଷ ଯେଉଁ ଆଦେଶ ଦେଇଥିଲେ ତାହାକୁ ନାକଚ କରିଦେବା ସହିତ ୧୯୯୦ ମସିହାର ମୂଳ ଅନୁକମ୍ପାମୂଳକ ଆଇନ୍ ଓ ତାହାର ୨୦୧୬ ମସିହାର ସଂଶୋଧନ ଆଧାରରେ ଆବେଦନକାରୀଙ୍କ କଥା ବିଚାର କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ମଳୟାନନ୍ଦ ସେଠୀ, ବିନ୍ଦୁ ସାଗର ସାମନ୍ତରାୟ, ବିଶ୍ୱଜିତ ସ୍ୱାଇଁ, ଅନୀଲ ପାଢ଼ୀ ଆଦି ମାମଲାକୁ ନଜିର ଭାବେ ଦର୍ଶାଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ପ୍ରହଲାଦ କୁମାର ସିଂହ ଓ ଅମୀୟ କୁମାର ଛାଟୋଇ ମାମଲା ପରିଚାଳନା କରୁଥିଲେ। ଇତିମଧ୍ୟରେ ହାଇକୋର୍ଟଙ୍କ ରାୟର ପ୍ରତିଲିପି ଆବେଦନକାରୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଛନ୍ତି। ସଂଯୋଗକ୍ରମେ ଏହି ମାମଲାର ରାୟ ପ୍ରକାଶ ପାଇବା ପରେ ଓଡ଼ିଶା ସରକାର ତାଙ୍କ କ୍ୟାବିନେଟ୍ ବୈଠକରେ ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ମଳୟାନନ୍ଦ ସେଠୀ ମାମଲାରେ ସୁପ୍ରିମକୋର୍ଟ ଅନୁରୂପ ରାୟ ଦେବା ପରେ ଓଡ଼ିଶା ସରକାର ତାହାର ଅନୁପାଳନ କରି ମଳୟାନନ୍ଦଙ୍କୁ ନିଯୁକ୍ତି ଦେଇଥିଲେ ମଧ୍ୟ ସମାନ ମାମଲାଗୁଡ଼ିକରେ ରାୟର ଅନୁପାଳନ କରିବା ପରିବର୍ତ୍ତେ ତାହାର ବିରୋଧରେ ଅପିଲମାନ କରିଛନ୍ତି। ଏଥିଯୋଗୁ ଗୋଟିଏ ପଟେ ସରକାରଙ୍କ ଉପରେ ମାମଲାର ଚାପା ବଢ଼ୁଥିବା ବେଳେ ଅନ୍ୟପଟେ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇ ଅନେକ ପରିବାର ମାନସିକ ଓ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। କେବଳ ସେତିକି ନୁହେଁ, ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତରେ ହାଇକୋର୍ଟଙ୍କ ରାୟର ତ୍ୱରିତ ଅନୁପାଳନ କରାଯାଇନଥିବାରୁ ବହୁ ଅଦାଲତ ଅବମାନନା ମାମଲାରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଛନ୍ଦି ହେବାକୁ ବାଧ୍ୟ ହେଉଛନ୍ତି। (ତଥ୍ୟ)

## ବଜ୍ରପାତରେ ଛାତ୍ର ମୃତ

**ବ୍ରହ୍ମପୁର,୨୨।୩(ସଂଚାର ବ୍ୟୁରୋ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଜଣେ ଛାତ୍ରୀ ଫଳ ପ୍ରକାଶ ପାଇବା ପରେ ସାଙ୍ଗମାନଙ୍କ ସହ କଲେଜ ଯିବେ ବୋଲି ଆଶା ରଖିଥିଲେ। କଲେଜରେ ପାଠ ପଢ଼ି ଚାକିରି କରିବେ ଓ ତାଙ୍କ ପାଇଁ ଚିନ୍ତିତ ଥିବା ଅଭିଭାବକଙ୍କ ସ୍ୱପ୍ନ ପୂରଣ କରିବେ। କିନ୍ତୁ ତାଙ୍କର ସବୁ ସ୍ୱପ୍ନ ଆଜି ନିମିଷକେ ପାଣି ଫୋଟକା ପରି ମିଳେଇଯାଇଛି। ଫଳ ବାହାରିବା ପୂର୍ବରୁ ବଜ୍ରପାତରେ ନିରୀହ ଛାତ୍ରଙ୍କ ଜୀବନ ଚାଲିଯାଇଛି। ଆଜି ଏଭଳି ଏକ ଦୁଃଖଦ ଘଟଣା ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବମକେଇ ଅଞ୍ଚଳରେ ଘଟିଛି। ଏଠାରେ ବଜ୍ରପାତରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ଉକ୍ତ ଛାତ୍ର ଜଣଙ୍କ ହେଉଛନ୍ତି ନାରାୟଣପାଟଣା ଗ୍ରାମର ରାଜେଶ ଗୌଡ଼। ସେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ପାସ୍ କରି କଲେଜ ଯିବାକୁ କେତେ ସ୍ୱପ୍ନ ଦେଖିଥିଲେ। କିନ୍ତୁ ଦାଉ ସାଧିଲା ଦଇବ ଆଉ ବଜ୍ରପାତରେ ଲିଭିଯାଇଛି ରାଜେଶଙ୍କ ଜୀବନ ଦୀପ। ମିଳିଥିବା ସୂଚନାନୁସାରେ, ରାଜେଶ ଆଜି ବମକେଇରୁ ନାରାୟଣପୁର ଫେରୁଥିବା ସମୟରେ ଅଚାନକ ବମକେଇ-କୁମରଡ଼ା ରାସ୍ତାରେ ଆକାଶରୁ କାଳ ଖସିଲା ଭଳି ତାଙ୍କ ଉପରେ ବଜ୍ରାଘାତ ହୋଇଥିଲା।

● ନାବାଳିକା ଦୁଷ୍କର୍ମ ମାମଲା

## ଦୋଷୀକୁ ୨୦ ବର୍ଷ ଜେଲଦଣ୍ଡାଦେଶ

**ସମ୍ବଲପୁର,୨୨।୩(ସଂଚାର ବ୍ୟୁରୋ):** ସମ୍ବଲପୁର ସ୍ୱତନ୍ତ୍ର ପକ୍ସୋ କୋର୍ଟ ଆଜି ଜନୈକ ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ଗତ ୨୦୨୨ରେ ଜନୈକା ନାବାଳିକାଙ୍କୁ ଉକ୍ତ ଦୋଷୀ ଜଣଙ୍କ ଦୁଷ୍କର୍ମ କରିଥିଲା। ଘଟଣାଦିନ ରାତି ପ୍ରାୟ ୧୧ଟା ସମୟରେ ଉକ୍ତ ନାବାଳିକା ଜଣଙ୍କ ତାଙ୍କ ଘର ପଛ ପଟକୁ ପରିସ୍ରା କରିବା ସକାଶେ ଯାଇଥିବା ସମୟରେ ସେଠାରେ ପୂର୍ବରୁ ଛକିଥିବା ଗୋପୀନାଥ ମୁଣ୍ଡା ନାମକ ଯୁବକ ଟେକିନେଇ ଅମାନୁଷିକ ଭାବେ ଦୁଷ୍କର୍ମ କରିଥିଲା। ତେବେ ପୀଡିତା ଜଣଙ୍କ ଖୁବ୍ ଜୋର୍‌ରେ ଚିତ୍କାର କରିବାରୁ ଘରଲୋକେ ସେଠାରେ ପହଞ୍ଚିଯିବାରୁ ଅଭିଯୁକ୍ତ ଗୋପୀନାଥ ସେଠାରୁ ଖସି ପଳାଇଥିଲା। ପରେ ଏନେଇ ସ୍ଥାନୀୟ ଅଇଁଠାପାଲି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଆଜି ପକ୍ସୋ ସ୍ୱତନ୍ତ୍ର କୋର୍ଟ ଏହି ମାମଲାର ବିଚାର କରି ଚୂଡ଼ାନ୍ତ ରାୟ ଦେଇଛନ୍ତି। ଏଥିରେ ଅଭିଯୁକ୍ତ ଗୋପୀନାଥକୁ ୨୦ ବର୍ଷ ଜେଲ୍‌ଦଣ୍ଡାଦେଶ ସହ ୫୦ ହଜାର ଟଙ୍କାର ଜରିମାନା ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବନ୍ଧୁକ କାରଖାନାର ମାଷ୍ଟରମାଇଣ୍ଡ ଗିରଫ

● ପୂର୍ବରୁ ହତ୍ୟା ମାମଲାରେ ଜେଲ୍ ଯାଇଥିଲା



**କଟକ,୨୨।୩(ସଂଚାର ବ୍ୟୁରୋ):** ହତ୍ୟା ମାମଲାରେ ଜେଲ ଯାଇଥିଲା। କିନ୍ତୁ ଜେଲରୁ ଫେରି ଜୀବନରେ କରିଥିବା ଭୁଲ୍ ପାଇଁ ପଶ୍ଚାତ୍ତାପ ନୁହେଁ, ବରଂ ପୁଣିଥରେ ବେଆଇନ୍ କାରବାରରେ ଲାଗିପଡ଼ିଥିଲା। ଏପରିକି ରାଜ୍ୟ ବାହାରକୁ ବନ୍ଧୁକ ପଠାଇ ମାଲାମାଲ ବି ହେଉଥିଲା। ଆମେ ଏଠାରେ ଯାହା ବିଷୟରେ କହୁଛି, ସେ ହେଲା କଟକ ବୟାଳିଶ ମୌଜାରେ ଠାବ ହୋଇଥିବା ବନ୍ଧୁକ କାରଖାନାର ମାଷ୍ଟରମାଇଣ୍ଡ, ଯାହାର ନାଁ ଚଗଲା ଖୁଣ୍ଟିଆ। ସେ କଟକ ଶଙ୍କରପୁର ଅଞ୍ଚଳର କୁଖ୍ୟାତ ଅପରାଧୀ ହୋଇଥିବା ବେଳେ ବନ୍ଧୁକ କାରଖାନା ଠାବ ପରେ ଖିଅ ଖୋଜି ଖୋଜି ତା' ପାଖରେ ପହଞ୍ଚିଛି ଏସ୍‌ଟିଏଫ୍ ଏବଂ ତାକୁ ଗିରଫ କରିଛି। ଏସ୍‌ଟିଏଫ୍ ପଞ୍ଝାରେ ପଡ଼ିଛି ଚଗଲା। ତେବେ ଏଠି ପ୍ରଶ୍ନ ଉଠୁଛି ଯେ କେବେଠାରୁ ସେ ବନ୍ଧୁକ କାରବାର କରୁଥିଲା ? ତା' ଗ୍ୟାଙ୍ଗରେ ଆଉ କିଏ କିଏ ସାମିଲ ଅଛନ୍ତି ? କେଉଁ କେଉଁ ରାଜ୍ୟକୁ ଚଗଲାର ନେଟୱର୍କ ଲମ୍ବିଛି ? ଏସବୁ ପ୍ରଶ୍ନକୁ ନେଇ ଏବେ ନାନା ଚର୍ଚ୍ଚା ଆରମ୍ଭ ହୋଇଛି । ଚଗଲା ପୂର୍ବରୁ ବାଦାମବାଡ଼ିରେ ହୋଇଥିବା ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଥିଲା। ଜେଲରୁ ଫେରିବା ପରେ ସେ ବୟାଳିଶ ମୌଜା ବନ୍ଧୁକ କାରଖାନାରେ ବନ୍ଧୁକ ତିଆରିରେ ସହାୟତା କରୁଥିଲା। ପୂରା ରାକେଟ ତଥା ବନ୍ଧୁକ କାରବାର ପଛରେ ଥିଲା ତା'ର ବଡ଼ ଭୂମିକା। ବାଦାମବାଡ଼ି ହତ୍ୟାକାଣ୍ଡ ଘଟଣାର ବି ସେ ମାଷ୍ଟରମାଇଣ୍ଡ ଥିଲା। ହତ୍ୟାକାଣ୍ଡ ପରେ, ଜେଲରେ ଅଭିଯୁକ୍ତଙ୍କ ସହ ମିଶି ଚଳାଇଥିଲା ରାକେଟ୍। କଟକରୁ ବନ୍ଧୁକ ପାସ୍ କରାଇ, ବାହାର ଜିଲ୍ଲା, ସହର ଏବଂ ରାଜ୍ୟକୁ ଚାଲାଣର ଠିକା ନେଉଥିଲା ଏହି ହାର୍ଡକୋର ଅପରାଧୀ। ଏନେଇ ପ୍ରମାଣ ପାଇବା ପରେ ଏସ୍‌ଟିଏଫ୍ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏହି କାରବାର ନେଇ ଅଧିକ ତଥ୍ୟ ହାସଲ ସକାଶେ ଚଗଲାକୁ ପୁଲିସ୍ ରିମାଣ୍ଡ୍‌ରେ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଗତ ୧୩ ତାରିଖରେ କଟକ ବୟାଳିଶ ମୌଜାରେ ଏସ୍‌ଟିଏଫ୍ ଚଢ଼ାଉ କରିବା ସହ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିଥିଲା। ଏଥିସହ ସେଠାରୁ ବ୍ୟାପକ ପରିମାଣର ଅଧାଗଢ଼ା ବନ୍ଧୁକ ଓ ବନ୍ଧୁକ ତିଆରି ସମାଗ୍ରୀ ଜବତ କରିଥିଲା। ତେବେ ଏହି ବନ୍ଧୁକ କାରଖାନାରୁ କେତେଦୂର ଓ କାହାକୁ ବନ୍ଧୁକ ଯୋଗାଣ ହେଉଥିଲା, ସେନେଇ ଏସ୍‌ଟିଏଫ୍ ଖୋଳତାଡ଼ କରୁଛି।

● ପୂର୍ବ ଶତ୍ରୁତାରୁ ରକ୍ତରଞ୍ଜିତ ହେଲା ସମ୍ପର୍କ

## ଝିଅବାପା ନେଲା ପୁଅବାପା ଜୀବନ

**ରେଢ଼ାଖୋଲ,୨୨।୩(ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାରୁ ଆଜି ସମ୍ପର୍କ ହୋଇଛି ରକ୍ତରଞ୍ଜିତ। ଟାଙ୍ଗିଆ ଚୋଟରେ ସମୁଦୀ ନେଇଛି ସମୁଦୀର ଜୀବନ। ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଅନ୍ତର୍ଗତ ଗଞ୍ଜାବାହାଳ ଗ୍ରାମରେ ଏଭଳି ଏକ ଅଭାବନୀୟ କାଣ୍ଡ ଘଟିଛି। ଆଜି ମଧ୍ୟାହ୍ନ ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ଏହି ମାମଲାରେ ସ୍ଥାନୀୟ ପୁଲିସ୍ ହତ୍ୟାକାରୀ ଝିଅ ବାପାକୁ ଗିରଫ କରିଛି। କିଛି ବର୍ଷ ତଳେ ପୁଅ ଓ ଝିଅ ଘରୁ ଲୁଚି ପଳାଇଯିବା ସହ ପରେ ପରସ୍ପରକୁ ବିବାହ କରିଥିଲେ। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ଦୀର୍ଘଦିନ ହେଲା କଳିଝଗଡ଼ା ହୋଇଆସୁଥିଲା। ତେବେ ଏହି କଳିଝଗଡ଼ା ଆଜି ହତ୍ୟାକାଣ୍ଡର ରୂପ ନେଇଛି। ମୃତ ସମୁଦୀ ଜଣଙ୍କ ହେଲେ ନାକଟିଦେଉଳ ବ୍ଲକ୍ କିସିଣ୍ଡା ଥାନା ଅନ୍ତର୍ଗତ ଗଞ୍ଜାବାହାଳ ଗ୍ରାମର ମୁରଲୀ ଧଳ (୫୬)। ଏହି ହତ୍ୟାକାଣ୍ଡ ମାମଲାରେ ପୁଲିସ ଝିଅବାପାକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ତେବେ ଏପରି ଏକ ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇଦେଇଛି।

## ଓଲଟିଲା ବସ୍, ୪୦ ଯାତ୍ରୀ ଗୁରୁତର



**ଟାଙ୍ଗୀ,୨୨।୩(ସଂଚାର ବ୍ୟୁରୋ):** ଏକ ଯାତ୍ରୀବାହୀ ବସ୍ ଓଲଟିପଡ଼ିବା ଫଳରେ ସେଥିରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଯାତ୍ରୀମାନଙ୍କୁ ବାଲୁଗାଁ ମେଡିକାଲରେ ଭର୍ତ୍ତି କରାଯାଇଛି। ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ନିକଟସ୍ଥ ଜାତୀୟ ରାଜପଥରେ ପାଇକ କୁଶଡିହ ଗାଁ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ସିଲ୍କ ସିଟି ନାମକ ବସ ଯାତ୍ରୀମାନଙ୍କୁ ଧରି ଯାଉଥିବା ସମୟରେ ବାଲୁଗାଁ ନିକଟସ୍ଥ ଜାତୀୟ ରାଜପଥର ପାଇକ କୁଶଡିହ ଗାଁ ଛକ ନିକଟରେ ଅଚାନକ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟିପଡ଼ିଥିଲା। ଫଳରେ ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ଏନେଇ ଖବର ପାଇ ବାଲୁଗାଁ ଅଗ୍ନିଶମ ବାହିନୀ, ପୁଲିସ ଓ ସ୍ଥାନୀୟ ଯୁବଗୋଷ୍ଠୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ଦୁର୍ଘଟଣା ଘଟିବା ସମୟରେ ଉକ୍ତ ବସ୍‌ରେ ପାଖାପାଖି ୪୦ ଜଣ ଜଣ ଯାତ୍ରୀ ଥିବା ଜଣାପଡ଼ିଛି।

ସରକାରୀ ଅର୍ଥ ଆତ୍ମସାତ ମାମଲା

## ଗିରଫ ହେଲେ ଦୁର୍ନୀତିଖୋର ପିଇଓ



**ଭବାନୀପାଟଣା,୨୨।୩ (ସଂଚାର ବ୍ୟୁରୋ):** ଦୁଇଟି ପଞ୍ଚାୟତର ୩ କୋଟିରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗରେ ଜନୈକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପିଇଓଙ୍କୁ ଆଜି ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଏହି ପିଇଓଙ୍କୁ ପୂର୍ବରୁ ସରକାରୀ ଅର୍ଥ ତୋଷରପାତ କରିଥିବା ନେଇ ଅଭିଯୋଗ ଆସିବା ପରେ ନିଲମ୍ବନ କରାଯାଇଥିଲା। କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ତଳନେଗି ଓ ପୋଡ଼ାପଦର ପଞ୍ଚାୟତର ପିଇଓ ଭାବେ ଦେବାନନ୍ଦ ସାଗର ଗତ ୨୦୧୮ରୁ ୨୦୨୨ ଯାଏଁ କାର୍ଯ୍ୟ କରିଥିଲେ। ଶ୍ରୀ ସାଗର କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଥିବା ପୋଡ଼ାପଦର ପଞ୍ଚାୟତ ଓ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ତଳନେଗି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ସରକାରୀ ଯୋଜନା ବାବଦ ସହାୟତା ଟଙ୍କା ଆତ୍ମସାତ କରି ଆସୁଥିବା ଅଭିଯୋଗ ହୋଇଥିଲା। ବିଧିବଦ୍ଧ ତଦନ୍ତ ପରେ ଶ୍ରୀ ସାଗର ଉପରୋକ୍ତ ୨ ପଞ୍ଚାୟତର ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ଜଣାପଡ଼ିବା ପରେ ତାଙ୍କୁ ଆଜି କଳାହାଣ୍ଡି ଭିଜିଲାନ୍ସ ଗିରଫ କରିଛି। ସେ ଉକ୍ତ ଅର୍ଥକୁ ଅନଲାଇନ୍ ବେଟିଂ ଆପ୍‌ରେ ଖଟାଇଥିବା ଭିଜିଲାନ୍ସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ତାଙ୍କୁ ଗତ ୨୦୨୩ର ପ୍ରଥମ ଭାଗରେ ଲାଞ୍ଜିଗଡ଼ ବ୍ଲକ୍ ଅନ୍ତର୍ଗତ ବଡ଼ଛତରଙ୍ଗ, ବିରିକୋଟ ଓ ପାହାଡ଼ପଦର ପଞ୍ଚାୟତର ପିଇଓ ଭାବେ କାର୍ଯ୍ୟ କରୁଥିବା ସମୟରେ ୧.୦୪ କୋଟି ଟଙ୍କା ତୋଷରପାତ କରିଥିବା ଅଭିଯୋଗରେ ଚାକିରିରୁ ନିଲମ୍ବନ କରାଯାଇଥିଲା। ଗିରଫ ପରେ ଶ୍ରୀ ସାଗରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

ଆକ୍ସନ୍ ମୋଡ୍‌ରେ କମିଶନରେଟ୍ ପୁଲିସ୍

## ବ୍ୟାପକ ଗଞ୍ଜେଇ ସିଗାରେଟ ଜବତ, ୫ ଗିରଫ

**ଭୁବନେଶ୍ୱର,୨୨।୩ (ସଂଚାର ବ୍ୟୁରୋ):** ରାଜଧାନୀରେ ଦିନକୁ ଦିନ ନିଶା କାରବାର ଓ ଏହାର ବ୍ୟବହାର ବଢ଼ୁଥିବା ବେଳେ ଏହାକୁ ନିୟନ୍ତ୍ରଣକୁ ଆଣିବା ସକାଶେ ଏବେ କମିଶନରେଟ୍ ପୁଲିସ୍ ଆକ୍ସନ ମୋଡ୍‌କୁ ଆସିଛି। ରାଜଧାନୀରେ ନିଶା କାରବାର ନେଇ ବ୍ୟାପକ ଚଢ଼ାଉ କରାଯାଇଛି, ଯେଉଁଥିରେ ବ୍ୟାପକ ମାତ୍ରାରେ ବେଆଇନ ଗଞ୍ଜେଇ ସିଗାରେଟ ଜବତ କରାଯାଇଛି। ଏଥିସହ ଏହି କାରବାରରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି। ରାଜଧାନୀ ୩ଟି ଥାନାଞ୍ଚଳର ୫ଟି ସ୍ଥାନରେ ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ଏଥିସହ ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ପକ୍ଷରୁ ଗଞ୍ଜେଇ ସିଗାରେଟ ବିକ୍ରି କରୁଥିବା ଓମ୍‌ଫେଡ ପାର୍ଲର ଓ ପାନ ଦୋକାନ ଉପରେ ମଧ୍ୟ ଚଢ଼ାଉ କରାଯାଇଛି।

ଏହି କ୍ରମରେ ଶାସ୍ତ୍ରୀ ନଗର ଟ୍ରାଫିକ ଛକରେ ଦେଶୀ ମଦ ତିଆରି ହେଉଥିବା ଏକ ୟୁନିଟ ଉପରେ ଚଢ଼ାଉ କରାଯାଇଛି। ସେଠାରେ ଚଢ଼ାଉ ସମୟରେ ବ୍ୟାପକ ମାତ୍ରାରେ ବେଆଇନ ମଦକୁ ପୁଲିସ୍ ନଷ୍ଟ କରିଦେଇଛି। ଜନଗହଳିପୂର୍ଣ୍ଣ ଛକରେ ସମ୍ମୁଖରେ ଫାଷ୍ଟଫୁଡ୍ ଦୋକାନ ଚାଲିଥିବା ବେଳେ ଏହା ପଛରେ ଥିବା ଏକ ଲାଟ୍ରିନ୍‌ରେ ମଦ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ପୁଲିସ୍ ସେଠାରେ ପହଞ୍ଚି ଉକ୍ତ ମଦକୁ ନଷ୍ଟ କରିଥିବା ଜଣାପଡ଼ିଛି। ଏହାଛଡ଼ା ଜୟଦେବ ବିହାରର ଓମଫେଡ

### ସାମ୍ନାରେ ଫାଷ୍ଟଫୁଡ୍, ପଛରେ ଚାଲିଥିଲା ମଦ କାରବାର



ପାର୍ଲର ଉପରେ ଚଢ଼ାଉ କରାଯାଇଥିଲା। ଏକ ପାର୍ଲରର ପଛପଟେ ରହୁଥିଲା ଗଞ୍ଜେଇ ସିଗାରେଟ। ଯୁବବର୍ଗ ଏଠାରୁ ବେଶ୍ ଆରାମରେ ଗଞ୍ଜେଇ ସିଗାରେଟ କିଣିପାରୁଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ପୁଲିସ୍ ସେଠାରେ ଚଢ଼ାଉ କରି ବ୍ୟାପକ ପରିମାଣର ଗଞ୍ଜେଇ ସିଗାରେଟ ଜବତ କରିଛି। ରାଜଧାନୀର ୩ଟି ଥାନାଞ୍ଚଳର ୫ଟି ସ୍ଥାନରେ ଚଢ଼ାଉ କରାଯାଇଛି। ସନ୍ଧାନୀ କୁକୁର ସହାୟତାରେ ଗଞ୍ଜେଇ ଠାବ କରିବା ସହ ପୁଲିସ୍ ଚଢ଼ାଉ କରି ଜବତ କରିଥିବା ଜଣାପଡ଼ିଛି। ସେହିପରି ପୁଲିସ୍ ପକ୍ଷରୁ ଆଚାର୍ଯ୍ୟ ବିହାରର ଏକ ପାନ ଦୋକାନ ଉପରେ ଚଢ଼ାଉ କରାଯାଇଛି। ସେଠାରେ ଘର ଭିତରେ ଏହି ଗଞ୍ଜେଇ ସିଗାରେଟ୍ ପ୍ରସ୍ତୁତ ହେଉଥିଲା। ବେପାରୀଙ୍କଠାରୁ ଗଞ୍ଜେଇ ଆଣି ଉକ୍ତ ସିଗାରେଟ ପ୍ରସ୍ତୁତ କରୁଥିଲେ ଗୋଟିଏ ପରିବାରର ସଦସ୍ୟ। ଏବେ ରାଜଧାନୀରେ ନିଶା କାରବାର ବେଶ୍ ବ୍ୟାପକ ହୋଇଥିବା ବେଳେ ଗଳିକନ୍ଦିରେ ବେଶ୍ ସହଜରେ ଗଞ୍ଜେଇ ସିଗାରେଟ ମିଳୁଛି। ତେବେ ଏହାକୁ ରୋକିବା ସକାଶେ ଆଗାମୀ ଦିନରେ ବି ଏପରି ଚଢ଼ାଉ ଅଭିଯାନକୁ ଜୋରଦାର କରାଯିବ ବୋଲି କମିଶନର୍ କହିଛନ୍ତି।

ଜେଇଙ୍କ ବେପାର ନିଶା

## ଆଲିଶାନ୍ ବଙ୍ଗଳାରେ ୩ ଫ୍ୟାକ୍ଟ୍ରି



**ଭୁବନେଶ୍ୱର,୨୨।୩(ସଂଚାର ବ୍ୟୁରୋ):** ଭିଜିଲାନ୍ସ ରେଡରେ ସାଧାରଣତଃ ନଜରକୁ ଆସିଥାଏ ଟଙ୍କା-ସୁନା, କୋଠା-ବାଡ଼ି, ଗାଡ଼ି। ଦୁଇ ଲକ୍ଷ ନଗଦ ଟଙ୍କା ସହ ଗତକାଲି ଧରାପଡ଼ିଥିବା ଯାଜପୁର ଆରଡି ବିଭାଗର କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣାଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନରେ ଚଢ଼ାଉରେ ଏସବୁ ତ ମିଳିଛି। କିନ୍ତୁ ତାଙ୍କ ବେପାର ନିଶା ଦେଖି ଭିଜିଲାନ୍ସ ଅଧିକାରୀମାନେ ତାଜୁବ ହୋଇଛନ୍ତି। କାରଣତାଙ୍କ ଭୁବନେଶ୍ୱରସ୍ଥିତ ଏକ ଆଲିଶାନ୍ ବଙ୍ଗଳାରେ ଗୋଟିଏ ନୁହେଁ କି ଦୁଇଟି ନୁହେଁ, ବରଂ ତିନି ତିନିଟି ଫ୍ୟାକ୍ଟ୍ରି ଚାଲିଥିବା ସାମ୍ନାକୁ ଆସିଛି। ତାଙ୍କ ବଙ୍ଗଳା ଭିତରେ କେଉଁଠି ପିଇବା ପାଣି ଫ୍ୟାକ୍ଟ୍ରି ତ ଆଉ କେଉଁଠି ଇଟା ତିଆରି ଫ୍ୟାକ୍ଟ୍ରି ତ ପୁଣି ଆଉ କେଉଁଠି ଫର୍ଣ୍ଣିଚର ୱାର୍କସପ୍ ସାଙ୍ଗକୁ ଶୋ ରୁମ୍ ରହିଛି। ଦୁର୍ନୀତି କରି ଟଙ୍କା ଅର୍ଜନ କର ଆଉ ସବୁ ସଉକ୍ ପୂରା ପରେ କଳା ଟଙ୍କାକୁ ବ୍ୟବସାୟରେ ଲଗାଅ, ଏମିତି କିଛି ଫଣ୍ଡାରେ ଏହି ଲାଞ୍ଚୁଆ ସରକାରୀ ବାବୁ ଏଠାରେ ବେପାରର ପସରା ମେଲିଛନ୍ତି। ଚାକିରି କନିଷ୍ଠ ଯନ୍ତ୍ରୀ ହୋଇଥିଲେ ମଧ୍ୟ ସେଥିରୁ ରୋଜଗାର ହେଉଥିବା ଉପୁରି ମାଲ୍‌ରେ ଶ୍ରୀ ମହାରଣା ଭୁବନେଶ୍ୱର ଉପକଣ୍ଠସ୍ଥିତ ବାଲିଅନ୍ତା ବେଣ୍ଟପୁର ଶାସନରେ ମେଲେଇଥିଲେ ଏହି ବିଶାଳ କଳା ସାମ୍ରାଜ୍ୟ। ଯାଜପୁର ଜିଲ୍ଲା ଜାରକାର କୁଆଖିଆ ସେକ୍ସନ୍ ଆରଡି ଡିଭିଜନରେ କନିଷ୍ଠ ଯନ୍ତ୍ରୀ ପୋଷ୍ଟରେ ଥିବା ଶ୍ରୀ ମହାରଣା ଜଣେ ଲାଞ୍ଚୁଆ ଅଧିକାରୀ ବୋଲି ଯନ୍ତ୍ରୀ ଓ ଠିକାଦାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଆସୁଥିଲେ। ଗତ ଶ୍ରୀ ମହାରଣା ଯାଜପୁର ଅଫିସରୁ ତାଙ୍କ ବେଣ୍ଟପୁର ଶାସନସ୍ଥିତ ଘରକୁ କାର ଯୋଗେ ଫେରୁଥିଲେ, ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କଟକ ଟାଙ୍ଗି ଟୋଲ ଗେଟ୍ ନିକଟରେ ମାଡ଼ି ବସିଥିଲେ। ସେତେବେଳେ ଉକ୍ତ ଗାଡ଼ିରୁ ନଗଦ ୨ ଲକ୍ଷ ଟଙ୍କା ମଧ୍ୟ ଉଦ୍ଧାର ହୋଇଥିଲା। ସେ ଏହି ଟଙ୍କା କେଉଁଠୁ ଆଣିଛନ୍ତି, ସେନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇନପାରିବା ଫଳରେ ଭିଜିଲାନ୍ସ ପକ୍ଷରୁ ଅପରେସନ୍ ଆରମ୍ଭ ହୋଇଥିଲା। ଭିଜିଲାନ୍ସ ଟିମ୍ ତାଙ୍କ କୁଆଖିଆସ୍ଥିତ କାର୍ଯ୍ୟାଳୟ, ସରକାରୀ କ୍ୱାର୍ଟର୍ସ ସହ ବେଣ୍ଟପୁରସ୍ଥିତ ପୈତୃକ ବାସଭବ ଓ କିଛି ଦୂରରେ ଥିବା ଆଲୋଚ୍ୟ ବହୁତଳ ପ୍ରାସାଦରେ ଚଢ଼ାଉ କରାଯାଇଥିଲା। ସେସବୁ ସ୍ଥାନରେ ଯାହାସବୁ ଦାମୀ ସାମଗ୍ରୀ ରହିଥିଲା, ସେସବୁ ଦେଖି ଭିଜିଲାନ୍ସର ଉକ୍ତ ୧୨ଜଣିଆ ଟିମ୍ ତାଜୁବ୍ ହୋଇଯାଇଥିଲା। ଆଲିଶାନ୍ ବଙ୍ଗଳାରୁ ନଗଦ ୯୮ ହଜାର ଟଙ୍କା ସହ ୨୦୦ ଗ୍ରାମ ସୁନା ଅଳଙ୍କାର, ୩୧.୮୦ ଲକ୍ଷ ଟଙ୍କାର ଜମା ଓ ବ୍ୟାଙ୍କ ବାଲାନ୍ସ, ୧୦ ଲକ୍ଷ ଟଙ୍କାର ଇନସ୍ୟୁରାନ୍ସ ଓ ୯ଟି ଗାଡ଼ି ହୋଇଥିଲା। ସେହିପରି ଶ୍ରୀ ମହାରଣାଙ୍କ ଫର୍ଣ୍ଣିଚର ଫ୍ୟାକ୍ଟ୍ରିରେ ଥିବା ଶାଳ, ଶାଗୁଆନ୍ କେଉଁଠି ଆସିଛି, ସେନେଇ ବନ ବିଭାଗ ମଧ୍ୟ ଖୋଳତାଡ଼ ଆରମ୍ଭ କରିଦେଇଛି। ଯାଞ୍ଚ ସରି ନଥିବାରୁ ଏହି ଜେଇ ବାବୁଙ୍କ ଆୟବହିର୍ଭୂତ ସମ୍ପତ୍ତି ତାଲିକା ଆହୁରି ଲମ୍ବିବ।

ନବ ଦାସ ହତ୍ୟା ମାମଲା

## ଓରିଏଣ୍ଟ ଥାନାରେ କ୍ରାଇମବ୍ରାଞ୍ଚ ଟିମ୍

**ଝାରସୁଗୁଡ଼ା,୨୨।୩(ସଂଚାର ବ୍ୟୁରୋ):** ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ତଦନ୍ତ ଚଳାଇଥିବା କ୍ରାଇମବ୍ରାଞ୍ଚ ଟିମ୍ ତା'ର ଘଣ୍ଟାଚକଟା ଜାରି ରଖିଛି। ଏହି କ୍ରମରେ ଟିମ୍‌ର ସଦସ୍ୟମାନେ ଆଜି ଏହି ତଦନ୍ତର ପଞ୍ଚମ ଦିନରେ ବ୍ରଜରାଜନଗର ଓରିଏଣ୍ଟ ଥାନାରେ ପହଞ୍ଚିଥିବା ଜଣାପଡ଼ିଛି। ସେଠାରେ ଟିମ୍‌ର ସଦସ୍ୟମାନେ ଉକ୍ତ ଥାନାର କର୍ମଚାରୀ ଓ ଅଧିକାରୀଙ୍କୁ ନବ ଦାସ ହତ୍ୟା ମାମଲା ନେଇ ପଚରାଉଚରା କରିବା ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରି ପ୍ରମାଣ ହାସଲ ସକାଶେ ଉଦ୍ୟମ ଚଳାଇଛି। ଏହା ପୂର୍ବରୁ ଶୁକ୍ରବାର କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ା ବିମାନବନ୍ଦରରେ ତଦନ୍ତ କରିଥିଲା। ସେଠାରେ କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ା ବିମାନବନ୍ଦରରୁ ନବ ଦାସଙ୍କୁ ଏୟାର ଲିଫ୍ଟ କରିବା ସମୟର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିବା ସହ ବିମାନବନ୍ଦର ଅଧିକାରୀଙ୍କ ବୟାନ ରେକର୍ଡ କରିଥିବା ଜଣାପଡ଼ିଛି।

ଗୁଳିବିଦ୍ଧ ହେବା ପରେ ନବଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରକୁ ଅଣାଯାଇଥିଲା। କିନ୍ତୁ ସେଠାରୁ ତାଙ୍କୁ ଭୁବନେଶ୍ୱରକୁ ଏୟାରଲିଫ୍ଟ କରାଯାଇଥିଲା। ତେବେ ତାଙ୍କୁ ଏୟାରଲିଫ୍ଟ କରିବା ପାଇଁ ଆସିଥିବା ଏୟାର ଆମ୍ବୁଲାନ୍ସର ଲ୍ୟାଣ୍ଡିଂ, ଡିପାର୍ଚ୍ଚର ସମୟର ତଥ୍ୟ ସହ ସେଦିନ ଉପସ୍ଥିତ ଥିବା କର୍ମଚାରୀଙ୍କୁ ପ୍ରାୟ ୩ ଘଣ୍ଟା ଧରି ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ବିମାନବନ୍ଦରର ନିର୍ଦ୍ଦେଶକ, ବିମାବବନ୍ଦରର ମୁଖ୍ୟ ସୁରକ୍ଷା ଅଧିକାରୀ, ଟର୍ମିନାଲ ମ୍ୟାନେଜରଙ୍କୁ ପଚରାଉଚରା କରିବା ସହିତ କ୍ରାଇମ୍‌ବ୍ରାଞ୍ଚ୍ ଟିମ୍ ଧାରା ୧୬୧ରେ ସେମାନଙ୍କ ବୟାନ ରେକର୍ଡ କରିଥିଲେ। ଏଥିସହ ସେଠାରୁ କିଛି ଆବଶ୍ୟକ କାଗଜପତ୍ର ମଧ୍ୟ ଟିମ୍‌ର ହସ୍ତଗତ ହୋଇଥିବା ଜଣାପଡ଼ିଛି। ଏଥିସହ ବ୍ରଜରାଜନଗର ଥାନାରେ କ୍ରାଇମବ୍ରାଞ୍ଚ ମଧ୍ୟ ତଦନ୍ତ କରିଛି। ସରୋଜ ସା' ନାମକ ଜନୈକ ଯୁବକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରିଛି। ହତ୍ୟାକାଣ୍ଡ ଦିନ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ସରୋଜ ଏବଂ ସେ ତତ୍କାଳୀନ ଆଇଆଇସିଙ୍କଠାରୁ ବନ୍ଧୁକ ଛଡ଼ାଇ ଆଣିଥିଲେ। ତେଣୁ ଆଜି ତାଙ୍କୁ କ୍ରାଇମ୍‌ବ୍ରାଞ୍ଚ୍ ପଚରାଉଚରା କରି ଉକ୍ତଦିନ କ'ଣ ଘଟିଥିଲା, ସେନେଇ ସବୁକିଛି ଜାଣି ତଦନ୍ତରେ ଆଗକୁ ବଢ଼ିବା ସକାଶେ ଉଦ୍ୟମ କରିଛି।

## ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଲକ୍ଷ୍ୟଠାରୁ ପଛରେ



**ଭୁବନେଶ୍ୱର,୨୨।୩ :** ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷାପାଇଁ ସରକାର ଯେତିକି ଲକ୍ଷ୍ୟଧାର୍ଯ୍ୟ କରୁଛନ୍ତି ତାହା ପୂରଣ ହୋଇପାରୁ ନାହିଁ । ଏପରିକି ୨୦୨୧-୨ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୪ ପ୍ରତିଶତ ପୂରଣ ହୋଇଥିବା ଜଣାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାର ନାଗରିକମାନଙ୍କର ଦୃଷ୍ଟିଶକ୍ତିର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି । ତଦନୁଯାୟୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଚକ୍ଷୁପରୀକ୍ଷା ଲାଗି ପ୍ରତିବର୍ଷ ଲକ୍ଷ୍ୟଧାର୍ଯ୍ୟ କରାଯାଉଛି । ୨୦୨୧-୨୨ ବର୍ଷରେ ରାଜ୍ୟର ୫୦ହଜାର ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷାପାଇଁ ଲକ୍ଷ୍ୟ ଥିବାବେଳେ ହୋଇଥିଲା ମାତ୍ର ୧୮୧୨ ଜଣଙ୍କର । ଅର୍ଥାତ୍ ମାତ୍ର ୪ ପ୍ରତିଶତ ଛାତ୍ରଛାତ୍ରୀଙ୍କର ଚକ୍ଷୁପରୀକ୍ଷା ହୋଇଥିଲା ।

ତେବେ ୨୦୨୨-୨୩ ରେ ୫୦ହଜାର ପିଲାଙ୍କର ଚକ୍ଷୁ ପରୀକ୍ଷା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବାବେଳେ ୭୩ ପ୍ରତିଶତ ସଫଳତା ମିଳିଥିଲା । ଏହା ପରବର୍ଷ ଅର୍ଥାତ୍ ୨୦୨୩-୨୪ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ସୀମା ୧ଲକ୍ଷକୁ ବୃଦ୍ଧି କରାଯାଇଥିବାବେଳେ ୬୪ ପ୍ରତିଶତ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା କରାଯାଇ ପାରିଥିଲା । ଚଳିତ ଆର୍ଥିକ ବର୍ଷରେ ଧାର୍ଯ୍ୟଲକ୍ଷ୍ୟ ସୀମାକୁ ୭୫ହଜାରକୁ ହ୍ରାସ କରାଯାଇଥିବାବେଳେ ଡିସେମ୍ବର ସୁଦ୍ଧା ମାତ୍ର ୨୧ ପ୍ରତିଶତ ସଫଳତା ମିଳିଛି ।

ତେବେ ରାଜ୍ୟରେ ମୋତିଆବିନ୍ଦୁ ଅସ୍ତ୍ରପଚାର କ୍ଷେତ୍ରରେ ସଫଳତା ହାର ସନ୍ତୋଷଜନକ ରହିଛି । ସରକାରୀ ସଂସ୍ଥା ଓ ବେସରକାରୀ ସଂଗଠନ ସହାୟତାରେ ଏହି ଅଭିଯାନ ଚଳାଉଥିବାବେଳେ ଏହାର ସଫଳତା ୨୦୨୨-୨୩ ବର୍ଷରେ ୧୦୧ ପ୍ରତିଶତ ରେକର୍ଡ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ଡିସେମ୍ବର ସୁଦ୍ଧ ଧାର୍ଯ୍ୟ ଲକ୍ଷ୍ୟ ୪୯ ପ୍ରତିଶତ ବ୍ୟକ୍ତିଙ୍କର ମୋତିଆବିନ୍ଦୁ ଅସ୍ତ୍ରପଚାର ହୋଇଛି ।

ସେହିଭଳି ଆବଶ୍ୟକ କରୁଥିବା ଲୋକମାନଙ୍କୁ ମଧ୍ୟ ସରକାର ବିନା ମୂଲ୍ୟରେ ଚଷମା ଯୋଗାଇ ଦେଉଛନ୍ତି । ୨୦୨୧-୨୨ ବର୍ଷରେ ରାଜ୍ୟରେ ୬୦ହଜାର ଚଷମା ଯୋଗାଣର ଲକ୍ଷ୍ୟ ଥିବାବେଳେ ଏହାର ୬୧ ପ୍ରତିଶତ ପୂରଣ ହୋଇପାରିଥିଲା । ତେବେ ୨୦୨୩-୨୪ବର୍ଷରେ ୧ଲକ୍ଷ ୨୦ହଜାର ଚଷମା ପ୍ରଦାନ ପାଇଁ ଲକ୍ଷ୍ୟ ଥିବାବେଳେ ୧ଲକ୍ଷ ୯୦ହଜାରରୁ ଅଧିକ ଚଷମା ଦିଆଯାଇଥିଲା । ଅର୍ଥାତ୍ ଧାର୍ଯ୍ୟ ଲକ୍ଷ୍ୟର ୧୫୮ ପ୍ରତିଶତ ପୂରଣ ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ଏକ ଲକ୍ଷ ଚଷମା ଦେବାକୁ ଲକ୍ଷ୍ୟ ଥିବାବେଳେ ଡିସେମ୍ବର ସୁଦ୍ଧା ୮୯ ପ୍ରତିଶତ ସଫଳତା ମିଳିପାରିଛି।

ସେହିଭଳି ରାଜ୍ୟର ଲୋକମାନଙ୍କ ମଧ୍ୟରେ ଚକ୍ଷୁ ଦାନ ପ୍ରତି ଆଗ୍ରହ ବୃଦ୍ଧି ପାଉଥିବାରୁ ଏ କ୍ଷେତ୍ରରେ ସଫଳତାର ହାର ଶତ ପ୍ରତିଶତ ଉପରେ ରହିଛି । ୨୦୨୨-୨୩ବର୍ଷରେ ୧୪୦୦ ଚକ୍ଷୁ ଦାନ ଆକାରରେ ମିଳିବାର ଲକ୍ଷ୍ୟ ଥିବାବେଳେ ମିଳିଥିଲା ୧୮୪୩ଟି ଏବଂ ଏଥିରୁ ୧୭୨୯ଟି ପ୍ରତିରୋପଣ ହୋଇପାରିଥିଲା। ଚଳିତ ଆର୍ଥିକ ବର୍ଷରେ ୧୮୦୦ ଚକ୍ଷୁ ଦାନ ଆକାରରେ ମିଳିବାର ଲକ୍ଷ୍ୟ ରହିଥିବାବେଳେ ଡିସେମ୍ବର ଶେଷସୁଦ୍ଧା ୨୧୩୧ ଟି ଚକ୍ଷୁ ସଂଗ୍ରହ ହେବା ସହିତ ଏଥିରୁ ୨୦୦୪ଟି ବ୍ୟବହାର ହୋଇଛି, ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୧୧୮ ପ୍ରତିଶତ । (ତଥ୍ୟ)

## ବିଧାୟକଙ୍କ ଦ୍ୱାରା କପିଳେଶ୍ୱର ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ



**ଭୁବନେଶ୍ୱର,୨୨।୩(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ଓ ଭୁବନେଶ୍ୱର ଏକାମ୍ର ଆସନରେ ରେ ବିଜେପି ବିଧାୟକ ବିଜୟୀ ହେବା ପରେ ଏହି ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି। ବିଜେପି ସରକାର ଅମଳରେ ଏକାମ୍ରର ଭିତ୍ତିଭୂମିକୁ ସୁଦୃଢ଼ ଦିଗରେ ରହିଥିବା ସମସ୍ତ ବାଧାବିଘ୍ନ ଦୂର କରାଯିବା ସହ ନୂତନ ପ୍ରକଳ୍ପ ନିର୍ମାଣ କରାଯିବ। ଆଜି

### ସୁଧୁରିବ କପିଳେଶ୍ୱର କୁମ୍ଭାର ସାହି-ସାମନ୍ତରାପୁର ରାସ୍ତା ଟ୍ରାଫିକ ସ୍ଥିତି

ଏକାମ୍ର ନିର୍ବାଚନମଣ୍ଡଳୀର ରାଧାରମଣ କଲୋନୀ-କୁମ୍ଭାର ସାହି ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏହା କହିଛନ୍ତି ବିଧାୟକ ବାବୁ ସିଂ। ପୂର୍ବରୁ ଏଠାକାର ଲୋକେ ଏହି ରାସ୍ତା ର ନିର୍ମାଣ ପାଇଁ ବାରମ୍ବାର ଦାବି କରିଆସୁଥିଲେ। ଏବେ ସେମାନଙ୍କ ଏହି ଦାବି ଖୁବ୍‌ଶୀଘ୍ର ବାସ୍ତବ ରୂପ ନେବ ବୋଲି ଶ୍ରୀ ସିଂ କହିଛନ୍ତି। ଏହି ରାସ୍ତାଟି କାର୍ଯ୍ୟକ୍ଷମ ହେଲେ ଉକ୍ତ ରାସ୍ତାରେ ବର୍ତ୍ତମାନ ଦେଖାଯାଉଥିବା ଟ୍ରାଫିକ୍ ସମସ୍ୟାରେ ନିଶ୍ଚିତ ଭାବେ ସୁଧାର ଆସିବ। କାରଣ ପୁରୁଣା ଭୁବନେଶ୍ୱର, ସାମନ୍ତରାପୁର, ପୁରୀ ଯିବା ପାଇଁ ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବା ବେଳେ ସେମାନେ ଆଲୋଚ୍ୟ ରାସ୍ତାକାମ ଶେଷ ହେବା ପରେ ଗୋଟିଏ ପଟେ ଯିବେ ଓ ଅନ୍ୟପଟେ ଫେରିପାରିବେ।

ଏହି ଅବସରରେ ବିଧାୟକ ଶ୍ରୀ ସିଂ କହିଛନ୍ତି ଯେ ଏକାମ୍ରବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ। ନିର୍ବାଚନୀ ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି। ଅତୀତର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକୁ ବାସ୍ତବ ରୂପ ମିଳିପାରୁନଥିଲା, ଯାହାଦ୍ୱାରା ଏକାମ୍ର ନିର୍ବାଚନମଣ୍ଡଳୀରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। କିନ୍ତୁ ବିଜେପି ସରକାର ଅମଳରେ ଏକାମ୍ର ନିର୍ବାଚନମଣ୍ଡଳୀରେ ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବ ବୋଲି ଶ୍ରୀ ସିଂ କହିଛନ୍ତି। ଏଥିସହ ଏକାମ୍ର ନିର୍ବାଚନମଣ୍ଡଳୀର ବିକାଶକୁ ପ୍ରାଧାନ୍ୟ ଦେଇଥିବାରୁ ଏଥିସକାଶେ ଶ୍ରୀ ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକାମ୍ରବାସୀଙ୍କ ପକ୍ଷରୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ନେତୃତ୍ୱ ସୁରେନ୍ଦ୍ର ପ୍ରଧାନ, ସୁଭାସିନୀ ପୃଷ୍ଟି, ଜୟକୃଷ୍ଣ ମଲ୍ଲିଆ, ସୂର୍ଯ୍ୟକାନ୍ତ ମଲ୍ଲିଆ, ଭବାନୀ ଶଙ୍କର ମଲ୍ଲିଆ, ବରଦା ପଟ୍ଟନାୟକ, ଅଶୋକ ମହାରଣା, ରବି ପ୍ରସାଦ ପଟ୍ଟନାୟକ, ସୁନୀଲ ପ୍ରଧାନ, ଲିଙ୍ଗରାଜ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଆଜିର ସୁନା ଦର

ବର୍ତ୍ତମାନ ଲକ୍ଷେ ମୁହାଁଇଲାଣି ସୁନା ଦର। ବିଶ୍ୱ ବଜାରରେ ଅସ୍ଥିରତା ଏବଂ ଭୂ- ରାଜନୈତିକ ସମସ୍ୟା ମଧରେ ହୁ ହୁ ହୋଇ ବଢିଚାଲିଛି ଦର। ଗୋଲ୍ଡ କିଣିବା ପୂର୍ବରୁ ୧୦୦ ଥର ଚିନ୍ତା କରିବାକୁ ପଡୁଛି। ଆଜି ପୁଣି ସୁନା ଦରରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୮୯ ହଜାର ୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୨ ହଜାର ୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୯ ହଜାର ୭୮୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୨, ୩୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୨,୪୦୦ ଟଙ୍କା ଓ ୮୯,୭୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୨, ୪୫୦ ଟଙ୍କା ଓ ୮୯, ୯୮୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୨,୩୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୯, ୭୮୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୨,୩୦୦ ଓ ୮୯,୭୮୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୧,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଲଞ୍ଚ ହେଲା ୟାମାହା ଏମଟି-୦୩ ଓ ଏମଟି-୨୫

**ନୂଆଦିଲ୍ଲୀ, ୨୨।୩:** ଭାରତୀୟ ବଜାରରେ ଅନେକ ପ୍ରକାରର ବାଇକ୍ ଲଞ୍ଚ ହେଉଛି। ହେଲେ ବର୍ତ୍ତମାନ ୟାମାହା ନିଜର ପପୁଲାର୍ ଷ୍ଟ୍ରିଟ୍ ଫାଇଟର ମୋଟରସାଇକେଲ୍ ଏମଟି-୦୩ ଏବଂ ଏମଟି-୨୫ କୁ ଲଞ୍ଚ କରିଛି। ଉଭୟ ମୋଟରସାଇକେଲକୁ ନୂଆ ଫିଚର୍ସ ଦେବା ସହିତ ଏକ ନୂଆ ଲୁକ୍ ମଧ ଦିଆଯାଇଛି। ଏଥିରେ ନୂଆ ଅପଡେଟଗୁଡିକରେ ସ୍ଲିପ୍-ଏଣ୍ଡ-ଆସିଷ୍ଟ କ୍ଲଚ୍, ସ୍ମାର୍ଟଫୋନ୍ କନେକ୍ଟିଭିଟି ସହିତ ଏଲସିଡି ଇନଷ୍ଟ୍ରୁମେଣ୍ଟ କନସୋଲ୍ ଏବଂ ହାଲୁକା ଡିଜାଇନ୍ ରହିଛି। ତେବେ ଆସନ୍ତୁ ଜାଣିବା ଏହି ଦୁଇଟି ମୋଟରସାଇକେଲର ଡିଟେଲ୍ସ। ୟାମାହା ଏମଟି-୦୩ ର ପ୍ରାଇସ୍ ୩.୫୯ ଲକ୍ଷ ଟଙ୍କା ରଖାଯାଇଥିବାବେଳେ ୟାମାହା ଏମଟି-୨୫ ର ମୂଲ୍ୟ ୩.୩୧ ଲକ୍ଷ ଟଙ୍କା ରହିଛି।

୨୦୨୫ ୟାମାହା ଏମଟି-୦୩ କୁ ପୂର୍ବ ଅପେକ୍ଷା ଅଧିକ ସିକ୍ସ ଏବଂ ଆକର୍ଷଣ ଲୁକ୍ ଦିଆଯାଇଛି। ଏହାର ବଡି ପ୍ୟାନେଲଗୁଡିକୁ ହାଲୁକା ରି-ଡିଜାଇନ୍ କରାଯାଇଛି। ଏଥିରେ ଦିଆଯାଇଥିବା ନୂଆ ଶାର୍ପ ଗ୍ରାଫିକ୍ସ ଏବଂ ଡିଆରଏଲ ଏହାକୁ ସ୍ପୋର୍ଟି ଲୁକ୍ ଦେଇଛି।



ଏଥିରେ ତିନୋଟି କଲର ଅପ୍ସନ ମଧ ରହିଛି ଯାହା ହେଉଛି-ମେଟ ଲାଇଟ ଗ୍ରେ ମେଟାଲିକ, ଡିପ ପରପଲିସ ବ୍ଲୁ ମେଟାଲିକ ଏବଂ ମ୍ୟାଟ ଡାର୍କ ଗ୍ରେ ମେଟାଲିକ ରହିଛି। ଏଥିରେ ୩୨୧CC, ଲିକ୍ୟୁଡ୍-କୋଲ୍ଡ, ଇନଲାଇନ୍-ଟ୍ୟୁନ୍ ସିଲିଣ୍ଡରର ବ୍ୟବହାର କରାଯାଇଛି। ଯାହା ୪୨ ପିଏସର ପାୱାର ଏବଂ ୩୦ ଏମଏମର ଟର୍କ ଜେନେରେଟ୍ କରେ। ଏହାର ଇଞ୍ଜିନଟି ସ୍ଲିପ୍-ଏଣ୍ଡ-ଆସିଷ୍ଟ କ୍ଲଚ୍ ସହିତ ୬-ସ୍ପିଡ୍ ଗିୟରବକ୍ସ ସହିତ ମଧ ଆଡ୍ ହୋଇଛି। ଏହି ମୋଟରସାଇକେଲର ରିଲାୟବିଲିଟି ଏବଂ ଲିନିୟର ପାୱାର ଡେଲିଭରି ପାଇଁ ଜଣାଶୁଣା। ଏଥିରେ ୟାମାହା ୱାଇ-କନେକ୍ଟ ଆପ୍ ମାଧମରେ ସ୍ମାର୍ଟଫୋନ୍ କନେକ୍ଟ ସହିତ ଏକ ଡିଜିଟାଲ୍ ଏଲସିଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଏବଂ ୟୁଏସବି ଟାଇପ୍- ଏ ଚାର୍ଜିଂ ସକେଟ୍ ଦିଆଯାଇଛି।

ୟାମାହା ଏମଟି-୨୫ କୁ ମଧ ଏମଟି-୦୩ ପରି ଷ୍ଟାଇଲିଂ ଅପଡେଟ୍ସ ଦିଆଯାଇଛି। ଏହାର ସିଟ୍, ବଡି ପ୍ୟାନେଲ୍ ଏବଂ ସିକ୍ସ ଡିଆରଏଲଗୁଡିକୁ ରି-ଡିଜାଇନ୍ କରାଯାଇଛି। ଏଥି ସହ ଏମଟି-୦୩ ପରି ସମାନ କଲର ଅପ୍ସନ ମଧ ଦିଆଯାଇଛି। ଏଥିରେ ୨୪୯ ସିସି, ଲିକ୍ୟୁଡ୍-କୋଲ୍ଡ, ଇନଲାଇନ୍-ଟ୍ୟୁନ୍ ସିଲିଣ୍ଡରର ବ୍ୟବହାର କରାଯାଇଛି। ଯାହା ୩୫ ପିଏସର ପାୱାର ଏବଂ ୨୩ ଏନଏମର ଟର୍କ ଜେନେରେଟ୍ କରେ। ଏହାର ଇଞ୍ଜିନଟି ୬-ସ୍ପିଡ୍ ଗିୟରବକ୍ସ ଏବଂ ସ୍ଲିପ୍-ଏଣ୍ଡ-ଆସିଷ୍ଟ କ୍ଲଚ୍ ସହିତ ମଧ ଆଡ୍ ହୋଇଛି।

ହୁଇଲ୍ ଏବଂ ସସପେନସନ୍ : ନୂଆ ୟାମାହା ଏମଟି-୦୩ ଏବଂ ଏମଟି-୨୫ ରେ ୧୭-ଇଞ୍ଚର ଆଲଏ ହୁଇଲ୍ ସହିତ ୧୧୦-ସେକ୍ସନର ଫ୍ରଣ୍ଟ ଏବଂ ୧୪୦-ସେକ୍ସନର ରିୟର ଟ୍ୟୁବଲେସ୍ ଟାୟାର ଦିଆଯାଇଛି। ସସପେନସନରେ ୩୭ମିମି ଇନଭର୍ଟେଡ୍ ଫ୍ରଣ୍ଟ ଫର୍କ ଏବଂ କେୱାଇବି ମନୋଶକ୍ ରହିଛି। ବ୍ରେକିଂ: ଏଥିରେ ଡୁଆଲ୍ ଚ୍ୟାନେଲ୍ ଏବିଏସ ଷ୍ଟାଣ୍ଡାର୍ଡ ଦିଆଯାଇଛି, ଯାହାର ଫ୍ରଣ୍ଟରେ ୨୯୮ ଏମଏମ ଡିସ୍କ ଏବଂ ରିୟରରେ ୨୨୦ ଏମଏମର ଡିସ୍କ ବ୍ରେକ୍ ଅଛି। ଡାଇମେନସନ୍ : ଉଭୟ ମୋଟରସାଇକେଲର ଡାଇମେନସନ୍ ସମାନ। ଉଭୟ ମଧରେ ସାଧାରଣତଃ ସିଟ୍ ହାଇଟ୍ ୭୮୦ ଏମଏମ, ଗ୍ରାଉଣ୍ଡ କ୍ଲିୟରାନ୍ସ ୧୬୦ ଏମଏମ, ୱେଟ୍ ୧୬୬ କେଜି ଏବଂ ୧୪-ଲିଟର ଫ୍ୟୁଏଲ୍ ଟ୍ୟାଙ୍କ୍ ଦିଆଯାଇଛି। ଏହି ଦୁଇଟି ବାଇକକୁ ଜାପାନ୍ ବଜାରରେ ଲଞ୍ଚ କରାଯାଇଛି।

# ବିକ୍ରି ହୋଇଗଲା ନୀଳ ଚଢେଇ

**ସାନ ଫ୍ରାନସିସକୋ, ୨୨।୩:** ଆଜି ମଧ ଅନେକ ଲୋକ ଟ୍ୱିଟରକୁ ତାହାର ପୁରୁଣା ଲୋଗୋ ନୀଳପକ୍ଷୀକୁ ଦେଖି ଚିହ୍ନନ୍ତି। କିନ୍ତୁ ଯେବେଠାରୁ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମକୁ ଏଲୋନ ମସ୍କ ନିଜ ମାଲିକାନାକୁ ନେଇଛନ୍ତି, ସେବେଠାରୁ ସେ ଏଥିରେ ଅନେକ ବଡ଼ ପରିବର୍ତ୍ତନ କରିଛନ୍ତି। ମସ୍କ ଟ୍ୱିଟରର ନାମ ଏବଂ ଲୋକ ଉଭୟକୁ ପରିବର୍ତ୍ତନ କରିଥିଲେ। ଏହାର ନାମ X କୁ ପରିବର୍ତ୍ତନ କରାଯାଇଥିଲା। ଏବେ ଆମେରିକାର ସାନ ଫ୍ରାନସିସକୋ ସ୍ଥିତ ଟ୍ୱିଟର ବା ଏକ୍ସ ମୁଖ୍ୟାଳୟରେ ଲାଗିଥିବା ନୀଳ ପକ୍ଷୀର ଲୋକପ୍ରିୟ ଲୋଗୋଟି ମଧ ନିଲାମ ହୋଇଯାଇଛି। ଏହା ସହିତ ଟ୍ୱିଟରର ଅନ୍ୟନାମ ପାଲଟିଥିବା ଏହି ନୀଳ ପକ୍ଷୀର ଅସ୍ତିତ୍ୱ ଲୋପ ପାଇଛି ।



ନିଲାମ କରିଥିବା କମ୍ପାନୀ ଅନୁସାରେ, ନୀଳ ପକ୍ଷୀଟି ୩୪ ହଜାର ୩୭୫ ଡଲାର (ପ୍ରାୟ ୩୦ ଲକ୍ଷ ଟଙ୍କା) ରେ ନିଲାମ ହୋଇଥିଲା। ବର୍ତ୍ତମାନ ଏହି ପକ୍ଷୀର କ୍ରେତାଙ୍କ ପରିଚୟ ପ୍ରକାଶ କରାଯାଇ ନାହିଁ। ନିଲାମ କରିଥିବା କମ୍ପାନୀ ଅନୁସାରେ, ନୀଳ ପକ୍ଷୀଟି ୩୪ ହଜାର ୩୭୫ ଡଲାର (ପ୍ରାୟ ୩୦ ଲକ୍ଷ ଟଙ୍କା) ରେ ନିଲାମ ହୋଇଥିଲା। ଏହି ନୀଳ ପକ୍ଷୀର ଓଜନ ପ୍ରାୟ ୨୫୪ କିଲୋଗ୍ରାମ। ଏହା ଏକ ୧୨ ଫୁଟ ଲମ୍ବା ଏବଂ ୯ ଫୁଟ ଚଉଡା ମୂର୍ତ୍ତି। ବର୍ତ୍ତମାନ ଏହି ପକ୍ଷୀର କ୍ରେତାଙ୍କ ପରିଚୟ ପ୍ରକାଶ କରାଯାଇ ନାହିଁ।

କେବଳ ନୀଳ ପକ୍ଷୀ ନୁହେଁ, ଏକ ଆପଲ୍-୧ କମ୍ପ୍ୟୁଟର ପ୍ରାୟ ୩.୨୨ କୋଟି ଟଙ୍କା (୩.୭୫ ଲକ୍ଷ ଡଲାର) ରେ ନିଲାମ ହୋଇଥିଲା ଏବଂ ଷ୍ଟିଲ୍ ଜବସ୍ ଦ୍ୱାରା ସ୍ୱାକ୍ଷରିତ ଏକ ଆପଲ୍ ଚେକ୍ ପ୍ରାୟ ୯୬.୩ ଲକ୍ଷ ଟଙ୍କା (୧,୧୨,୦୫୪ ଡଲାର) ରେ ନିଲାମ ହୋଇଥିଲା।

# ପିଆଜ ରପ୍ତାନୀ ଉପରୁ ୨୦ ପ୍ରତିଶତ ଶୁଳ୍କ ପ୍ରତ୍ୟାହାର

**ନୂଆଦିଲ୍ଲୀ,୨୨।୩(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ଆଜି ପିଆଜ ରପ୍ତାନୀ ଉପରୁ ୨୦ ପ୍ରତିଶତ ଶୁଳ୍କ ପ୍ରତ୍ୟାହାର କରିଛନ୍ତି। ଏହି ଛାଡ଼ ଆସନ୍ତା ଏପ୍ରିଲ୍ ପହିଲାରୁ ଲାଗୁ ହେବ। ଉପଭୋକ୍ତା ବ୍ୟାପାର ବିଭାଗର ଯୋଗାଯୋଗ କ୍ରମେ ରାଜସ୍ୱ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି ହୋଇଛି। ଘରୋଇ ଉପଲବ୍ଧତା ସୁନିଶ୍ଚିତ କରିବା ସକାଶେ ସରକାର ଶୁଳ୍କ, ସର୍ବନିମ୍ନ ରପ୍ତାନୀ ମୂଲ୍ୟ (ଏମଇପି) ଓ ଗତ ୨୦୨୩ ଡିସେମ୍ବର ୮ରୁ ୨୦୨୪ ମେ' ୩ ପର୍ଯ୍ୟନ୍ତ ରପ୍ତାନୀ ନିଷେଧାଦେଶ ଜାରି କରିଥିଲେ। ଏହାଛଡ଼ା ଗତ ବର୍ଷ ସେପ୍ଟେମ୍ବର ୧୩ ତାରିଖରେ ରପ୍ତାନୀ ଉପରେ ୨୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଥିଲା। ଏହାକୁ ଆଜି ସରକାର ପ୍ରତ୍ୟାହାର କରିନେଇଛନ୍ତି।




ରପ୍ତାନି ନିଷେଧାଦେଶ ସତ୍ତ୍ୱେ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧୭.୧୭ ଏଲଏମଟି ପିଆଜ ରପ୍ତାନୀ ହୋଇଥିଲା। ସେହିପରି ଚଳିତ ୨୦୨୪-୨୫ (ମାର୍ଚ୍ଚ ୧୮ ପର୍ଯ୍ୟନ୍ତ) ଆର୍ଥିକ ବର୍ଷରେ ଏହା ୧୧.୬୫ ଏଲଏମଟି ହ୍ରାସ ପାଇଛି। ମାସିକ ପିଆଜ ରପ୍ତାନୀ ପରିମାଣ ଗତ ବର୍ଷ ସେପ୍ଟେମ୍ବରରେ ୦.୭୨ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ଗତ ଜାନୁଆରୀରେ ଏହା ୧.୮୫ ଲକ୍ଷ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ଅପେକ୍ଷାକୃତ ଭଲ ରବି ଫସଲ ପରେ ଉଭୟ ମଣ୍ଡି ଓ ଖୁଚୁରା ମୂଲ୍ୟ ହ୍ରାସ ପାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ କୃଷକଙ୍କୁ ପାରିଶ୍ରମିକର ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ସହ ଗ୍ରାହକଙ୍କ ପାଇଁ ପିଆଜର ସୁଲଭତା ବଜାୟ ରଖିବା ନିମନ୍ତେ ସରକାରଙ୍କ ଏହି ନିଷ୍ପତ୍ତି ଫଳପ୍ରଦ ସାବ୍ୟସ୍ତ ହେବ। ଯଦିଓ ଏବେ ମଣ୍ଡି ମୂଲ୍ୟ ପୂର୍ବ ବର୍ଷର ସ୍ତରଠାରୁ ଅଧିକ ରହିଛି, ତଥାପି ସର୍ବଭାରତୀୟ ସ୍ତରରେ ହାରାହାରି ମଡେଲ ମୂଲ୍ୟ ୩୯ ପ୍ରତିଶତ ହ୍ରାସ ପାଇଛି। ଏହାଛଡ଼ା ଗତ ମାସେ ମଧ୍ୟରେ ସର୍ବଭାରତୀୟ ହାରାହାରି ଖୁଚୁରା ମୂଲ୍ୟ ୧୦ ପ୍ରତିଶତ ହ୍ରାସ ପାଇଛି।
କୃଷି ଏବଂ କୃଷକ କଲ୍ୟାଣ ବିଭାଗର ଆକଳନ ଅନୁଯାୟୀ ଚଳିତ ବର୍ଷ ରବି ଉତ୍ପାଦନ ୨୨୭ ଲକ୍ଷ ମେଟ୍ରିକ୍ ଟନ୍ ରହିଛି, ଯାହାକି ଗତବର୍ଷ ୧୯୨ ଏଲଏମଟି ତୁଳନାରେ ୧୮ ପ୍ରତିଶତ ଅଧିକ। ଦେଶର ମୋଟ ପିଆଜ ଉତ୍ପାଦନରେ ରବି ପିଆଜର ଯୋଗଦାନ ୭୦ରୁ ୭୫ ପ୍ରତିଶତ, ଯାହା ଅକ୍ଟୋବର/ନଭେମ୍ବରରୁ ଖରିଫ ଫସଲ ଆସିବା ପର୍ଯ୍ୟନ୍ତ ସାମଗ୍ରିକ ଉପଲବ୍ଧତା ଓ ମୂଲ୍ୟ ସ୍ଥିରତା ପାଇଁ ଗୁରୁତ୍ୱପୂର୍ଣ୍ଣ। ଉଦୀୟମାନ ଉତ୍ପାଦନ ଓ ମୂଲ୍ୟ ପରିଦୃଶ୍ୟ ଦେଶ ପାଇଁ ଏକ ଆଶ୍ୱସ୍ତି ଆଣିଛି। କାରଣ ଏହାକୁ ଗତ ୨୦୨୩ ଅଗଷ୍ଟରୁ କମ୍ ଘରୋଇ ଉତ୍ପାଦନ ଓ ଉଚ୍ଚ ଅନ୍ତର୍ଜାତୀୟ ମୂଲ୍ୟର ଦ୍ୱୈତ ଆହ୍ୱାନ ସହ ମୁକାବିଲା କରିବାକୁ ପଡ଼ିବ।

# କୋଟକର ଛୋଟ ଏସଆଇପିରେ ନିବେଶର ସୁଯୋଗ

## ୨୫୦ ଟଙ୍କାରୁ ହିଁ କରିପାରିବେ ଆରମ୍ଭ

**ନୂଆଦିଲ୍ଲୀ, ୨୨।୩:** ଯଦି ଆପଣ ସିଷ୍ଟେମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସଆଇପି)ରେ ନିବେଶ କରିବାକୁ ପ୍ଲାନ କରିଛନ୍ତି ତ, ଏହି ଖବର ଆପଣଙ୍କ ପାଇଁ ନିହାତି ଜରୁରୀ। କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍ (କେଏମଏଏମସି) 'ଛୋଟ ଏସଆଇପି' ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ଏହା କୋଟକ ମହିନ୍ଦ୍ରା ମ୍ୟୁଚୁଆଲ ଫଣ୍ଡର ସବୁ ଯୋଗ୍ୟ ସ୍କିମ୍ ପାଇଁ ଉପଲବ୍ଧ ହେବ। ଏହି ପଦକ୍ଷେପ ସହ କୋଟକ ମ୍ୟୁଚୁଆଲ ଫଣ୍ଡ ଭାରତୀୟ ନିବେଶକଙ୍କୁ ଏକ ସହଜ ଓ ସୁଲଭ ଇନଭେଷ୍ଟମେଣ୍ଟ ଅପସନ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ସେବି ଓ ଏଏମଏଫଆଇ ଦ୍ୱାରା ନିକଟରେ ଆରମ୍ଭ କରାଯାଇ ଥିବା ଛୋଟ ସିପ୍ (ସ୍ମଲ୍ ଟିକେଟ୍ ଏସଆଇପି)ର ଆରମ୍ଭ ସହ ଏହି ପଦକ୍ଷେପ ଆହୁରି ପ୍ରମୁଖ ହୋଇ ଯାଏ। କୋଟକ ମହିନ୍ଦ୍ରା ଆସେଟ୍ ମାନେଜମେଣ୍ଟ କମ୍ପାନୀ ଲିମିଟେଡ୍‌ର ମାନେଜିଂ ଡାଇରେକ୍ଟର ନିଲେଶ ଶାହ କହିଛନ୍ତି—ଭାରତର ମୋଟ ଜନସଂଖ୍ୟା ମଧରୁ କେବଳ ୫.୪ କୋଟି ୟୁନିକ୍ ଇନଭେଷ୍ଟର ହିଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିଥା'ନ୍ତି , ଯେଉଁଥିରୁ ଦେଶରେ ମ୍ୟୁଚୁଆଲ ଫଣ୍ଡର ବ୍ୟାପକ ବିସ୍ତାରର ବଡ଼ ସମ୍ଭାବନା ଅଛି। ଛୋଟ ସିପ୍ ଅନୁସାରେ, କେହି ବି ନୂଆ ନିବେଶକ କେବଳ ୨୫୦ ଟଙ୍କାର ସର୍ବନିମ୍ନ ରାଶିରୁ ନିବେଶ ଆରମ୍ଭ କରି ପାରିବେ।

## ସରକାରଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ୧୭ଲକ୍ଷ ହ୍ୱାଟସଆପ ଆକାଉଣ୍ଟ ବ୍ଲକ୍

**ନୂଆଦିଲ୍ଲୀ,୨୨।୩:** ଟେଲିକମ ଠକେଇର ମୁକାବିଲା କରିବା ପାଇଁ ଭାରତ ସରକାର ଶୁକ୍ରବାର କହିଛନ୍ତି ଯେ, ସଞ୍ଚାର ସାଥୀ ପୋର୍ଟାଲ ମାଧମରେ ଏପର୍ଯ୍ୟନ୍ତ ୩.୪ କୋଟିରୁ ଅଧିକ ମୋବାଇଲ ଫୋନ କନେକ୍ସନ କଟାଯାଇଛି। ଏଥିସହ ୩.୧୯ ଲକ୍ଷ ଆଇଏମଇଆଇ ନମ୍ବରକୁ ବ୍ଲକ କରାଯାଇଛି। ଦୂରସଂଚାର ବିଭାଗ (ଡିଓଟି) କହିଛି ଯେ ଏଆଇ ଏବଂ ବଡ଼ ଡାଟା ସାହାଯ୍ୟରେ ଏହା ୧୬.୯୭ ଲକ୍ଷ ହ୍ୱାଟସ୍‌ଅପ ଆକାଉଣ୍ଟକୁ ବ୍ଲକ କରାଯାଇଛି।



ଯୋଗାଯୋଗ ଏବଂ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ପେମାସାନି ଚନ୍ଦ୍ରଶେଖର ରାଜ୍ୟ ସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ ଦୂରସଂଚାର ବିଭାଗର ସଞ୍ଚାର ସାଥୀ ପଦକ୍ଷେପ ଅଧୀନରେ ୨୦,୦୦୦ରୁ ଅଧିକ ଏସଏମଏସ ପ୍ରେରକଙ୍କୁ ମଧ କଳା ତାଲିକାଭୁକ୍ତ କରାଯାଇଛି। ସଞ୍ଚାର ସାଥୀ ପୋର୍ଟାଲ ମାଧମରେ, ସରକାର ନାଗରିକମାନଙ୍କୁ ଚକ୍ଷୁ ସୁବିଧା ଉପରେ ସନ୍ଦିଗ୍ଧ ପ୍ରତାରଣାମୂଳକ ଯୋଗାଯୋଗ ରିପୋର୍ଟ କରିବାର ସୁବିଧା ପ୍ରଦାନ କରନ୍ତି। ସେ କହିଛନ୍ତି ଯେ ଡିଓଟି ଅନେକ ବିଶ୍ଳେଷଣ କରେ ଏବଂ ଅପବ୍ୟବହାର ହୋଇଥିବା ଟେଲିକମ ସମ୍ବଳ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ।

ରାଷ୍ଟ୍ରମନ୍ତ୍ରୀ ଏହା ମଧ ସୂଚନା ଦେଇଛନ୍ତି ଯେ ବ୍ୟକ୍ତିଗତ ଭାବରେ ରିପୋର୍ଟ ହୋଇଥିବା ସନ୍ଦିଗ୍ଧ ଠକେଇ ଯୋଗାଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ, ଦୂରସଂଚାର ବିଭାଗ ଦୂରସଂଚାର ସମ୍ବଳର ଅପବ୍ୟବହାର ବିଶ୍ଳେଷଣ ଏବଂ ଧ୍ୟାନ କେନ୍ଦ୍ରିତ କରିବା ପାଇଁ କ୍ରାଉଡସୋର୍ସଡ ଡାଟା ବ୍ୟବହାର କରେ। ନକଲି ଡକ୍ୟୁମେଣ୍ଟ ବ୍ୟବହାର କରି ମିଳିଥିବା ସନ୍ଦିଗ୍ଧ ମୋବାଇଲ ସଂଯୋଗକୁ ଚିହ୍ନଟ କରିବା ପାଇଁ ବିଭାଗ ଏଆଇ-ଆଧାରିତ ଉପକରଣ ଏବଂ ବଡ଼ ତଥ୍ୟ ବିଶ୍ଳେଷଣ ବ୍ୟବହାର କରେ। ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଟେଲିକମ ସେବା ପ୍ରଦାନକାରୀମାନେ ୧୧୫୦ ସଂସ୍ଥା/ବ୍ୟକ୍ତିଙ୍କୁ କଳାତାଲିକାଭୁକ୍ତ କରିଛନ୍ତି ଏବଂ ୧୮.୮ ଲକ୍ଷରୁ ଅଧିକ ସମ୍ବଳ ବିଚ୍ଛିନ୍ନ କରିଛନ୍ତି। ଏହି କାର୍ଯ୍ୟଗୁଡ଼ିକ ଯୋଗୁଁ, ଅଣପଞ୍ଜିକୃତ ଟେଲିମାର୍କେଟର (ୟୁଟିଏମ) ବିରୁଦ୍ଧରେ ଅଭିଯୋଗ ହ୍ରାସ ପାଇଛି। ଅଗଷ୍ଟ ୨୦୨୪ରେ ୧,୮୯,୪୧୯ ଟଙ୍କାରୁ ଜାନୁଆରୀ ୨୦୨୫ରେ ୧,୩୪,୮୨୧ ଟଙ୍କାକୁ ବୃଦ୍ଧି ପାଇଛି।

# କ୍ରମ୍ପଟନର ସ୍ଲିମ୍‌ଓ-ଅଲଟ୍ରା-ସ୍ଲିକ୍ ଆକର୍ଷଣର ଶୁଭାରମ୍ଭ

**ମୁମ୍ବାଇ, ୨୨।୩:** ପାରମ୍ପରିକ ଡ଼େକୋରେଟିଭ ଉଚ୍ଚମାନ ଆଲୋକ ବ୍ୟବସ୍ଥାର ଏକ ନୂତନ ସମ୍ଭାରକୁ ପ୍ରଦାନ କରିବାକୁ ଯାଇ କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ ଲିମିଟେଡ଼୍,ଏହାର ବ୍ୟାଟେନ ଲାଇଟିଙ୍ଗ ପୋର୍ଟଫୋଲିଓରେ ସମ୍ଭାରକୁ ଅଧିକ ବିସ୍ତାରିତ କରିବାକୁ ଯାଇ ଦୁଇଟି ନୂତନ ସାମଗ୍ରୀର ଶୁଭାରମ୍ଭ କରିଛି – ଇନଫାଇନିଆ ୨୪ୱାଟର ଏକ ଅନନ୍ୟ ଅପ୍ରତ୍ୟକ୍ଷ ଆଲୋକ ସାମଗ୍ରୀର ଡ଼ିଜାଇନ ସହିତ ପ୍ରିଷଟେକ୍ ଜ୍ଞାନକୌଶଳ। ଏହି ଇନଫାଇନିଆ ୨୪ୱାଟ ଏକ ଅନନ୍ୟ ଡ଼ିଜାଇନ ସହିତ ଡ଼େକୋରେଟିଭ ଶେଷ ସ୍ପର୍ଶସମସ୍ତଙ୍କ ପାଇଁ ଉଜ୍ଜ୍ୱଳତମ ପାରମ୍ପରିକ ପ୍ରଦର୍ଶନର ଏକ ଆକର୍ଷଣ ଆଣିପାରିଛି।







ଏଥି ସହିତ ସ୍ଲିମଓ ୨୦ୱାଟ – ୧୫ ପ୍ରତିଶତ ସ୍ଲିମ ବ୍ୟାଟେନ ଯୁକ୍ତ ଡ଼େକୋରେଟିଭ ଶେଷ ସ୍ପର୍ଶ ଯାହାକି ଆଧୁନିକ ଜୀବନ ଧାରଣାର ଅବସ୍ଥିତିକୁ ଅଧିକ ଅଭିନନ୍ଦନୀୟ କରିପାରିଛି। ଏହି ଏଲଇଡ଼ି ଆଲୋକ ବ୍ୟବସ୍ଥା ଆଧୁନିକତମ ଆଲୋକିତ ଜ୍ଞାନକୌଶଳର ମିଶ୍ରଣ ସହିତ ପାରମ୍ପରିକ ସ୍ଲିକ୍‌କୁ ନେଇ ଆସିଅଛି ଯାହାକି ଉଭୟ ଘରୋଇ ତଥା କାର୍ଯ୍ୟାଳୟର ସଠିକ୍ ଅଭିଳାଷାର ସୃଜନଶୀଳତାକୁ ଆଣିପାରିଛି। ଡ଼େକୋରେଟିଭ ଆହୁରି ଅଧିକ ବୃଦ୍ଧି କରିବା ଦ୍ୱାରା ଏହି ନୂତନ ଆଲୋକର ଫିକ୍ସଚର ଗୁଡ଼ିକ କେବଳ ସେହି ସ୍ଥାନଗୁଡ଼ିକୁ ଉଜ୍ୱଳ କରିପାରିଛି ତାହା ନୁହେଁ ଏହା ସମସାମୟିକ ଅତ୍ୟାଧୁନିକତାର ସ୍ପର୍ଶକୁ ମଧ ପ୍ରଦାନ କରିପାରିଛି। ଇଣ୍ଟେରିଅର ପ୍ରଣାଳୀର ପରିବର୍ତ୍ତନ ପାଇଁଏହା ଆଦର୍ଶ ହୋଇଥିବାବେଳେ ଏହି ଆଲୋକ ପ୍ରଣାଳୀର କାର୍ଯ୍ୟଧାରାଗୁଡ଼ିକ ନିରବଚ୍ଛିନ୍ନ ଭାବରେ ଆନନ୍ଦ ପ୍ରଦାନ କରିବା ସହିତ ଏହା ମଧ ଘର ତଥା ଅଫିସର ଶୋଭାବର୍ଦ୍ଧନ କରିବା ସହିତ ପାରିପାର୍ଶ୍ୱିକ ପରିବେଶକୁ ମଧ ଦୃଶ୍ୟମାନ ଭାବରେ ଧରିରଖିପାରିଛି।

କମ୍ପାନୀର ବ୍ୟାଟେନ ଆଲୋକ ବ୍ୟବସ୍ଥା ସମ୍ଭାରର ଏହି ନୂତନ ମଡ଼େଲର ଯୋଗଦାନ ଅବସରରେ ଶାଳୀନ ନାୟକ, ଉପସଭାପତି ଏବଂ ବିଜିନେଓ ହେଡ଼ ଲାଇଟିଙ୍ଗ, କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ ଲି଼ଃ. ଏଥିରେ ସାମିଲ ହୋଇ ମତବ୍ୟକ୍ତ କରି କହିଛନ୍ତି, "କ୍ରମ୍ପଟନରେ ଆମେ ଆଲୋକ ବ୍ୟବସ୍ଥାକୁ ଉଜ୍ୱଳତମ ତଥା ଏକ ପ୍ରମୁଖ ଉପାଦାନ ଭାବରେ ଘର ତଥା କାର୍ଯ୍ୟାଳୟ ଗୁଡ଼ିକର ଡ଼େକୋରେସନ ଏବଂ ଡ଼ିଜାଇନ ତଥା ବ୍ୟବହାରକାରୀ ମାନଙ୍କର ବ୍ୟକ୍ତିଗତ ପସନ୍ଦ ତଥା ଅଭିଜ୍ଞତାକୁ ସମ୍ପୂର୍ଣ୍ଣଭାବରେ ପ୍ରାଧାନ୍ୟ ଦେବା ସହିତ ଏସବୁକୁ ଅନୁମୋଦିତ କରିଛୁ। ଇନଫାଇନିଆ ୨୪ୱାଟ ତଥା ସ୍ଲିକ୍‌ସ୍ଲିମଓ ୨୦ୱାଟ ମଡ଼େଲର ବ୍ୟାଟେନ ସମ୍ଭାରରେ ଯୋଗଦାନ ସହିତ ଆମେ ଏକ ପରିବର୍ତ୍ତନର ଧାରାକୁ ଆଲୋକ ବ୍ୟବସ୍ଥା କ୍ଷେତ୍ରରେ ଉପସ୍ଥାପନ କରିପାରିଛୁ। ଇନଫାଇନିଆ ୨୪ୱାଟ କେବଳ ଏକ ଉଚ୍ଚମାନର ଆଲୋକ ପ୍ରଦାନ କରିଥାଏ ତାହା ନୁହେଁ ଏହା ମଧ ଏକ ଚମକ-ମୁକ୍ତ ଆରାମଦାୟକ ପରିବେଶ ପ୍ରଦାନ କରିଥାଏ। ପ୍ରତ୍ୟେକ ବାସଗୃହର ଅଭିଳାଷାକୁ ନେଇ ଡ଼ିଜାଇନର ଏହି ଷ୍ଟାଇଲିଷ୍ଟ ତଥା ଦକ୍ଷ ଆଲୋକମାଳାର ବିକଳ୍ପ ପ୍ରତ୍ୟେକସ୍ଥାନର ଉନ୍ନତ ଉତ୍କୃଷ୍ଟ ଆଲୋକ ସଜ୍ଜିକରଣକୁ ଦ୍ୱିଗୁଣିତ କରିଥାଏ ସେ ଘର ହେଉ ଅଥବା କାର୍ଯ୍ୟାଳୟହେଉ ଏକ ଶୋଭାବର୍ଦ୍ଧନକାରୀ କାର୍ଯ୍ୟଦକ୍ଷତାକୁ ସୁନିଶ୍ଚିତ କରିବାସହିତ।" ଇନଫାଇନିଆବ୍ୟା ଟେନର ମୂଲ୍ୟ ୯୭୫ ଟଙ୍କା ଥିବାବେଳେ ସେହିଭଳି ସ୍ଲିମଓର ମୂଲ୍ୟ ୯୦୦ ଟଙ୍କା ରହିଛି।

# ନାରୀ



# ସାମନ୍ଥାଙ୍କ ବିପଜ୍ଜନକ ଉପଦେଶ !

କିଛି ଦିନ ତଳେ ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ତାଙ୍କର ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ଏକ ବିପଜ୍ଜନକ ଚିକିତ୍ସା ପଦ୍ଧତି ଅନୁସରଣ କରିବାକୁ ଉପଦେଶ ଦେଇଥିଲେ। ତେବେ ଏବି ଫିଲିପ୍ ନାମକ ଜଣେ ଡାକ୍ତର ସାମନ୍ଥାଙ୍କ ଏହି ଉପଦେଶକୁ ବିପଜ୍ଜନକ ବୋଲି ପ୍ରକାଶ କରିବା ସହିତ ତାଙ୍କୁ 'ସ୍ୱାସ୍ଥ୍ୟ ଓ ବିଜ୍ଞାନ ଅଜ୍ଞ' ବୋଲି ଅଭିହିତ କରିଥିଲେ। ଏ ବିଷୟଟି ଜନସ୍ୱାସ୍ଥ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାକୁ ନେଇ ଏ ପର୍ଯ୍ୟନ୍ତ ବିତର୍କ ଜାରି ରହିଛି। ପ୍ରକୃତରେ ସାମନ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ 'ହାଇଡ୍ରୋଜେନ୍ ପେରୋକ୍ସାଇଡ୍ ନେବ୍ୟୁଲାଇଜେସନ୍' ନାମକ ବିପଜ୍ଜନକ ଚିକିତ୍ସା ପଦ୍ଧତିର ଲାଭ ସମ୍ପର୍କରେ ଉଲ୍ଲେଖ କରିଥିଲେ। କିନ୍ତୁ ଡାକ୍ତର ଏବି ଫିଲିପ୍‌ଙ୍କ କହିବା ଅନୁସାରେ ଏହି ପ୍ରକ୍ରିୟା ବିପଜ୍ଜନକ ଏବଂ ସାମନ୍ଥାଙ୍କ ଉପଦେଶ ଭୁଲ୍ ସୂଚନା ପ୍ରସାରଣ କରୁଛି ; ତେଣୁ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ତାଙ୍କୁ ଜେଲ୍ ଦଣ୍ଡ ହେବା ଆବଶ୍ୟକ। ଡାକ୍ତର ଏବିଙ୍କ ସମାଲୋଚନା ଏତେ ଚର୍ଚ୍ଚିତ ହୋଇଥିଲା ଯେ ସାମନ୍ଥାଙ୍କୁ ଶେଷରେ ସ୍ପଷ୍ଟୀକରଣ ଦେବାକୁ ପଡ଼ିଲା। ସ୍ପଷ୍ଟୀକରଣରେ ସେ ଲେଖିଛନ୍ତି ଯେ ସେ ଜଣେ ଡାକ୍ତର ନୁହନ୍ତି କିନ୍ତୁ ଭଲ ଉଦ୍ଦେଶ୍ୟ ରଖି ଉକ୍ତ ଉପଦେଶ ଦେଇଥିଲେ। ସେହି ଚିକିତ୍ସା ପଦ୍ଧତିର ପ୍ରଚାର ପାଇଁ ସେ କୌଣସି ଅର୍ଥ ନେଇନାହାନ୍ତି। ଆଗକୁ ସେ ଅଧିକ ସତର୍କ ରହିବେ, କାହାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନଥିଲା।



# ଶଶୀ, କଳ୍ପନା ଓ ଉମାଙ୍କ ଉଡ଼ାଣ...




ଗ୍ରାମୀଣ ଭାରତର ଗୃହିଣୀ ମହିଳାମାନେ ଯେ ସ୍ୱାସ୍ଥ୍ୟକର ଓ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି କେବଳ ପରିବାର ଲୋକଙ୍କୁ ଖୁଆନ୍ତି ତା' ନୁହେଁ, ସେମାନେ ଚାହିଲେ ରୋଷେଇଘରୁ ବାହାରି ସାରା ବିଶ୍ୱକୁ ନିଜ ହାତ ତିଆରି ଆଚାର, ଚଟଣୀ ଓ ମସଲା ଲୁଣ ଚଖାଇପାରନ୍ତି...

## ଝାଜୀ ଷ୍ଟୋର୍

ବିହାରର ଦରଭଙ୍ଗାରେ ରହୁଥିବା କଳ୍ପନା ଝା' ତାଙ୍କ ପତିଙ୍କୁ ଝାଜୀ ବୋଲି ଆଦର ଓ ସମ୍ମାନରେ ସମ୍ବୋଧନ କରନ୍ତି। ଏଣୁ ଯେତେବେଳେ ନିଜ ନଣନ୍ଦ ଉମାଙ୍କୁ ସାଥୀରେ ନେଇ ଘରୋଇ ଉଦ୍ୟମରେ ଆଚାର ବ୍ୟବସାୟ କରିବାକୁ ମନ ବଳାଇଲେ ସେତେବେଳେ ସିଏ ମିଥିଳାଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା 'ଝା' ସହିତ 'ଜୀ' କୁ ମିଶାଇ 'ଝାଜୀ ଷ୍ଟୋର' ଆରମ୍ଭ କଲେ। ତେବେ ତାଙ୍କର ବିଶେଷତା ହେଉଛି କୌଣସି ରାସାୟନିକ ସଂରକ୍ଷଣକାରୀ ଉପାଦନ, କୃତ୍ରିମ ରଙ୍ଗ ଇତ୍ୟାଦି ବ୍ୟବହାର ନ କରି ନିତିଦିନିଆ ତେଲ ମସଲାରେ ଖରାରେ ଶୁଖାଇ ଘରୋଇ ପ୍ରଣାଳୀରେ ମିଥିଳାର ପାରମ୍ପରିକ ସ୍ୱାଦର ଆଚାର ସାରା ବିଶ୍ୱକୁ ଚଖାଇବା।

କଳ୍ପନା ମୁଖ୍ୟତଃ ବିହାରର ସମସ୍ତିପୁରା, ମୁଜାଫରପୁରର ଗ୍ରାମୀଣ ଛୋଟ ଚାଷୀଙ୍କଠାରୁ ଆଚାର ପାଇଁ ମସଲା ଓ କଞ୍ଚାମାଲ ସଂଗ୍ରହ କରନ୍ତି। ସେଥିପାଇଁ ତାଙ୍କ ଆଚାର ଆଜି ସାରା ଭାରତର ବିଭିନ୍ନ ରାଜ୍ୟ ସହ ନୂଆଦିଲ୍ଲୀରୁ ନ୍ୟୁୟର୍କ ପହଞ୍ଚି ପାରିଛି। ୨୦୨୦ ମସିହାରେ ଆରମ୍ଭ ହୋଇଥିବା ତାଙ୍କର ଅନ୍‌ଲାଇନ୍ ଷ୍ଟୋର୍ ଗତ ଛ'ମାସରେ ୩୫ ଲକ୍ଷ ଟଙ୍କାର ବ୍ୟବସାୟ କରିଛି ଏବଂ ୫ ହଜାରରୁ ଅଧିକ ସନ୍ତୁଷ୍ଟ ଗ୍ରାହକ ତାଙ୍କୁ ୫ ତାରକା ରିଭ୍ୟୁ ଦେଇଛନ୍ତି। ଇତିମଧ୍ୟରେ ଝାଜୀ ପ୍ରସ୍ତୁତ ଆଚାର, ଚଟଣି, ବିଭିନ୍ନ ପ୍ରକାର ମସଲାଗୁଣ୍ଡ, ମଖ୍‌ନା, କ୍ଷୀର୍ ମିକ୍ସ୍ ସଭିଙ୍କ ପ୍ରିୟ ହୋଇପାରିଛି। ତେବେ ସାର୍କଟ୍ୟାଙ୍କ୍ ଇଣ୍ଡିଆକୁ ଆସିଲା ପରେ ଏହା ଅଧିକ ଦୃଷ୍ଟି ଆକର୍ଷଣ କରିଛି। ଆହୁରି ଖୁସିର କଥା ନିଜ ବ୍ୟବସାୟର ଦୁଇ ପ୍ରତିଶତ ଅର୍ଥ ଝାଜୀ ବାଳିକା ଶିକ୍ଷା ଲାଗି ବ୍ୟୟ କରିବାପାଇଁ ଅଙ୍ଗୀକାରବଦ୍ଧ। ନିଜ ରୋଷେଇ ଘରର ମସଲା ମିଶାଇ ଘର ଅଗଣାରେ ଆଚାର ଶୁଖାଇ ପରିବାର ସଦସ୍ୟଙ୍କ ବାହାବା ପାଉଥିବା ନାରୀଟିଏ ଚାହିଲେ ଆକାଶ ଛୁଇଁପାରେ ଝାଜୀ ଷ୍ଟୋର୍‌ର ମାଲିକାଣୀ କଳ୍ପନା ଓ ଉମା ତା'ର ଉଜ୍ଜ୍ୱଳ ଦୃଷ୍ଟାନ୍ତ।



## ନମକ୍ ୱାଲି

ନମକ୍ ୱାଲି କହିଲେ ଲୁଣ ଧରିଥିବା ଜଣେ ମହିଳାଙ୍କୁ ବୁଝାଏ। ହଁ, ସେହି ଲୁଣ ଧରିଥିବା ମହିଳା ହେଉଛନ୍ତି ଶଶୀ ବହୁଗୁଣା ରାତୁରି। ଉତ୍ତରାଖଣ୍ଡ ବାସିନ୍ଦା ଶଶୀ ହିମାଳୟାନ୍ ପର୍ବତମାଳାରେ ମିଳୁଥିବା ରଙ୍ଗବେରଙ୍ଗୀ ପାହାଡ଼ୀ ଲୁଣରେ ନିଜର ସର୍ଜନାତ୍ମକତା ମିଶେଇ ପାରମ୍ପରିକ ଲୁଣକୁ ଏକ ନୂଆ ପରିଚୟ ଦେଇଛନ୍ତି। ଶିଳରେ ବଟା ହେଉଥିବା ଲୁଣ ସହିତ ବିଭିନ୍ନ ମସଲା ଓ ଜଡ଼ିବୁଟି ମିଶାଇ ତାକୁ ସ୍ୱତନ୍ତ୍ର ଭାବରେ ସୁଗନ୍ଧିତ କରି ସେ ବିକ୍ରି କରନ୍ତି। ରସୁଣ, ଧନିଆ, କଞ୍ଚାଲଙ୍କା, ଅଦା, ଫାରାନ, ହିଙ୍ଗୁ ବିଭିନ୍ନ ଚେରମୂଳୀ ଇତ୍ୟାଦିର ବାସ୍ନା ଥାଏ ନମକ୍‌ୱାଲିର ଲୁଣରେ। ଏହାକୁ ସେ 'ପିଶ୍‌ଉ ଲୁଣ' ବା 'ପେଶା ଲୁଣ' ଭାବରେ ପରିଚିତ କରାନ୍ତି। ପାହାଡ଼ୀ ଲୁଣରେ ଆବଶ୍ୟକ ମିନେରାଲ୍ ଯେମିତିକି ସୋଡିୟମ୍ କ୍ଲୋରାଇଡ୍, କ୍ୟାଲ୍‌ସିୟମ୍ ଓ ମ୍ୟାଗ୍ନେସିୟମ୍ ଥାଏ ଆଉ ଏହି ବାସ୍ନାଲୁଣ ଆଣ୍ଟି ଅକ୍ସିଡାଣ୍ଟରେ ସମୃଦ୍ଧ ହେବାସହ ଇମ୍ୟୁନିଟି, ହଜମଶକ୍ତି, ମେଟାବଲିଜିମ୍ ବଢ଼ାଇବା ସହ ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟ ଭଲ ରଖେ। ଏହା ଓଜନ ନିୟନ୍ତ୍ରଣରେ ମଧ ସାହାଯ୍ୟ କରେ। ଏହାକୁ ସାଲାଡ୍, କଟାଫଳ, ଜୁସ୍, ଦହି, ରାଇତା, ସୁପ୍, ସ୍ନାକ୍ସ୍ ବା ବିଭିନ୍ନ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରିପାରିବେ। ତେବେ ନମକ୍‌ୱାଲି ଅର୍ଗାନିକ୍ ପାହାଡ଼ୀ ହଳଦୀଗୁଣ୍ଡ, ଘିଅ, ମସଲା ଓ ଚଟଣି ପାଉଡର୍ ଇତ୍ୟାଦି ମଧ ବିକ୍ରି କରୁଛନ୍ତି। ୨୦୧୭ ମସିହାରେ ଆରମ୍ଭ ହୋଇଥିବା ଏହି କମ୍ପାନିର ବ୍ୟବସାୟ ଗତ ୨୩/୨୪ ଆର୍ଥିକ ବର୍ଷରେ ୩୮ ଲକ୍ଷ ଛୁଇଁଛି। କମ୍ପାନିର ମୂଲ୍ୟ ଦଶକୋଟି ଟଙ୍କା ହେଲାଣି। ଏଥିରେ 'କାର୍ ଦେଖୋ'ର ଅନ୍ୟତମ ପ୍ରତିଷ୍ଠାତା ଅମିତ୍ ଜୈନ୍ ନିବେଶ କରିଛନ୍ତି। ସାର୍କ ଟ୍ୟାଙ୍କ୍ ମଧ ଏହାକୁ ନିଜ ବ୍ରାଣ୍ଡ୍ ଲୁଣ ଭାବରେ ଗ୍ରହଣ କରିଛି। ଶଶି ବହୁଗୁଣା ଡେରାଡୁନ୍‌ର 'ମହିଳା ନବ ଜାଗରଣ' ସ୍ୱେଚ୍ଛାସେବୀ ସଂସ୍ଥା ସହ ମିଶି ଏବେ ଦେଶ ବାହାରେ ନିଜର ସ୍ୱତନ୍ତ୍ର ସ୍ୱାଦକୁ ପହଞ୍ଚାଇବା ଲକ୍ଷ୍ୟରେ ଆଗେଇ ଚାଲିଛନ୍ତି।

# ଚିତ୍ରାଙ୍ଗଦାଙ୍କ ଚମକ

ପ୍ରାୟ ପ୍ରତ୍ୟେକ ଅଭିନେତ୍ରୀ ପରଦାରେ ଅଭିନୟ ବେଳେ ଦର୍ଶକଙ୍କ ପ୍ରିୟ ରହନ୍ତି। ସମୟ ଚକ୍ରରେ ପଡ଼ି କିଛି ପରଦା ଆଗରୁ ଦୂରେଇ ଯାଆନ୍ତି ତ କିଛି ଦର୍ଶକଙ୍କ ପ୍ରିୟଭାଜନ ହୋଇନପାରି ପରଦା ପଛରେ ରହିଯା'ନ୍ତି ; ଆଉକିଛି ନିଜ ଇଚ୍ଛାରେ ବା ପରିବାର ଚାପରେ ନିଜକୁ ପରଦା ପଛରେ ରଖନ୍ତି। ସେମିତି ଜଣେ ଅଭିନେତ୍ରୀ ହେଲେ ଚିତ୍ରାଙ୍ଗଦା ସିଂହ। ମଡେଲିଂରୁ କ୍ୟାରିୟର୍‌ର ଆରମ୍ଭ କରିଥିବା ଚିତ୍ରା ଏବେ ପୁଣିଥରେ ମଡେଲିଂକୁ ଫେରିଛନ୍ତି।

ଚିତ୍ରାଙ୍ଗଦା ରାଜସ୍ଥାନର ଯୋଧପୁର ସହରରେ ଜନ୍ମ ହୋଇଥିଲେ। ସେ ନୂଆଦିଲ୍ଲୀର ଲେଡି ଇରୱିନ୍ କଲେଜରୁ ଗୃହ ବିଜ୍ଞାନରେ ସ୍ନାତକ ସମାପ୍ତ କରିଥିଲେ। ସେ ଅପରାଧ ନାଟକ 'ହାଜାରୋଁ ଖ୍ୱାହିସେ ଐସି' (୨୦୦୫) ମାଧମରେ ଅଭିନୟ ଜଗତରେ ପାଦ ରଖିଥିଲେ। ଚିତ୍ରାଙ୍ଗଦା 'ୟେ ସାଲି ଜିନ୍ଦେଗୀ', 'ଦେଶୀ ବଏଜ୍', 'ବବ୍ ବିଶ୍ୱାସ', 'ଗ୍ୟାସ୍‌ଲାଇଟ୍'ରେ ଅଭିନୟ କରିଥିଲେ। ଚିତ୍ରାଙ୍ଗଦା ସ୍ପୋର୍ଟସ୍ ଡ୍ରାମା 'ସୁରମା' (୨୦୧୮)ର ପ୍ରଯୋଜନା ଏବଂ ରୋମାଣ୍ଟିକ୍ ଆଲ୍‌ବମ୍ ସିରିଜ୍ 'ମଡର୍ଣ୍ଣ ଲଭ୍ ମୁମ୍ବାଇ' (୨୦୨୨)ରେ ପ୍ରଯୋଜନା ସହିତ ଅଭିନୟ କରିଛନ୍ତି। 'ୟେ ସାଲି ଜିନ୍ଦେଗୀ' ଚଳଚ୍ଚିତ୍ରରେ ସୁନ୍ଦର ଅଭିନୟ ତାଙ୍କୁ ଜଣେ ସଫଳ ଅଭିନେତ୍ରୀର ପରିଚୟ ଦେଇଥିଲା। ଜନ୍ ପାନ୍‌କେକ୍ (ୱାଶିଂଟନ୍ ପୋଷ୍ଟ) ଲେଖିଛନ୍ତି, "ଚିତ୍ରାଙ୍ଗଦା ଜଣେ ସଫଳ ଅଭିନେତ୍ରୀ ଏବଂ ସେ ନିଜର ନିଖୁଣ ଅଭିନୟ ପ୍ରଦର୍ଶନ କରିବାକୁ ସବୁବେଳେ ଧାନ ଦେଇଥାନ୍ତି"। ଚିତ୍ରାଙ୍ଗଦା ଗୁଲ୍‌ଜାର୍‌ଙ୍କ ମ୍ୟୁଜିକ୍ ଭିଡିଓ 'ସନ୍‌ସେଟ୍ ପଏଣ୍ଟ' ରେ ଅଭିନୟ କରିବା ପରେ ସମସ୍ତଙ୍କ ଦୃଷ୍ଟିକୁ ଆସିଥିଲେ।

ପାରମ୍ପରିକ ରାଜସ୍ଥାନୀ ଶୈଳୀର ଶାଢ଼ି ଓ ପୋଷାକକୁ ଆଧୁନିକତାର ସ୍ପର୍ଶରେ ବିଶ୍ୱରେ ପ୍ରଚାରପ୍ରସାର କରି ପୁଣିଥରେ ସେ ଚର୍ଚ୍ଚାକୁ ଆସିଛନ୍ତି। 'ଚିତ୍ରାଙ୍ଗଦାର ସୁନ୍ଦର ସ୍ୱରୂପ' ସ୍ଲୋଗାନ୍ ମାଧମରେ ସେ ନିଜର ଶାଢ଼ି ଓ ପୋଷାକକୁ ନିଜେ ମଡେଲିଂ କରି ବିଭିନ୍ନ ଆଧୁନିକ ପୋଷାକ ପ୍ରଦର୍ଶନୀରେ ସୁଖ୍ୟାତି ପାଉଛନ୍ତି। ପାରମ୍ପରିକ ସୁଟ୍ ଓ ଶାଢ଼ି ସହ ମହିଳାମାନେ ନିଜ ଅଞ୍ଚଳରେ ପ୍ରଚଳିତ ପୋଷାକକୁ ଆଧୁନିକ ଲୁକ୍ ଦେଇପାରିବେ ବୋଲି ଦୃଢ଼ ଭାବେ କହନ୍ତି ଚିତ୍ରାଙ୍ଗଦା। ତାଙ୍କର ଏକ ଆକର୍ଷଣୀୟ ବାଇଗଣୀ ରଫଲ୍ ଶାଢ଼ି ଓ ଷ୍ଟାଇଲିସ୍ ରାଜସ୍ଥାନୀ ଲେହେଙ୍ଗା ବେଶ୍ ଆଦୃତ ହୋଇଛି। ଏହି ପୋଷାକ ଓ ଶାଢ଼ି ବ୍ୟବସାୟର ସଫଳତା ଚିତ୍ରାଙ୍ଗଦାଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିଛି। ଏବେ ମଡେଲିଂ ସହ ବ୍ୟବସାୟ କରିବାକୁ ପ୍ରସ୍ତୁତ ବୋଲି ବିଭିନ୍ନ ପ୍ରଦର୍ଶନୀରେ ସୂଚନା ଦେଉଛନ୍ତି।

ଚିତ୍ରାଙ୍କ ଦ୍ୱାରା ପ୍ରସ୍ତୁତ ଅତ୍ୟନ୍ତ ସୂକ୍ଷ୍ମ ସୂତାରେ ହାତରେ ଏମ୍ବ୍ରୋଡୋରି ହୋଇଥିବା ଏକ ଶୁଦ୍ଧ ସଫେଦ୍ ଶାଢ଼ି ତଥା ଚିତ୍ତାକର୍ଷକ ଦର୍ପଣ-କ୍ରମଯୁକ୍ତ ଲେହେଙ୍ଗା, ହଳଦିଆ ରଙ୍ଗ ବିଶିଷ୍ଟ ଏକ ହାଲୁକା ଦୁପଟ୍ଟା ସଙ୍ଗକୁ ନେଟ୍ ଲଙ୍ଗ୍ ଫୁଲ୍ ସ୍ଲିଭ୍ ଡ୍ରେସ୍ ସହିତ ରାଜସ୍ଥାନର ମୌଳିକ ଆଧୁନିକ ଅନାର୍‌କଲି ଶାଢ଼ି ସବୁଠୁ ବେଶି ପ୍ରସିଦ୍ଧି ପାଇଛି।



# ନାରୀବିଦ୍ୱେଷର ନୂଆ ଚରାଭୂଇଁ ଟେଲିଗ୍ରାମ୍ ଓ ରେଡିଟ୍




ଭାରତରେ ଇଣ୍ଟର୍‌ନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିବା ସହିତ ଡିଜିଟାଲ୍ ଦୁନିଆ ଅଧିକରୁ ଅଧିକ ଆପତ୍ତିଜନକ ସାମଗ୍ରୀ ଓ ବେଆଇନ କାର୍ଯ୍ୟକଳାପର ମଞ୍ଚ ପାଲଟୁଛି। 'ଟେଲିଗ୍ରାମ୍' ଓ 'ରେଡିଟ୍' ପରି ସାମାଜିକ ଗଣମାଧମ ନାରୀ ବିଦ୍ୱେଷ ପ୍ରସାରର ଚରାଭୂଇଁ ପାଲଟିଥିବା ବିଭିନ୍ନ ରିପୋର୍ଟରୁ ପ୍ରକାଶ ପାଇଛି। ମୁଖ୍ୟତଃ ଏ ଦୁଇଟି ସାମାଜିକ ଗଣମାଧମରେ ବ୍ୟବହାରକାରୀଙ୍କ ପରିଚୟ ଗୋପନୀୟ ରଖିବାର ସୁବିଧା ଥିବାରୁ ପୁରୁଷମାନେ ଗ୍ରୁପ୍ ଖୋଲି ବେଧଡ଼କ ନାରୀଙ୍କ ଉତ୍ପୀଡ଼ନ, ନାରୀବିରୋଧୀ ଘୃଣା ପ୍ରସାର, ସେମାନଙ୍କୁ ଭୋଗ୍ୟବସ୍ତୁ ଭଳି ଦେଖାଇବା, ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ପ୍ରସାରଣ, ସେମାନଙ୍କ ଫଟୋ ଅନୁମତି ବିନା ପ୍ରସାର କରିବା ଓ ଅଶ୍ଳୀଳ ଟିପ୍ପଣୀ ଦେବା ଆଦି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ପରିଚୟର ଗୋପନୀୟତା ଯୋଗୁଁ ସେମାନେ ଏଭଳି ପାଶବିକ ଆଚରଣ ପ୍ରକାଶ କରନ୍ତି, ଯାହା ସେମାନେ ବ୍ୟକ୍ତିଗତ ଜୀବନରେ ପ୍ରକାଶ କରିବାକୁ ଭୟ କରିଥାନ୍ତି। ଏଭଳି ଆଚରଣ ମହିଳାଙ୍କୁ ସିଧାସଳଖ ଯୌନ ଉତ୍ପୀଡ଼ନା ଦେବାରୁ ଆରମ୍ଭ କରି ସମଗ୍ର ଭାବେ ପୁରୁଷମାନଙ୍କ ମନରେ ନାରୀବିଦ୍ୱେଷର ମାନସିକତାକୁ ଅଧିକ ସୁଦୃଢ଼ କରୁଛି, ଯାହା ସେମାନଙ୍କୁ ନାରୀବିରୋଧୀ ଅପରାଧ ଭିଆଇବା ଲାଗି ମଧ ପ୍ରବର୍ତ୍ତାଉଛି। ଅଣଲାଭକାରୀ ସଂସ୍ଥା 'କମନ୍ ସେନ୍‌ସ ମିଡିଆ' ଦ୍ୱାରା ନିକଟରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଅର୍ଦ୍ଧେକ ନାବାଳକ/ନାବାଳିକା ୧୩ ବର୍ଷ ଛୁଇଁବା ପୂର୍ବରୁ 'ପର୍ନ' ବା ଅଶ୍ଳୀଳ ଭିଡିଓର ସଂସ୍ପର୍ଶରେ ଆସୁଛନ୍ତି। ଉକ୍ତ ସର୍ବେକ୍ଷଣରେ ଭାଗ ନେଇଥିବା ୧୩ରୁ ୧୭ ବର୍ଷର ନାବାଳକ/ନାବାଳିକାଙ୍କ ମଧ୍ୟରୁ ଅଧିକାଂଶ ସ୍ୱୀକାର କରିଥିଲେ ଯେ ସେମାନେ ଦେଖିଥିବା 'ପର୍ନ'ରେ ବଳାତ୍କାର, ମହିଳାଙ୍କ ଗଳା ଚିପିବା ଭଳି ହିଂସାତ୍ମକ ଆଚରଣ ଅନ୍ତର୍ଭୁକ୍ତ ଥିଲା। ଏଭଳି ଦୃଶ୍ୟ ପିଲାଙ୍କ ମନରେ ହିଂସାତ୍ମକ ଆଚରଣ ପ୍ରତି ସହନଶୀଳତା ସୃଷ୍ଟି କରିଥାଏ, ଯାହା ସାମାଜିକ ରୀତିନୀତିକୁ ମଧ ସମୟକ୍ରମେ ବଦଳାଇଦିଏ।

ଏକ୍ସ (ଟ୍ୱିଟର୍) ଓ ୟୁଟ୍ୟୁବ୍ ପରି ସାମାଜିକ ଗଣମାଧମରେ ନାରୀବିଦ୍ୱେଷ ପ୍ରସାରକାରୀ କ୍ଷତିକାରକ କଣ୍ଟେଣ୍ଟଗୁଡ଼ିକୁ ହଟାଇବାର ପ୍ରାବଧାନ ଥିବା ବେଳେ ଟେଲିଗ୍ରାମ୍ ଓ ରେଡିଟ୍‌ରେ ଅନୁରୂପ ଲଗାମ ନାହିଁ, ଯାହା ଜାରି କରିବା ଜରୁରି। ସେହିପରି ମହିଳାମାନେ ଅନ୍‌ଲାଇନ୍ ଉତ୍ପୀଡ଼ନର ଶିକାର ହେଲେ ତୁରନ୍ତ ଆଇନର ସହାୟତା ନେବା ଆବଶ୍ୟକ। ଇନ୍‌ଫର୍ମେସନ୍ ଟେକ୍‌ନୋଲୋଜି ଆଇନ ଓ ଡିଜିଟାଲ୍ ପର୍ସନାଲ୍ ଡେଟା ପ୍ରଟେକ୍‌ସନ୍ ଆଇନ ଏ ଦିଗରେ ମହିଳାଙ୍କୁ ସୁରକ୍ଷା ଦେଇଥାଏ। ତେବେ ଡିପ୍‌ଫେକ୍ ଓ ଗେମିଂ ମଞ୍ଚରେ ଉତ୍ପୀଡ଼ନରୁ ସୁରକ୍ଷା ଦେବା ଲାଗି ଆଇନ ନବୀକୃତ ହେବା ଉଚିତ ବୋଲି ବିଶେଷଜ୍ଞମାନେ କହିଥାନ୍ତି। ଇଣ୍ଟର୍‌ନେଟ୍ ଦେଶର ସୀମାରେ ଆବଦ୍ଧ ନଥିବାରୁ ଏଥିରେ ପ୍ରସାର ହେଉଥିବା ନାରୀ ବିଦ୍ୱେଷକୁ ରୋକିବା ଲାଗି ମିଳିତ ଅନ୍ତର୍ଜାତୀୟ ଉଦ୍ୟମ ମଧ ଅତ୍ୟାବଶ୍ୟକ।

# ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ଏମିଲି

ପ୍ରେମ ଏକ ଛୋଟିଆ ଶବ୍ଦ ହେଲେ ମଧ ତାହାର ଗଭୀରତା କୌଣସି ବାଧା ମାନେନାହିଁ। ଗୋଟିଏ ହୃଦୟ ସହିତ ଅନ୍ୟ ଏକ ହୃଦୟର ମିଳନରେ କୌଣସି ନଥିପତ୍ରର ପ୍ରୟୋଜନ ମଧ ହୁଏନାହିଁ। ଜାତି, ବର୍ଣ୍ଣ, ଦେଶର ଭେଦାଭେଦ ସବୁକିଛି ଅତିକ୍ରମ କରି ଯାହା ରହିଯାଏ ତାହା କେବଳ ପ୍ରେମ। ଏମିଲି ଜାଣିଥିଲେ ଯେ ତାଙ୍କର ପ୍ରେମ ସାଧାରଣ ପ୍ରେମ ନୁହେଁ। ତାଙ୍କର ପ୍ରେମିକ ପୁରୁଷଜଣକ ଗୋଟିଏ ଦେଶର ନାୟକ, ନିଆଁର ଗୋଲକ, ଭାରତମାତାଙ୍କର ଜଣେ ବିପ୍ଲବୀ ପୁତ୍ର, ଯାହାଙ୍କର ବୁଟ୍ ଶବ୍ଦ ଇଂରେଜ ସାମ୍ରାଜ୍ୟ ଓଲଟପାଲଟ କରିଦେବାରେ ସକ୍ଷମ। କିନ୍ତୁ ପ୍ରେମ ହେଲେ ଆଗ୍ନେୟଗିରିର ଲାଭା ମଧ ନଦୀରେ ଆସି ମିଶିଯାଏ। ବିଦ୍ରୋହ ଯେତେବେଳେ କ୍ଲାନ୍ତ ହୋଇଯାଏ ପ୍ରେମ ସେତେବେଳେ ଶାନ୍ତିର ଶୀତଳ ଛାୟା ପ୍ରଦାନ କରିଥାଏ। ଗୋଟିଏ ରକ୍ଷଣଶୀଳ ଅଷ୍ଟ୍ରୀୟ ପରିବାରରେ ଜନ୍ମିତ କନ୍ୟା ଏମିଲିଙ୍କ ପରିବାର ପକ୍ଷରୁ ତାଙ୍କୁ ନନ୍(ସନ୍ୟାସିନୀ) ହେବାପାଇଁ ପ୍ରବଳ ଚାପ ଦିଆଯାଉଥାଏ, ଠିକ୍ ସେତିକିବେଳେ ଏମିଲିଙ୍କର ସାକ୍ଷାତ ହୁଏ ସୁଭାଷଙ୍କ ସହିତ। ସୁଭାଷ ତାଙ୍କର ପ୍ରଥମ ପୁସ୍ତକ 'ଇଣ୍ଡିଆନ୍ ଷ୍ଟ୍ରଗଲ୍' ଲେଖିବା ସମୟରେ ଏମିଲି ଥିଲେ ତାଙ୍କର ସେକ୍ରେଟାରୀ। ମନ ତ ଭୀଷଣ ଲଗାମଛଡ଼ା, କୁଆଡ଼େ ଯାଇ ନିଜକୁ ସମର୍ପଣ କରିଦିଏ ନିଜେ କିମ୍ବା ଅନ୍ୟକେହି ଜାଣି ପାରନ୍ତି ନାହିଁ। ସେହିପରି ୨୫ ବର୍ଷ ବୟସ୍କା ସୁନ୍ଦରୀ ତଥା ବୁଦ୍ଧିମତୀ ଏମିଲି ମଧ ଜାଣି ପାରିନଥିଲେ ୩୭ ବର୍ଷ ବୟସ୍କ ସୁଭାଷଙ୍କୁ ଦେଖିବା ପରେ ତାଙ୍କ ଭିତରେ କେମିତି ଏ ପ୍ରେମ ଜନ୍ମ ନେଇଥିଲା! ଏମିଲିଙ୍କର ପ୍ରେମକୁ ସମ୍ମାନ ଦେଇଥିଲେ, ବିବାହ କରି ସ୍ତ୍ରୀର ମର୍ଯ୍ୟାଦା ଦେଇଥିଲେ ଭାରତର ସ୍ୱାଧୀନତା ଆନ୍ଦୋଳନର ମହାନାୟକ ସୁଭାଷ ଚନ୍ଦ୍ର ବୋଷ। ଉଭୟଙ୍କର ପ୍ରେମର ପ୍ରତୀକ କନ୍ୟା ଅନୀତାକୁ ନେଇ ମାତ୍ର ତିନିବର୍ଷ ଥିଲା ସେମାନଙ୍କର ସୁଖର ସଂସାର। ସୁଭାଷ ଯେ ଦେଶମାତୃକା ପାଖରେ ଶପଥ କରିଥିଲେ, ତେଣୁ ତାଙ୍କ ପାଇଁ ସୁଖର ସଂସାର ଥିଲା କଣ୍ଟା ସଦୃଶ।



